

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-11 •SUNDAY •05 JULY 2026 •PAGE-12+4 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୧୧ •ରବିବାର •୦୫ ଜୁଲାଇ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦


## ଲଘୁଚାପ ସକ୍ରିୟ

# ଆଜି ୯ ଜିଲ୍ଲାରେ ଛେଚିବ

## ୭ ତାରିଖ ଯାଏଁ ଲାଗିରହିବ ବର୍ଷା; ୩ ଜିଲ୍ଲାକୁ ରେଡ୍ ଆଲର୍ଟ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଛି। ଗତ ୨ ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏପଟେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବର୍ଷାର ପ୍ରକୋପ ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।



କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୩୩ ଘଣ୍ଟା ମଧ୍ୟରେ ଗଞ୍ଜାମ ଛତ୍ରପୁରରେ ସର୍ବାଧିକ ୧୩୮.୭ ମିଲିମିଟର ବର୍ଷା ହୋଇଛି। ସେହିପରି କୋରାପୁଟରେ ୧୦୮ ମିଲିମିଟର, ଗୋପାଳପୁରରେ ୧୦୭.୮ ମିଲିମିଟର, ବାରିପଦାରେ ୧୦୪ ମିଲିମିଟର, ଚାନ୍ଦବାଲିରେ ୯୧.୬ ମିଲିମିଟର ବର୍ଷା ହୋଇଛି। ଏତଦବ୍ୟତୀତ କଟକ ଓ ଭୁବନେଶ୍ୱରରେ ୮୮.୬ ମିଲିମିଟର, ପୁରୀରେ ୭୬ ମିଲିମିଟର, ନୟାଗଡରେ ୮୯ ମିଲିମିଟର, ସୋନପୁରରେ ୭୩.୪ ମିଲିମିଟର, ବରଗଡ଼ରେ ୭୨.୪ ମିଲିମିଟର, ଖୋର୍ଦ୍ଧାରେ ୮୮ ମିଲିମିଟର, ଜଗତସିଂହପୁରରେ ୭୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଶନିବାର ସକାଳ ୮ଟା୩୦ରୁ ସନ୍ଧ୍ୟା ୫ଟା ୩୦ ମିନିଟ ମଧ୍ୟରେ କୋରାପୁଟରେ ସର୍ବାଧିକ ୬୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୬୭ ମିଲିମିଟର, ଭୁବନେଶ୍ୱରରେ ୪୫.୬ ମିଲିମିଟର, କଟକରେ ୩୨.୪ ମିଲିମଟର,

▶ପୃଷ୍ଠା-୭

## ମୁକାବିଲା ପାଇଁ ସଜାଗ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପ କାରଣରୁ ରାଜ୍ୟବ୍ୟାପୀ ବର୍ଷା ଜାରି ରହିଛି। ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ବେଳେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଥିବା କହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ (ଏସଇଓସି) ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଥିବା ସୂଚନା ମିଳିଛି।

ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର

▶ପୃଷ୍ଠା-୭

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

## ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ ଗୃହ କାର୍ଯ୍ୟ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଚଳିତ ବର୍ଷ ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଆସନ୍ତା ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଆଜି ସୂଚନା ଦେଇଛନ୍ତି। ପ୍ରାୟ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏବଂ ଦେଶର ବିଭିନ୍ନ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଏହି ଅଧିବେଶନ ବିଶେଷ କରି ଦୁଇଟି ପ୍ରସଙ୍ଗ ନେଇ ସରଗରମ ରହିବ। ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ନିଜର ପଦ ହରାଇବେ ବୋଲି ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ। ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ। ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ



### ରାଜନାଥ ଓ ମନ୍ତ୍ରିପଦ ବିଲ୍‌କୁ ନେଇ ସରଗରମ ରହିବ ସଂସଦ

### ଉଠିବ ଆଞ୍ଚଳିକ ଦଳରେ ବିଭାଜନ ପ୍ରସଙ୍ଗ

ବରଖାସ୍ତ କରିପାରିବେ। ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି। ଅନ୍ୟପକ୍ଷରେ କେବଳ ସମ୍ବିଧାନ ସଂଶୋଧନ ଦ୍ୱାରା ଏହି ବିଲ୍ ପାସ୍ କରାଯାଇପାରିବ। ଏଥିପାଇଁ ଉଭୟ ଗୃହରେ ଦୁଇ ତୃତୀୟାଂଶ ଉପସ୍ଥିତ ସଭ୍ୟଙ୍କ ସମର୍ଥନ ଦରକାର। ରାଜ୍ୟସଭାରେ ସରକାର ଏହି ସଂଖ୍ୟାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ଲୋକସଭାରେ ବିଭିନ୍ନ ଦଳରେ ବିଭାଜନ ସତ୍ତ୍ୱେ ଆହୁରି ୪୦

▶ପୃଷ୍ଠା-୭

# ରାଜଧାନୀ ଡ୍ରେନ୍‌ରେ ଭାସିଗଲେ ଯୁବକ

■ ଭୁବନେଶ୍ୱର, ୪।୭ (ସମିସ): ପୁଣି ଜୀବନ ନେଲା ରାଜଧାନୀର ମୁକୁଳା ଡ୍ରେନ୍। ସହିଦନଗର ଥାନା ବାଣୀବିହାର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଡ୍ରେନ୍ ନମ୍ବର ୪ରେ ଭାସିଯାଇ ଆଜି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣକ ସ୍ଥାନୀୟ ପଥରବନ୍ଧ ବସ୍ତିର ବାସିନ୍ଦା ଅନିଲ ସିଂହ। ତାଙ୍କ ବୟସ ୩୫ ବୋଲି ଜଣାପଡ଼ିଛି। ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରିବାକୁ ଯାଇଥିଲା ବେଳେ ଡ୍ରେନ୍‌ରେ ଗୋଡ଼ ଖସିଯିବାରୁ ସେ ଭାସିଯାଇ ପାଣି ଭିତରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ମଧ୍ୟ ଖୋଜାଖୋଜି କରୁଛନ୍ତି। ୬ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କ କୌଣସି ପତ୍ତା ମିଳିପାରି ନାହିଁ। ସ୍ଥିତି ଅନୁଧ୍ୟାନ କରିବାକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଏମ୍‌ସି କମିସନର ଚଞ୍ଚଳ ରଣା ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ।



ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ, ଅନିଲ ପେଶାରେ ଜରି ଏବଂ ପ୍ଲାଷ୍ଟିକ୍ ବୋତଲ ଗୋଟାଳି। ଗୋଟିଏ ବସ୍ତା ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ପରେ ଆଉ ଗୋଟିଏ ବସ୍ତା ବୋତଲ ସଂଗ୍ରହ କରିବାକୁ ଡ୍ରେନ୍ ଭିତରେ ପଶିଥିଲେ। ସେହି ସମୟରେ ତାଙ୍କର ଗୋଡ ଖସିଯିବାରୁ ସେ ଭାସି ଯାଇଛନ୍ତି। ଡ୍ରେନରେ ଥିବା ଅଳିଆରେ ଯୁବକ ଜଣକ ପୋତି ହୋଇଯାଇଥିବା ଆଶଙ୍କା କରାଯାଉଛି ବୋଲି ରାଜ୍ୟ ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସେସ କମାଣ୍ଡ ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ସମ୍ପର୍କରେ ଭୁବନେଶ୍ୱର ମେୟର ସୁଲୋଚନା କହିଛନ୍ତି, ଖବର ପାଇ କର୍ପୋରେଟର, ଅଧିକାରୀଙ୍କ ସମେତ ଆମେ ଘଟଣାସ୍ଥଳରେ ପହଞ୍ଚିଛୁ। ଏହି ଡ୍ରେନ

▶ପୃଷ୍ଠା-୭

### ଅଟୋକୁ ଧକ୍କାଦେଲା ଟ୍ରକ୍

## ବାପାପୁଅ ମୃତ, ମାଆ ଓ ଅଟୋ ଚାଳକ ଗୁରୁତର

■ କରଞ୍ଜିଆ, ୪।୭ (ସମିସ): ୨୨୦ନଂ ଜାତୀୟ ରାଜପଥର କାଳିକାପୁର ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ଟ୍ରକ୍ ଧକ୍କା ଦେବାରୁ ବାପାପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ମାଆ ଓ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତକ ଜ୍ଞାନସେନ କିସ୍କୁ ଓ ରାମରାଜ କିସ୍କୁ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ବଡ଼କା ପଞ୍ଚାୟତ ତରଠା ଗ୍ରାମର ବାସିନ୍ଦା ଜ୍ଞାନସେନ କିସ୍କୁ ନିଜ ସ୍ତ୍ରୀ ଓ ଛୋଟ ପୁଅ ରାମରାଜ କିସ୍କୁଙ୍କୁ ଅଟୋରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇ ଘରକୁ ଫେରୁଥିଲେ। କାଳିକାପୁର ନିକଟରେ ସେମାନେ ଯାଉଥିବା ଗାଡ଼ିକୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ଜ୍ଞାନସେନ ଓ ତାଙ୍କ ପୁଅ ରାମରାଜଙ୍କ ମୃତ୍ୟୁ ଘଟିଥିଲା। ଜ୍ଞାନସେନଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ କରଞ୍ଜିଆ ଚିକିତ୍ସାଳୟ ଓ ପରେ ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା

▶ପୃଷ୍ଠା-୭

### ରାମ ମନ୍ଦିର ଚାନ୍ଦା ଘୋଟାଲା ମାମଲାରେ ନୂଆ ମୋଡ଼

# ଦାନ ସୁନାକୁ ତରଳାଇ ବିସ୍କୁଟ କରିଦେଲେ !



■ ଅଯୋଧ୍ୟା, ୪।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ସାମଗ୍ରୀ ହେରଫେର ଓ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ହାତରେ ଏକ ନୂଆ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ମନ୍ଦିରରୁ ଚୋରି ହୋଇଥିବା ସୁନା ଓ ରୁପା ଗହଣାର ପରିଚୟ ଲୁଚାଇବା ପାଇଁ ଅଭିଯୁକ୍ତମାନେ ସେଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରିଥିବା ସନ୍ଦେହ କରାଯାଉଛି। ତଲାସୀ ସତ୍ତ୍ୱେ ଗହଣା ମିଳିନଥିବାରୁ ଏହି ଆଶଙ୍କା ଆହୁରି ଦୃଢ଼ ହୋଇଛି। ଏହି ସମ୍ବେଦନଶୀଳ ମାମଲାରେ ଏସ୍‌ଆଇଟି ତଦନ୍ତର ପରିସରକୁ ବ୍ୟାପକ କରିଛି। ଅଭିଯୁକ୍ତମାନଙ୍କ ସଂପର୍କୀୟମାନଙ୍କ ଘରେ ମଧ୍ୟ ଚଢ଼ାଉ କରାଯିବା ସହିତ ସେମାନଙ୍କର ବ୍ୟାଙ୍କ ଲକରର ମଧ୍ୟ ଯାଞ୍ଚ କରାଯାଉଛି।

ତଦନ୍ତକାରୀ ଦଳ ଆଜି ମନ୍ଦିରର ଦାୟିତ୍ୱରେ ଥିବା କେଡି ବାବୁଙ୍କ ସମେତ ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ ପଚରାଉଚରା କରିଛି। ମୁଖ୍ୟ ଅଭିଯୁକ୍ତ ଅବିନାଶ

▶ପୃଷ୍ଠା-୭

## ବଦ୍ରିନାଥରେ ବି ଦାନଅର୍ଥ ଚୋରି

■ ବଦ୍ରିନାଥ: ଅଯୋଧ୍ୟାର ରାମ ମନ୍ଦିର ପରେ ଏବେ ପ୍ରସିଦ୍ଧ ବଦ୍ରିନାଥ ଧାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି। ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। 'ଭୈରବ ସେନା' ନାମକ ଏକ ସଂଗଠନ ମନ୍ଦିର ସମିତିର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହକାରୀଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଆର୍ଥିକ ଅନିୟମିତତାର ଅଭିଯୋଗ ଆଣିବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲା। ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇ ମନ୍ଦିର ସମିତିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି ଯେ, ଅଭିଯୋଗ ଆସିଥିବା ସଂପୃକ୍ତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏକ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ କରାଯାଇଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋହନ ସିଂହ

▶ପୃଷ୍ଠା-୭



# ଥାନା କ୍ୱାର୍ଟର୍ସରେ ଝୁଲିପଡ଼ିଲେ ଇନ୍ସପେକ୍ଟର ବିୟୁଟି

■ କଟକ,୪।୭ (ସମିସ): ଚାଉଳିଆଗଞ୍ଜ ଥାନା ପରିସର କ୍ୱାର୍ଟର ଭିତରୁ ଆଇଆଇସି ବିୟୁଟି ମହାନ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ପୁଲିସ ମହଲରେ ଆଲୋଡନ ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲକୁ ପଠାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ଶ୍ରୀମତୀ ମହାନ୍ତି ଥାନାରେ

### ମୃତ୍ୟୁକୁ ନେଇ ନାନା ସନ୍ଦେହ

କାର୍ଯ୍ୟରତ ଥିଲେ। ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟରକୁ ଯାଇଥିଲେ। ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଙ୍ଗ ରୋଲ୍‌କଲ୍‌କୁ ଆସି ନଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟରକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ। ମାତ୍ର ରୁମ ଭିତରୁ କିଛି ଉତ୍ତର ମିଳି ନଥିଲା। ଏ ସମ୍ପର୍କରେ ଜୋନ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା। ପରେ ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯିବାରୁ ଆଇଆଇସିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ପକ୍ଷରୁ ଉକ୍ତ ରୁମକୁ ସିଲ୍ କରାଯାଇଛି। ପୁଲିସ କମିସନର ସିପି ଦେବଦତ୍ତ ସିଂ ଏବଂ କଟକ ଡିସିପି ଖିଲାରୀ ରଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ସ୍ୱାମୀ ଓ ପରିବାର ଲୋକେ ଏସସିବିରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣାସ୍ଥଳରୁ

▶ପୃଷ୍ଠା-୭

### ୪ ଦିନ ରୋଗୀ ଦହଗଞ୍ଜ ପରେ ଆଲୋଚନାକୁ ଆସିଲେ ରାଜ୍ୟ ସରକାର

# ଡାକ୍ତର ଆନ୍ଦୋଳନ ସ୍ଥଗିତ

■ ଭୁବନେଶ୍ୱର, ୪।୭ (ସମିସ): ଚାରି ଦିନ ହେଲା ଆନ୍ଦୋଳନରେ ଥିଲେ ଡାକ୍ତର। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ସାରା ରାଜ୍ୟରେ ରୋଗୀମାନେ ଦହଗଞ୍ଜ ହେଲେ। କେଉଁଠି ବଞ୍ଚିଥିବା ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିଲାନି ତ କେଉଁଠି ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇ ନ ପାରି ପଡ଼ି ରହିଲା।। ଶବ। ଆଉ କେତେକ ସ୍ଥାନରେ ଭୟରେ ରୋଗୀମାନେ ନ ଆସିବାରୁ ଡାକ୍ତରଖାନା ଶଯ୍ୟା ବି ଖାଲି ହୋଇଗଲା। ଏପଟେ ଡାକ୍ତରମାନଙ୍କୁ ଡରାଇବାକୁ ଯାଇ ସରକାର କାର୍ଯ୍ୟାନୁଷ୍ଠାନର ଧମକ ବି ଦେଲେ। ହେଲେ କିଛି ସୁଫଳ ମିଳିଲା ନାହିଁ, ଓଲଟା ଦିନକୁ ଦିନ ସମସ୍ୟା ବଢ଼ି ସ୍ଥିତି ବିଗିଡ଼ିବାରେ ଲାଗିଲା। ସ୍ୱାସ୍ଥ୍ୟ ସେବା ନ ମିଳିବା ଭଳି ଗୁରୁତର ସମସ୍ୟାରେ ସାରା ରାଜ୍ୟବାସୀ ଘାଣ୍ଟି ହେବା ପରେ ଶେଷରେ ସରକାର ଡାକ୍ତରମାନଙ୍କ ଦାବି ସଂପର୍କରେ ଆଲୋଚନା ପାଇଁ ରାଜି ହେଲେ। ଆଲୋଚନା ପରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି।

ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)ର କର୍ମକର୍ତ୍ତା ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କରିଥିଲେ। ଆଲୋଚନାରେ

### ଗଠନ ହେଲା ଉଚ୍ଚସ୍ତରୀୟ କମିଟି

### ଆସନ୍ତା ୨୨ରେ ବସିବ ବୈଠକ

ଡାକ୍ତରଙ୍କ ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ସହ ଅନ୍ୟାନ୍ୟ କେତେକ ନିଷ୍ପତ୍ତି ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ଶନିବାରଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଲୋଚନା ପରେ ଗଣଣାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ

▶ପୃଷ୍ଠା-୭

# ଇ-୨୦ ପେଟ୍ରୋଲକୁ ଦେଶସାରା ନା-ନା

## ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କଲା ଭୁଟାନ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସାରା ଦେଶରେ ଏବେ ଇ-୨୦ ପେଟ୍ରୋଲକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ଗୋଟିଏ ପଟେ, ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଇ-୨୦ ପେଟ୍ରୋଲ ଯୋଗୁଁ ଗତ କିଛି ମାସ ମଧ୍ୟରେ ସେମାନଙ୍କ ଗାଡ଼ିର ମାଇଲେଜ୍ ୩୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଏଥିଯୋଗୁ ଇଞ୍ଜିନ୍‌ରେ ସମସ୍ୟର ଏବଂ ଗାଡ଼ିର କାର୍ଯ୍ୟଦକ୍ଷତାରେ ହ୍ରାସ ହେଉଛି। ଏହି ସମସ୍ୟାଗୁଡ଼ିକ ପେଟ୍ରୋଲରେ ଅତ୍ୟଧିକ ଇଥାନଲ୍ ମିଶ୍ରଣ ଯୋଗୁ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାମଲା କୋର୍ଟରେ ପହଞ୍ଚିବା ସହିତ ଏହି ପ୍ରସଙ୍ଗ ରାଜନୈତିକ ରୂପ ନେଇଛି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଏଭଳି ଘଟଣା ମଧ୍ୟରେ ଭୁଟାନ୍ ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି।





### ଫୁଏଲ୍ ପମ୍ପ ଜାମ୍, ଇଞ୍ଜିନ୍ ଯନ୍ତ୍ରାଂଶରେ ଲାଗୁଛି କଳଙ୍କି

### ମାଇଲେଜ୍ କମୁଥିବା ନେଇ ପେଟ୍ରୋଲିୟମ୍ ମନ୍ତ୍ରୀ, ତେଲ କମ୍ପାନୀ ମୁଖ୍ୟଙ୍କ ସ୍ୱୀକାରୋକ୍ତି

କେନ୍ଦ୍ର ସରକାରଙ୍କ ଇ-୨୦ ନୀତି ଅନୁଯାୟୀ, ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ ବାଧ୍ୟତାମୂଳକ। ହେଲେ ଏହାକୁ ନେଇ ଦେଶରେ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଜନସାଧାରଣଙ୍କ ଅସନ୍ତୋଷର ମୁଖ୍ୟ କାରଣ ହେଉଛି, ଯାନବାହାନ ଦକ୍ଷତା ଏବଂ ଆର୍ଥିକ କ୍ଷତି ଚିନ୍ତା। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି ଯେ ଇ-୨୦ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଯାନବାହାନର ମାଇଲେଜ୍ ୧୦% ରୁ ୩୦%କୁ ହ୍ରାସ ପାଇଛି, ଯାହା ଫଳରେ ମାସିକ ଇନ୍ଧନ ଖର୍ଚ୍ଚ ବୃଦ୍ଧି ପାଇଛି। ଇ-୨୦ ଇନ୍ଧନ ସହ ସୁସଙ୍ଗତ ନ ଥିବା କାରଗୁଡ଼ିକର ଫୁଏଲ୍ ପମ୍ପ ଜାମ୍ ବେହା ସହ ରବର ହୋସ୍ ଏବଂ ଇଞ୍ଜିନ୍ର ଯନ୍ତ୍ରାଂଶଗୁଡିକ କଳଙ୍କି ଲାଗିବା ଭଳି ସମସ୍ୟା ଉପୁଜିଛି। ତଥାପି, ସରକାର ଏପରି ଅଭିଯୋଗଗୁଡିକୁ ଖଣ୍ଡନ କରିଛନ୍ତି। ଅପରପକ୍ଷେ ଖୋଦ୍ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ଏହି କଥାକୁ ସ୍ୱୀକାର କରିଛନ୍ତି ଯେ, ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି। ଏହାଛଡା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜୈବ ଇନ୍ଧନ) ଅନୁରାଗ

▶ପୃଷ୍ଠା-୭

# ୟୁରୋପରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ପ୍ରକୋପ

**ଫ୍ରାନ୍ସରେ ଗଲାଣି ୧୦ ହଜାର ଜୀବନ**



**ପ୍ୟାରିସ୍,୪।୭(ଏଜେନ୍ସି):** ୟୁରୋପରେ ଜାରି ରହିଥିବା ଐତିହାସିକ ଗ୍ରୀଷ୍ମପ୍ରବାହ ମଧ୍ୟରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଆଶଙ୍କା, ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ। ଜୁନ୍ ମାସର ସବୁଠାରୁ ଉତ୍ତପ୍ତ ସପ୍ତାହରେ ଫ୍ରାନ୍ସରେ ପ୍ରାୟ ୧୦ ହଜାରରୁ ଅଧିକ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ପୂର୍ବ ସପ୍ତାହ ତୁଳନାରେ ପ୍ରାୟ ୩୦ ପ୍ରତିଶତ ଅଧିକ। ୪୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ମୃତ୍ୟୁହାର ବେଶି ଥିବାବେଳେ ୬୫ ବର୍ଷରୁ ଅଧିକ ବୟସ୍କମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ରାଜଧାନୀ ପ୍ୟାରିସରେ ମୃତ୍ୟୁ ସଂଖ୍ୟା ସପ୍ତାହକ ମଧ୍ୟରେ ୬୨ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହା ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ପାଲଟିଛି। ଏପଟେ ଇଟାଲିରେ ମରୁଡ଼ି ପରିସ୍ଥିତି ଗୁରୁତର ହୋଇଥିବାବେଳେ ସ୍ୱିଜରଲ୍ୟାଣ୍ଡରେ ହିମବାହ ଦ୍ରୁତ ତରଳିବା ଜାରି ରହିଛି। ଜର୍ମାନୀ, ପୋଲାଣ୍ଡ, ସ୍ଲୋଭାକିଆ, ଚେକିଆ ଓ ହଙ୍ଗେରୀରେ ମଧ୍ୟ ନୂଆ ତାପମାତ୍ରା ରେକର୍ଡ ସୃଷ୍ଟି ହୋଇଛି। ୟୁରୋପରେ ବଢ଼ୁଥିବା ତାପପ୍ରବାହ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବକୁ ପୁଣିଥରେ ସ୍ପଷ୍ଟ କରିଛି। ବିଶେଷଜ୍ଞମାନଙ୍କ ମତରେ, ଭବିଷ୍ୟତରେ ଏଭଳି ଚରମ ପାଣିପାଗ ଘଟଣାର ମୁକାବିଲା ପାଇଁ ଦୀର୍ଘମିଆଦି ପ୍ରସ୍ତୁତି ଏବଂ ପ୍ରଭାବଶାଳୀ ଜଳବାୟୁ ନୀତି ଅପରିହାର୍ଯ୍ୟ।

# ବିଭିନ୍ନ ଦେଶରେ ଡ୍ରଗ୍ସ ଦେଇ ମହିଳାଙ୍କୁ ଯୌନ ନିର୍ଯାତନା



**ଗିରଫ ହେଲେଣି ୫୭ ଜଣ**

**ନୂଆଦିଲ୍ଲୀ, ୪।୭ (ଏଜେନ୍ସି):** ନଅଟି ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଭାବେ ମାଦକ ଦ୍ରବ୍ୟ ବ୍ୟବହାର କରି ଯୌନ ନିର୍ଯାତନା ଘଟାଉଥିବା ଏକ ଅନ୍ତର୍ଜାତୀୟ ଅପରାଧୀ ଚକ୍ରର ପର୍ଦ୍ଦାଫାସ ହୋଇଛି। ସାତଟି ଦେଶର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ମିଳିତ ତଦନ୍ତରେ ଏହି ଘଟଣା ସାମ୍ନାକୁ ଆସିଛି। 'ପ୍ରକଳ୍ପ ମେଡୁସା' ନାମକ ଏହି ଅଭିଯାନରେ ଜର୍ମାନୀ ଓ ବ୍ରିଟେନ୍‌ର ନେତୃତ୍ୱରେ ଆମେରିକା, ବ୍ରାଜିଲ୍, କାନାଡା, ଫ୍ରାନ୍ସ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଓ ସ୍ପେନ୍‌ର ସୁରକ୍ଷା ସଂସ୍ଥା ସହଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ସାଙ୍କେତିକ ବାର୍ତ୍ତା ଆଦାନପ୍ରଦାନ ମାଧ୍ୟମ ଓ ବନ୍ଦ ଆଲୋଚନା ଗୋଷ୍ଠୀ ଜରିଆରେ ଅପରାଧୀମାନେ ପରସ୍ପର ସହ ଯୋଗାଯୋଗ ରଖି ଅପରାଧ ଘଟାଇବାର ଉପାୟ, ପ୍ରମାଣ ଲୁଚାଇବାର କୌଶଳ ଓ ଅନ୍ୟାନ୍ୟ ସୂଚନା ବାଣ୍ଟୁଥିଲେ।

ଏପର୍ଯ୍ୟନ୍ତ ୧୫୦ରୁ ଅଧିକ ପୀଡ଼ିତ ଓ ସନ୍ଦିଗ୍ଧଙ୍କ ପରିଚୟ ମିଳିଥିବାବେଳେ ୨୭୦ରୁ ଅଧିକ ନୂତନ ତଦନ୍ତ ଆରମ୍ଭ ହୋଇଛି ଏବଂ ୫୭ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀ ସଂସ୍ଥାମାନଙ୍କ ମତରେ ପ୍ରକୃତ ପୀଡ଼ିତଙ୍କ ସଂଖ୍ୟା ଏହାଠାରୁ ଅଧିକ ହୋଇପାରେ। ଏହି ଘଟଣା ଡିଜିଟାଲ ମାଧ୍ୟମର ଅପବ୍ୟବହାର କରି ସଂଗଠିତ ଅପରାଧ କିପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜରେ ପରିଣତ ହେଉଛି, ତାହା ପୁଣିଥରେ ସ୍ପଷ୍ଟ କରିଛି। ଏଭଳି ଅପରାଧ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ, ଆଧୁନିକ ତଦନ୍ତ ବ୍ୟବସ୍ଥା ଏବଂ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି।

# ଖାଲିଦ୍, ସରଜିଲ୍‌ଙ୍କ ଜାମିନ ଆବେଦନ ପୁଣି ଖାରଜ



**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଦିଲ୍ଲୀରେ ୨୦୨୦ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଶନିବାର ଦିଲ୍ଲୀର ଏକ ଅଦାଲତ ଛାତ୍ର ନେତା ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଖାଲିଦ୍ ଏବଂ ଇମାମ ୟୁଏପିଏ ଅଧୀନରେ ପ୍ରାୟ ୬ ବର୍ଷ ଧରି ବିଚାର ବିଭାଗୀୟ ହାଜତରେ ଅଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ପର୍ଯ୍ୟବେକ୍ଷଣ ବେଳେ "ଜାମିନ ଏକ ନିୟମ' ବୋଲି କହିଥିଲେ। ଏହାକୁ ଖାଲିଦଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଭାବେ ପ୍ରସ୍ତୁତ କରି ଜାମିନ ଆବେଦନ କରାହୋଇଥିଲା। ସେହିପରି, ଇମାମ ଦର୍ଶାଇଥିଲେ ଯେ ସୁପ୍ରିମକୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାର ୬ ମାସ ପରେ ମଧ୍ୟ ମାମଲାରେ କୌଣସି ଉଲ୍ଲେଖନୀୟ ଅଗ୍ରଗତି ହୋଇନାହିଁ। ଜାନୁଆରୀ ୫ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟଙ୍କୁ ଜାମିନ ନାମଞ୍ଜୁର କରିଥିଲେ। ଏକ ବର୍ଷ ପରେ ଆବେଦନ କରିବାକୁ କହିଥିଲେ ସୁପ୍ରିମକୋର୍ଟ।

# ଆତଙ୍କବାଦୀ ତାଲିକାରେ ହାଫିଜ୍ ସୟିଦର ଭ୍ରାଇଁ

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର ଦିନ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରୁ ସକ୍ରିୟ ଥିବା ୨୩ ଜଣ ଅପରାଧୀଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ଅଯୋଧ୍ୟାର ରାମ ମନ୍ଦିର ଉପରେ ଗୁପ୍ତଚରୀ କରିଥିବା ଆତଙ୍କବାଦୀ ଏବଂ ଲସ୍କର-ଇ-ତୋଏବାର ମୁଖ୍ୟ ହାଫିଜ୍ ସୟିଦର ଭ୍ରାଇଁ ମଧ୍ୟ ସାମିଲ ଅଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ତାଲିକାରେ ଲସ୍କର-ଇ-ତୋଏବା ଏବଂ ଜୈଶ-ଇ-ମହମ୍ମଦ ଭଳି ସଂଗଠନର ବଡ଼ ବଡ଼ କମାଣ୍ଡର, ଅର୍ଥ ଯୋଗାଣକାରୀ ଏବଂ ସୀମାପାର ଅନୁପ୍ରବେଶକାରୀ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ୨୩ ଜଣଙ୍କ ମଧ୍ୟରୁ ୬ ଜଣ ଭାରତୀୟ ନାଗରିକ ଯେଉଁମାନେ ଏବେ ପାକିସ୍ତାନରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଛନ୍ତି।

# ୫୦ ବାଂଲାଦେଶୀଙ୍କୁ ସ୍ୱଦେଶ ଫେରାଇବ ତାମିଲନାଡୁ

**ଚେନ୍ନଇ,୪।୭(ଏଜେନ୍ସି):** ତାମିଲନାଡୁର ଏକ ସ୍ୱତନ୍ତ୍ର ଅଟକ ଶିବିରରେ ରହୁଥିବା ୫୦ ଜଣ ବାଂଲାଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସେମାନଙ୍କୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ତାମିଲନାଡୁରୁ ପଶ୍ଚିମବଙ୍ଗ ପଠାଯାଇଛି। ସେଠାରେ ସେମାନଙ୍କୁ ସୀମା ସୁରକ୍ଷା ବଳଙ୍କୁ ହସ୍ତାନ୍ତର କରାଯିବ, ଯିଏ କି ସମସ୍ତ ଔପଚାରିକତା ଶେଷ କରି ସେମାନଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବେ। ପୁଲିସର ସୂଚନା ଅନୁଯାୟୀ, ଏହି ଦଳରେ ୪୪ ଜଣ ପୁରୁଷ ଏବଂ ୬ ଜଣ ମହିଳା ଅଛନ୍ତି, ଯେଉଁମାନଙ୍କୁ ସେଲମ ଜିଲ୍ଲାର ଆତ୍ତୁର ତାଲୁକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱତନ୍ତ୍ର ଅଟକ ଶିବିରରେ ରଖାଯାଇଥିଲା। ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

# ବଢ଼ି ଚାଲିଛି ମମତାଙ୍କ ସଙ୍କଟ

## ଟିଏମ୍‌ସି ରାଜ୍ୟ ସଭାପତି ପଦ ଛାଡ଼ିଲେ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ



**'ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ'**

**କୋଲକାତା,୪।୭(ଏଜେନ୍ସି):**

ପଶ୍ଚିମବଙ୍ଗର କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମସି) ମଧ୍ୟରେ ଚାଲିଥିବା ଆଭ୍ୟନ୍ତରୀଣ ସଂକଟ ଆହୁରି ଗଭୀର ହେବାରେ ଲାଗିଛି। ଦଳର ମୁଖ୍ୟ ମମତା ବାନାର୍ଜୀଙ୍କୁ ଆଉ ଏକ ଶକ୍ତ ଧକ୍କା ଦେଇ ଶନିବାର ଦିନ ଟିଏମସିର ରାଜ୍ୟ ସଭାପତି ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ନିଜ ପଦବୀ ସମେତ ଦଳର ସମସ୍ତ ପୋଷ୍ଟରୁ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନରେ ପରାଜୟ ପରେ ସଂଗଠନର ପୁନର୍ଗଠନ କରି ମମତା ତାଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ମମତା ବାନାର୍ଜୀଙ୍କ ଅତି ନିକଟତମ ସହଯୋଗୀ ଭାବେ ଜଣାଶୁଣା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ନିଜ ଇସ୍ତଫା ପତ୍ରରେ ଦଳର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଏବଂ ନିର୍ବାଚନ କମିଶନଙ୍କ ସମ୍ମୁଖରେ ଦଳର ଅଧିକୃତ ପ୍ରତିନିଧି ପଦବୀରୁ ନିଜକୁ ପ୍ରତ୍ୟାହାର କରିନେଇଛନ୍ତି। ଇସ୍ତଫା ଦେବାର ସଙ୍ଗେ ସଙ୍ଗେ ସେ ବିଧାନସଭାରେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଚାଲିଥିବା ବିଦ୍ରୋହୀ ଗୋଷ୍ଠୀର ସଦସ୍ୟମାନଙ୍କୁ ଭେଟିଛନ୍ତି। ଅଧିକାଂଶ ବିଧାୟକଙ୍କ ସମର୍ଥନରେ ରତବ୍ରତ ବାନାର୍ଜୀ ବିଧାନସଭାରେ ବିରୋଧୀ ଦଳ ନେତା ହୋଇଛନ୍ତି, ଯଦିଓ ମମତା ବାନାର୍ଜୀ ବରିଷ୍ଠ ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିଲେ। ଗତ ଶୁକ୍ରବାର ଦିନ କୋଲକାତାରେ ଥିବା ମୁଖ୍ୟ କାର୍ଯ୍ୟାଳୟ 'ତୃଣମୂଳ ଭବନ'କୁ ବିଦ୍ରୋହୀ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇ ସେଠାରେ ତାଲା ପକାଇ ଦେଇଛନ୍ତି ଏବଂ ନିଜକୁ ଅସଲି ଟିଏମସି ବୋଲି ଦାବି କରିଛନ୍ତି। ଦଳର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ବହୁ ସଂଖ୍ୟକ ବିଧାୟକ ଦଳରୁ ଅଲଗା ହୋଇଯାଇଥିବା ବେଳେ ୨୦ ଜଣ ସାଂସଦ ଏକ ନୂଆ ଦଳ ଗଠନ କରି ଏନଡିଏକୁ ସମର୍ଥନ ଘୋଷଣା କରିଛନ୍ତି। ଚନ୍ଦ୍ରିମାଙ୍କ ଇସ୍ତଫା ପରେ ମମତା କ୍ୟାମ୍ପର ବିଧାୟକ କୁନାଲ ଘୋଷ ତାଙ୍କୁ ସମାଲୋଚନା କରିଛନ୍ତି। ମମତା କହିଛନ୍ତି ଯେ, ବିଜେପି ଦଳରେ ବିଭାଜନ ସୃଷ୍ଟି କରିବା ଏବଂ ନେତାମାନଙ୍କୁ ଦଳ ବଦଳ କରାଇବା ପାଇଁ ପଛରେ ରହି କାର୍ଯ୍ୟ କରୁଛି।କିଛି ଲୋକ ବେଆଇନ ଭାବେ ଦଳୀୟ କାର୍ଯ୍ୟାଳୟକୁ ଯାଇ ସେଠାରେ ତାଲା ପକାଇ ଦେଇଛନ୍ତି। ଏହି ପରିସରକୁ ୨୦୨୭ ଅକ୍ଟୋବର ପର୍ଯ୍ୟନ୍ତ ଭଡ଼ାରେ ନିଆଯାଇଥିଲା, ତେଣୁ ସେମାନଙ୍କ ସମ୍ପତ୍ତିକୁ କେହି ଜବରଦଖଲ କରିପାରିବେ ନାହିଁ। ରୋକିବାକୁ ହେଲେ ସେମାନଙ୍କୁ ମୋତେ ହତ୍ୟା କରିବାକୁ ହେବ ବୋଲି ସେ କହିଛନ୍ତି।





ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ଭାବପ୍ରବଣ ମୁହୂର୍ତ୍ତ

# ଫିଲ୍ମ ପ୍ରସାରଣ ନେଇ ଟେଲିଗ୍ରାମ୍‌କୁ କେନ୍ଦ୍ରର ନୋଟିସ୍

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ପାଇରେଟେଡ୍ ଚଳଚ୍ଚିତ୍ର ଓ ଓଟିଟି ମଞ୍ଚର ବିଷୟବସ୍ତୁ ବେଆଇନ ଭାବେ ପ୍ରସାରଣ ହେଉଥିବା ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଟେଲିଗ୍ରାମକୁ ନୋଟିସ ଜାରି କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୫ ଦିନ ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ଟେଲିଗ୍ରାମକୁ ପାଇରେଟେଡ୍ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଦୃଶ୍ୟଶ୍ରାବ୍ୟ ବିଷୟବସ୍ତୁ ଚିହ୍ନଟ, ଅଭିଯୋଗ ଗ୍ରହଣ, ଅପସାରଣ ଏବଂ ପ୍ରବେଶ ବନ୍ଦ କରିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ କହିଛି। ଏଥିସହ ବାରମ୍ବାର ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଚ୍ୟାନେଲ, ଗୋଷ୍ଠୀ, ସ୍ୱୟଂଚାଳିତ ଖାତା, ପ୍ରଶାସକ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ, ଓଟିଟି ମଞ୍ଚ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କ ଅଭିଯୋଗର ସମାଧାନ ପାଇଁ ଥିବା ବ୍ୟବସ୍ଥାର ବିବରଣୀ ମଧ୍ୟ ମାଗିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ କପିରାଇଟ୍ ଉଲ୍ଲଙ୍ଘନ ଭାରତରେ କେବଳ ଦେୱାନୀ ନୁହେଁ, ବରଂ ଏକ ଦଣ୍ଡନୀୟ ଅପରାଧ। ଦେଶର ସୃଜନଶୀଳ କ୍ଷେତ୍ର, ଚଳଚ୍ଚିତ୍ର ଶିଳ୍ପ, ପ୍ରସାରଣ ସଂସ୍ଥା ଏବଂ ଓଟିଟି ମଞ୍ଚର ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ପଦକ୍ଷେପ ନ ନେଲେ ପ୍ରଚଳିତ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଚାର କରାଯାଇପାରେ।

**୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ ନିର୍ଦ୍ଦେଶ**




# ମୁମ୍ବଇରେ ପ୍ରବଳ ବର୍ଷା; ରେଡ୍ ଆଲର୍ଟ ଜାରି

**ମୁମ୍ବଇ,୪।୭(ଏଜେନ୍ସି):** ମହାରାଷ୍ଟ୍ରର ମୁମ୍ବଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଆଇଏମ୍‌ଡି ପକ୍ଷରୁ ମୁମ୍ବଇ ଏବଂ ଥାନେ ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। ଏହାସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତ୍ୟଧିକ ବର୍ଷା ହେବାର ପୂର୍ବାନୁମାନ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର ରାମ ମନ୍ଦିର ଅଞ୍ଚଳରେ ସର୍ବାଧିକ ୨୦୬.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଭିଖ୍‌ରୋଲିରେ ୧୮୮ ମିଲି, ସାନ୍ତାକ୍ରୁଜରେ ୧୬୪.୧ ମିଲି ଏବଂ ବିଦ୍ୟାବିହାରରେ ୧୨୬ ମିଲି ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ମାଟୁଙ୍ଗାର ସେନାପତି ବାପଟ ମାର୍ଗ ଏବଂ ସିୟନ ଭଳି ତଳୁଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏପରିକି ମୁମ୍ବଇରେ ୨ ଜଣଙ୍କ ପ୍ରାଣହାନୀ ଘଟିଛି।

କିଛି ଦିନ ତଳେ ବର୍ଷା ପ୍ରଭାବରେ ଚେମ୍ବୁର ଅଞ୍ଚଳରେ ଏକ ଗଛ ସ୍କୁଲ ବସ୍ ଉପରେ ପଡ଼ିଯିବାରୁ ଜଣେ ୧୧ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ, ସାକିନାକା ଅଞ୍ଚଳରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଖୋଲା ମ୍ୟାନହୋଲରେ ପଡ଼ି ପ୍ରାଣ ହରାଇଛନ୍ତି। ଏହି ଘଟଣାଗୁଡ଼ିକ ପରେ ପୌର ପ୍ରଶାସନର ପ୍ରାକ୍-ମୌସୁମୀ ପ୍ରସ୍ତୁତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଏମ୍‌ସି ଶନିବାର ମଧ୍ୟାହ୍ନ ପରବର୍ତ୍ତୀ ଅଧିବେଶନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଗିରିଶ ମହାଜନ ନାଗରିକମାନଙ୍କୁ ଅତି ଜରୁରୀ କାମ ନଥିଲେ ଘରୁ ନବାହାରିବାକୁ ଅନୁରୋଧ କରିଛନ୍ତି। ମୁମ୍ବଇ ମେୟର ରୀତୁ ତାୱଡେ ନିଜେ ୱର୍ଲି ସମୁଦ୍ର କୂଳକୁ ଯାଇ ସେଠାରେ ବୁଲୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେଇଛନ୍ତି। ଜଳବନ୍ଦୀ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ ପରିଲକ୍ଷିତ ହୋଇଛି।

# ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକରେ ଆତଙ୍କବାଦୀଙ୍କୁ ପ୍ରଶଂସା!





**ଶ୍ରୀନଗର,୪।୭(ଏଜେନ୍ସି):** ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦିତ ବୋଲି କୁହାଯାଉଥିବା ଏକ ପୁସ୍ତକକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ପୁସ୍ତକରେ ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀ ନେତାଙ୍କୁ ପ୍ରଶଂସା କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀର ସମ୍ପର୍କରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। 'ଜମ୍ମୁ-କାଶ୍ମୀରର ବ୍ୟକ୍ତିତ୍ୱ ଓ କିମ୍ବଦନ୍ତୀ' ନାମକ ଏହି ପୁସ୍ତକରେ ନିଷିଦ୍ଧ ସଂଗଠନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ସକାରାତ୍ମକ ଭାବେ ଉପସ୍ଥାପନ କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀରକୁ ନେଇ ବିବାଦୀୟ ଶବ୍ଦ ପ୍ରୟୋଗ ହୋଇଥିବା ଅଭିଯୋଗ ଉଠିଛି। ପୁସ୍ତକରେ ସମଗ୍ର ଶିକ୍ଷା ଜମ୍ମୁ-କାଶ୍ମୀରର ପ୍ରତୀକ ଚିହ୍ନ ଥିବାରୁ ଏହା କିପରି ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦନ ପାଇଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ବିରୋଧୀ ଦଳ ଏହି ପୁସ୍ତକକୁ ତୁରନ୍ତ ନିଷିଦ୍ଧ କରିବା ସହ ଏହାର ପ୍ରକାଶନ, ଅନୁମୋଦନ ଓ ବିତରଣ ସହ ଜଡ଼ିତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ହାଇଦରାବାଦ୍‌ରେ ୧୨୨ ଟନ୍ ଭେଜାଲ ଖାଦ୍ୟ ଜବତ




**ହାଇଦରାବାଦ୍,୪।୭(ଏଜେନ୍ସି):** ହାଇଦରାବାଦ୍ ସହରରେ ଭେଜାଲ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ ଏକ ବଡ଼ ଧରଣର ଅଭିଯାନ ଚଳାଇଛି। ମାତ୍ର ୧୦୦ ଦିନ ମଧ୍ୟରେ ସ୍ୱତନ୍ତ୍ର ପୋଲିସ ଦଳ (ଏଚ୍-ଫାଷ୍ଟ) ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮୫ଟି ମାମଲା ରୁଜୁ କରିବା ସହ ପ୍ରାୟ ୧୨୨ ଟନ୍ ଅସୁରକ୍ଷିତ ଓ ନକଲି ଖାଦ୍ୟ ସାମଗ୍ରୀ ଜବତ କରିଛି। ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ପୋଲିସ ଦଳ ମହାନଗର ନିଗମ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ସହ ମିଶି ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ଜବତ ହୋଇଥିବା ମୁଖ୍ୟ ସାମଗ୍ରୀଗୁଡ଼ିକ ହେଲା ।୨୭ ଟନ୍ ଭେଜାଲ ଅଦା-ରସୁଣ ବଟା। ୨୫ ଟନ୍‌ରୁ ଅଧିକ କେମିକାଲ ଦ୍ୱାରା ପଚାଯାଇଥିବା ଫଳ। ୩୦ ଟନ୍‌ରୁ ଅଧିକ କୁକୁଡ଼ା ବର୍ଜ୍ୟବସ୍ତୁ ଏବଂ ୧୫ ଟନ୍ ନିମ୍ନମାନର ମାଂସ। ୪ ଟନ୍ ନକଲି ଖୋଆ, ୩.୯ ଟନ୍ ନକଲି ଚାହାର ଗୁଣ୍ଡ ଏବଂ ୧.୫ ଟନ୍ କୃତ୍ରିମ ପନୀର। ଏହା ବ୍ୟତୀତ ପ୍ରାୟ ୨୪୭ଟି ମାମଲାକୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ହାଇଦରାବାଦ୍ ପୋଲିସ କମିଶନରଙ୍କ କହିବା ଅନୁଯାୟୀ, ଖାଦ୍ୟରେ ଭେଜାଲ ମିଶାଇବା କୌଣସି ସାଧାରଣ ଅପରାଧ ନୁହେଁ, ବରଂ ଏହା ହତ୍ୟା ଉଦ୍ୟମ ସହ ସମାନ।

# ସାହାରା ମରୁଭୂମିକୁ ରୋକିବ ପ୍ରକୃତିର ମହାପ୍ରାଚୀର

**ନୂଆଦିଲ୍ଲୀ,୪।୭(ଏଜେନ୍ସି):**

ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ମରୁଭୂମିର ସମ୍ପ୍ରସାରଣକୁ ରୋକିବା ପାଇଁ ଆଫ୍ରିକା ମହାଦେଶରେ ଏକ ଅଭୂତପୂର୍ବ ପରିବେଶ ଆନ୍ଦୋଳନ ଆରମ୍ଭ ହୋଇଛି। ଚୀନର ମହାପ୍ରାଚୀର ପରେ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସବୁଜ ପ୍ରକଳ୍ପ ଭାବେ ଏକ ୮,୦୦୦ କିଲୋମିଟର ଦୀର୍ଘ 'ଗଛର ପ୍ରାଚୀର' ନିର୍ମାଣ କରାଯାଉଛି। ଆଟଲାଣ୍ଟିକ୍ ମହାସାଗର ଉପକୂଳର ସେନେଗାଲ୍‌ଠାରୁ ଆରମ୍ଭ କରି ଲୋହିତ ସାଗର କୂଳରେ ଥିବା ଜିବୁଟି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ନଷ୍ଟ ହୋଇଯାଇଥିବା ଜମିର ପୁନରୁଦ୍ଧାର କରିବା, ଜୀବିକା ଯୋଗାଇବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷୁଧାରୁ ମୁକ୍ତି ଦେବା। ଏହି ଐତିହାସିକ ପ୍ରକଳ୍ପ ଆଫ୍ରିକୀୟ ସଂଘ ଦ୍ୱାରା ୨୦୦୭ ମସିହାରେ ଆରମ୍ଭ କରାଯାଇଥିଲା। ସାହାରା ମରୁଭୂମିର ସୀମାନ୍ତରେ ଥିବା ଅର୍ଦ୍ଧ-ଶୁଷ୍କ ଅଞ୍ଚଳ 'ସାହେଲ୍'କୁ ବଞ୍ଚାଇବା ପାଇଁ ଏହି ଯୋଜନା ପ୍ରସ୍ତୁତ ହୋଇଛି। ଗତ କେତେ ଦଶନ୍ଧି ହେବ ଏହି ଅଞ୍ଚଳ କ୍ରମାଗତ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଏବଂ ଭୂମିର ଉର୍ବରତା ହ୍ରାସ ପାଇବା ଯୋଗୁଁ ସଙ୍କଟ ଦେଇ ଗତି କରୁଥିଲା। ଏହା ଦ୍ୱାରା ସ୍ଥାନୀୟ କୃଷି ଓ ଗୋପାଳନ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ଏବଂ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ। ପ୍ରାରମ୍ଭିକ ପରିକଳ୍ପନାରେ ଏହା କେବଳ ୧୫ କିଲୋମିଟର ଓସାରର ଏକ ସରଳ ଗଛର ଧାଡ଼ି ହେବାର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଅନୁଭବ କଲେ ଯେ କେବଳ ଗଛ ଲଗାଇବା ଅପେକ୍ଷା ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶର ସୁଧାର କରିବା ଅଧିକ ପ୍ରଭାବଶାଳୀ ହେବ। ତେଣୁ ବର୍ତ୍ତମାନ ଏହି ଅଭିଯାନରେ ସ୍ଥାନୀୟ ଜଳବାୟୁ ଅନୁଯାୟୀ ଜଙ୍ଗଲ, ତୃଣଭୂମି, ଆର୍ଦ୍ରଭୂମି ଏବଂ ଚାଷଜମିର ପୁନରୁଦ୍ଧାର କରାଯାଉଛି। ଫଳରେ ମାଟିର ଆର୍ଦ୍ରତା ବୃଦ୍ଧି ପାଉଛି ଏବଂ ଭୂତଳ ଜଳସ୍ତରରେ ସୁଧାର ଆସୁଛି। ଏହି ପ୍ରକଳ୍ପର କେତେକ ପ୍ରମୁଖ ଲକ୍ଷ୍ୟଗୁଡ଼ିକ ହେଉଛି, ୧୦୦ ନିୟୁତ ହେକ୍ଟର ନଷ୍ଟ ହୋଇଯାଇଥିବା ଭୂମିକୁ ପୁଣି ଉର୍ବର କରିବା। ବାୟୁମଣ୍ଡଳରୁ ୨୫୦ ନିୟୁତ ଟନ୍ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା। ଆଫ୍ରିକାର ସ୍ଥାନୀୟ ଅଞ୍ଚଳରେ ୧୦ ନିୟୁତ ସବୁଜ ରୋଜଗାର ସୃଷ୍ଟି କରିବା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ରୁ ଅଧିକ ଆଫ୍ରିକୀୟ ଦେଶ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେନେଗାଲ୍ ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରାୟ ୩୦ ନିୟୁତ ହେକ୍ଟର ଜମିକୁ ସବୁଜିମାରେ ପରିଣତ କରିସାରିଲେଣି। ଏହି ସବୁଜ ପ୍ରାଚୀର କେବଳ ଏକ ପରିବେଶ ପ୍ରକଳ୍ପ ନୁହେଁ, ବରଂ ଏହା ମାନବ ସମାଜ ଏବଂ ପ୍ରକୃତିର ମିଳନର ଏକ ମହାନ ପ୍ରତୀକ। ବିଭାଜନ ପାଇଁ ତିଆରି ହେଉଥିବା ଅନ୍ୟ ପ୍ରାଚୀରଗୁଡ଼ିକ ତୁଳନାରେ ଏହି ସବୁଜ ପ୍ରାଚୀର ସମାଜକୁ ଯୋଡ଼ିବା ଏବଂ ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛି। ଆଫ୍ରିକାର ଏହି ସଫଳ ପ୍ରୟାସ ବିଶ୍ୱର ଅନ୍ୟାନ୍ୟ ମରୁଭୂମି ପ୍ରବଣ ଅଞ୍ଚଳ ପାଇଁ ଆଗାମୀ ଦିନରେ ଏକ ଅନନ୍ୟ ଉଦାହରଣ ଏବଂ ପ୍ରେରଣା ସାଜିବ।



**ଆଫ୍ରିକାରେ ୮,୦୦୦ କିଲୋମିଟରର 'ଗଛର କାନ୍ଥ'**

**୨୦ରୁ ଅଧିକ ଦେଶ ଏହି ଅଭିଯାନରେ ସାମିଲ୍**

## ରାୟଗଡ଼ ରଘୁବାରୀ ଜଙ୍ଗଲରୁ ମାଓ ଡମ୍ପ୍ ଠାବ

ରାୟଗଡ଼ା, ୪।୭(ସମିସ): ରାୟଗଡ଼ ଜିଲ୍ଲା ଆମ୍ବୋଦଳା ଥାନା ଅଧୀନ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ମାଓ ଡମ୍ପରୁ ବନ୍ଧୁକ, ଗୁଳିଗୋଳା ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ ଏସପି ରାଜପ୍ରସାଦ ଏହି ସୂଚନା ଦେଇଛନ୍ତି। ନିକଟ ଅତୀତରେ ଆତ୍ମସମର୍ପଣ କରିଥିବା ମାଓ କ୍ୟାଡରଙ୍କଠାରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଗତ ୨ ଜୁଲାଇରେ ଡିଭିଏଫ୍ ଓ ଏସଓଜିର ମିଳିତ ଟିମ୍ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ଏକ ସନ୍ଦିଗ୍ଧ ମାଓ ଡମ୍ପ ଚିହ୍ନଟ ହୋଇଥିଲା। ସ୍ଥାନରେ ଆଇଇଡି କିମ୍ବା ବିସ୍ଫୋରକ ଥିବା ଆଶଙ୍କାରେ ଜିଲ୍ଲା ବୋମା ନିଷ୍କ୍ରିୟକରଣ ଦଳକୁ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସୁରକ୍ଷିତ ଭାବେ ଡମ୍ପରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଏକ .୩୦୩ ରାଇଫଲ, ଷ୍ଟେନ୍ ଗନର ବିଭିନ୍ନ ଅଂଶ, ୩୭ ରାଉଣ୍ଡ .୩୦୩ ଗୁଳି, ୨୫ ରାଉଣ୍ଡ ୯ ଏମ୍?ଏମ୍ ଗୁଳି, ଏକ ଦେଶୀ ବନ୍ଧୁକ, ଷ୍ଟେନ୍ ମାଗାଜିନ, ଆର୍‌ବିଜିଏଲ୍, କର୍ଡେକ୍ସ ତାର, ଗନ୍ ପାଉଡର, ମାଓ ସାହିତ୍ୟ ସହ ଦୈନନ୍ଦିନ ବ୍ୟବହାରର ବହୁ ସାମଗ୍ରୀ ରହିଛି।

**ବନ୍ଧୁକ, ଗୁଳି ଓ ବିପୁଳ ସାମଗ୍ରୀ ଜବତ**

ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ୍) ଡିଭିଜନର ଥିଲା। ଭବିଷ୍ୟତରେ ମାଓ କ୍ୟାଡରମାନଙ୍କ ବ୍ୟବହାର ପାଇଁ ଏହାକୁ ଜଙ୍ଗଲରେ ଲୁଚାଇ ରଖାଯାଇଥିଲା। ଏସପି ରାଜ ପ୍ରସାଦ କହିଛନ୍ତି ଯେ ରାୟଗଡ଼ ଜିଲ୍ଲା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ଜିଲ୍ଲା ହୋଇଛି। ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ ୧୫ ଜଣ ମାଓ କ୍ୟାଡର ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ମାଓବାଦୀଙ୍କ କୌଣସି ସକ୍ରିୟ ଗତିବିଧି କିମ୍ବା କାର୍ଯ୍ୟକଳାପ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଚଳିତ ମାସ ଗତ ୧୩ ଜୁନରେ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରୁ ଏକ ବଡ଼ ମାଓ ଡମ୍ପ ଠାବ କରାଯାଇଥିବା ବେଳେ, ରଘୁବାରୀରୁ ହୋଇଥିବା ଏହି ଜବତ ଗତ ଏକ ମାସ ମଧ୍ୟରେ ଦ୍ୱିତୀୟ ବଡ଼ ସଫଳତା। ରାୟଗଡ ପୁଲିସ,



ଏସଓଜି, ଡିଭିଏଫ୍ ଓ ସିଆରପିଏଫ୍‌ର ମିଳିତ ସହଯୋଗରେ ଆଗାମୀ ଦିନରେ ମଧ୍ୟ କମ୍ବିଂ, ସର୍ଚ୍ଚ ଓ ଏରିଆ ଡୋମିନେସନ୍ ଅପରେସନ୍ ଜାରି ରହିବ ବୋଲି ଏସପି କହିଛନ୍ତି।

---

**ଅଣସରରେ ଚାଲିଛି ଗୁପ୍ତ ସେବା**

## ମହାପ୍ରଭୁଙ୍କୁ ଲାଗିହେଲା ଫୁଲୁରୀ ତେଲ

ପୁରୀ,୪।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ଶନିବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ରବିବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇଦେଇଥାଏ।

ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ।



ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ। ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ଶନିବାର ଅପରାହ୍ନରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନୋଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆର୍ୟୁବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ଣତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

---

**ଡିଏନ୍‌ଏ ରିପୋର୍ଟ ଖୋଲିଲା ହତ୍ୟା ରହସ୍ୟ**

## ଗୁଣିଗାରେଡ଼ି ସନ୍ଦେହରେ ମାରି କୂଅରେ ଫିଙ୍ଗିଥିଲେ; ୩ ଗିରଫ

ବାରିପଦା/ଉଦଳା, ୪।୭(ସମିସ): ଡିଏନଏ ରିପୋର୍ଟ ଆସିବା ପରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ଅଢେଇ ବର୍ଷ ତଳେ ସଂଗଠିତ ଲୋମଟାଙ୍କୁରା ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇଛି। ଏ ଘଟଣାରେ ୩ଜ ଣଙ୍କୁ ଗିରଫ ମଧ୍ୟ କରାଯାଇଛି। ଫଳରେ ଅଜଣା ମୃତଦେହକୁ ଧରି ଅଢେଇ ବର୍ଷ ପରିଚୟ ପାଇଁ ଘାଣ୍ଟି ହୋଇ ଶେଷରେ ହତ୍ୟାକାରୀଙ୍କୁ

**ଅଢ଼େଇ ବର୍ଷ ପରେ ପର୍ଦ୍ଦାଫାସ୍ କଲା କ୍ରାଇମବ୍ରାଞ୍ଚ**

ପୁଲିସ ଗିରଫ କରିଛି ନାଟକର ପରିସମାପ୍ତି ଘଟାଇଛି। ସୂଚନା ମୁତାବକ, ୨୦୨୩ ନଭେମ୍ବର ୮ ତାରିଖରେ ଉଦଳା ଥାନା ବହୁବନ୍ଧ ସୁରେଇସାହି କାଜୁ ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ବୋରା ଭିତରେ ଭର୍ତ୍ତି ପଥର ବନ୍ଧା ଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ହେଲେ ମୃତକଙ୍କ ପରିଚୟ ପୁଲିସ ପାଇ ନ ଥିଲା। କେବଳ ଅଲଗା ଅଲଗା ଚପଲ ଘଟଣାସ୍ଥଳରୁ ପୁଲିସ ପାଇଥିଲା। ମୃତଦେହର ପରିଚୟ ନ ପାଇଥିବାବେଳେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡ଼ିଥିଲା। ଘଟଣାର ୩ ମାସ ପରେ ଏହି ମୃତଦେହ ଉଦ୍ଧାର ଘଟଣା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ମଧ୍ୟ ସବୁ ଦିଗରୁ ତଦନ୍ତ କରି ଥକି ପଡ଼ିଥିବାବେଳେ ଅଚାନକ ଗତ ଜୁନ ୧୭ ତାରିଖରେ ନିଖୋଜ ବାପାକୁ ଖୋଜିଖୋଜି ଥାନାରେ ପହଞ୍ଚିଥିଲେ ଶୁଖୁଆସାହି ଗ୍ରାମର ବିଶ୍ୱନାଥ ସିଂ। ସେତେବେଳେ ସେହି ଅଜଣା ମୃତଦେହ ପାଖରୁ ମିଳିଥିବା ଚପଲ ଦେଖି ତାହା ତାଙ୍କ ବାପା ଯୁବରାଜ ସିଂଙ୍କର ବୋଲି ଦାବି କରିଥିଲେ। ପରେ କ୍ରାଇମବ୍ରାଞ୍ଚ ତାଙ୍କ ଡିଏନଏ ନେଇ ପରୀକ୍ଷା କରାଇବା ପରେ ଶେଷରେ ସବୁ ରହସ୍ୟ ଖୋଲିଥିଲା। ଗୁଣି ଗାରେଡ଼ି ସନ୍ଦେହରୁ ଅତି ବୀଭତ୍ସ ଭାବେ ହତ୍ୟା କରାଯିବା ସହିତ ସବୁ ପ୍ରମାଣ ନଷ୍ଟ ଉଦ୍ୟମ କରାଯାଇଥିବା ଜଣାପଡିଛି। ଯୁବରାଜ ସିଂଙ୍କୁ ଗୁଣିଗାରେଡ଼ି ପାଇଁ ବଣସାହି ଗ୍ରାମର ସାନଗୌର ମୋହନ ସିଂ, ନରହରି ସିଂ ଓ ଜଣେ ନାବାଳକ ମିଶି ଅଢେଇ ବର୍ଷ ତଳୁ ବଡ଼ବିଲା ଗ୍ରାମ ହାଟକୁ ଡାକି ସେଠାରେ ଏକ ରଶି ସାହାଯ୍ୟ ତାଙ୍କ ବେକ ଚିପି ହତ୍ୟା କରିଥିଲେ। ହତ୍ୟା କରିବା ପରେ ତାଙ୍କୁ ନିକଟସ୍ଥ ଜଙ୍ଗଲରେ ରଖିଥିଲେ। ମଧ୍ୟାହ୍ନରେ ୨ଟି ବୋରାରେ ଭର୍ତ୍ତି କରି ସେଠାରୁ ଏକ ଗାଡ଼ିରେ ଲଦି ଉଦଳା ସୁରେଇସାହି କାଜୁ ଜଙ୍ଗଲକୁ ଆଣି ହତ୍ୟା କରିଥିବା ଦଉଡିକୁ ଉକ୍ତ ବୋରା ଉପରେ ବାନ୍ଧିବା ସହିତ ୫ଟି ପଥର ବାନ୍ଧି କୂଅରେ ପକାଇ ଦେଇଥିଲେ। ଘଟଣା ସମ୍ବନ୍ଧରେ ସମସ୍ତ ଦୋଷ ସ୍ୱୀକାର କରିବା ପରେ କ୍ରାଇମବ୍ରାଞ୍ଚ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

---

## ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୪।୭(ସମିସ): ଟ୍ରେନ୍‌ରୁ ଖସିପଡ଼ି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଉଦୁରା ପଞ୍ଚାୟତ ଅନ୍ତର୍ଗତ କୋକଲୁଣ୍ଡା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଆଲୋକ ବେହେରା (୨୫)। ସୁରେନ୍ଦ୍ର ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କର ସମସ୍ତ ପରିବାର ସଦସ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୁରେନ୍ଦ୍ର ବହୁ ବର୍ଷ ହେବ ତାଳଚେରର ଏକ ରୋଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରୁଥିବା କରୁଥିବା ବେଳେ

**ଶେଷ ସମୟରେ ମୁହଁ ବି ଦେଖି ପାରିଲେନି ବାପା ମାଆ**



ସୁରେନ୍ଦ୍ରଙ୍କ ସାନ ପୁଅ ଆଲୋକ ଘରର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପ୍ରାଥମିକ ବିଦ୍ୟାଳୟରୁ ହିଁ ପାଠରେ ଡୋରି ବାନ୍ଧି ୮ ବର୍ଷ ତଳେ ନିଜ ସାଙ୍ଗ ସାଥିଙ୍କ ସହିତ ସୁରତ ଚାଲି ଯାଇଥିଲେ। ସେ ସୁରତରେ ୭ ବର୍ଷ କାମ କରିବା ପରେ ୮ ମାସ ତଳେ ମୁମ୍ବାଇରେ ଆସି କାମ କରୁଥିଲେ। ଗତ ୨୯ ତାରିଖ ଦିନ ସେ ତାଳଚେର ଆସିବା ପାଇଁ ମୁମ୍ବାଇରୁ ଟ୍ରେନ୍‌ରେ ଚଢ଼ିଥିଲେ। କିନ୍ତୁ ରାତି ୨ଟା ୩୦ ସମୟରେ ନାସିକ ପଖରେ ଆଲୋକ ଅସାବଧାନତା ବଶତଃ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ରେଳ ସୁରକ୍ଷା ବାହିନୀକୁ ଜଣାଇବା ପରେ ରେଲୱେ ପୋଲିସ ଆଲୋକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନାସିକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ନାସିକ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଏକ ତାରିଖ ଦିନ ୧୨ ଘଣ୍ଟା ୨୦ ମିନିଟ୍ ସମୟରେ ଆଲୋକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଖବର ପାଇ ଆଲୋକଙ୍କ ଭାଇ ଏବଂ ଭିଣୋଇ ନାସିକରେ ପହଞ୍ଚିଥିଲେ। ଏକ ତାରିଖରେ ହିଁ ଆଲିକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆଲୋକଙ୍କ ଶବକୁ ଗ୍ରାମକୁ ଆଣିବା ନିମନ୍ତେ ତାଙ୍କ ପରିବାର ଲୋକଙ୍କ ପକ୍ଷେ ଅର୍ଥର ଅଭାବ ଥିବାରୁ ସେମାନେ ନାସିକରେ ହିଁ ଶବ ସତ୍କାର କରିଦେଇଥିଲେ। ଫଳରେ ଆଲୋକଙ୍କ ବାପା, ମା ଏବଂ ଭଉଣୀ ତାଙ୍କର ଶେଷ ଦର୍ଶନ ମଧ୍ୟ କରିପାରି ନ ଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉଦୁରା ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୪।୭(ସମିସ): ଭାରତର ଉପରାଷ୍ଟ୍ରପତିଙ୍କ ଚଳିତ ଜୁଲାଇ ୯ ତାରିଖରେ ଓଡ଼ିଶା ଆସୁଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଉପରାଷ୍ଟ୍ରପତି ୯ ତାରିଖରେ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର)ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ**

---

## କଙ୍ଗାରୁ କୋର୍ଟରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ

ବ୍ରହ୍ମପୁର,୪।୭(ସମିସ): ଡିଜିଟାଲ ଯୁଗରେ ବି କୁସଂସ୍କାରରୁ ବାଦ ପଡିନାହାନ୍ତି ପୂର୍ବ ସାମରିକ କର୍ମଚାରୀ ଓ ସେମାନଙ୍କ ପରିବାର। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସାମାନ୍ୟତମ ମନାନ୍ତରକୁ ନେଇ ସମାଜରେ ନିଆଁ ପାଣକୁ ବନ୍ଦ କରି ସାମାଜିକ ବାସନ୍ଦ କରାଯାଉଛି। ଯାହାଫଳରେ ସମାଜରେ ବଞ୍ଚିବା ଦୁର୍ବିସହ ହୋଇପଡୁଛି। ଯାହା ଜଣେ ବ୍ୟକ୍ତିର ମାନବିକ ଅଧିକାରକୁ ଖୋଲାଖୋଲି ଉଲଂଘନ ମଧ୍ୟ କରୁଛି। ଏଭଳି କଳୁଷିତ ପ୍ରଥାକୁ କେହି ପସନ୍ଦ କରୁନଥିଲେ ହେଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲାଗିବାର ଆଶଙ୍କା କରି ଏହାର ପ୍ରତିବାଦରେ କେହି ମୁହଁ ଖୋଲିବାକୁ କେହି ସାହାସ ମଧ୍ୟ କରୁନାହାନ୍ତି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତିବିଶେଷ ସମାଜରେ ନିଜର ପତିଆରା ଜାହିର କରୁଛନ୍ତି। ଏହା ଏକ ମାନସିକ ନିର୍ଯାତନା ଛଡା ଆଉ କିଛି ନୁହେଁ। ଏଭଳି ନିର୍ଯାତନାରୁ ବାଦ ପଡୁନାହାନ୍ତି ଖୋଦ୍ ଆମ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ତଥା ନିଜ ଜୀବନର ଅନେକ ସମୟ ଉତ୍ସର୍ଗୀକୃତ କରିଥିବା ପୂର୍ବ ସେନା କର୍ମଚାରୀ ଓ ସେମାନଙ୍କ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତରେ। ଜଣେ ଜଣେ କରି ପର୍ଯ୍ୟାୟ କ୍ରମେ ୧୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ବାସନ୍ଦ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୭ଜଣ ହେଉଛନ୍ତି ପୂର୍ବ ସେନା କର୍ମଚାରୀ। ନିଜ ଉପରେ ତଥା ସେମାନଙ୍କ ପରିବାର ଉପରେ ହେଉଥିବା ସାମାଜିକ ନିର୍ଯାତନାକୁ ନେଇ ସେମାନେ ପ୍ରତିବାଦ କରିବାରୁ କାହାର ବିଦ୍ୟୁତ୍ ତ କାହାର ପାନୀୟ ଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଉପରେ ଆର୍ଥିକ ଜରିମାନା ସେପୁଣି ସର୍ବାଧିକ ଏକ ଲକ୍ଷ ପର୍ଯ୍ୟନ୍ତ କରାଯାଇଛି। ସାମାଜିକ ବାସନ୍ଦ ହୋଇଥିବା ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଅନ୍ୟମାନଙ୍କ ଉପରେ ୧୦ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ମଧ୍ୟ ଜାରି କରାଯାଇଛି। ସାମାଜିକ ବାସନ୍ଦର ଶିକାର ପରିବାରର ସଦସ୍ୟଙ୍କୁ ଗ୍ରାମରେ ରହିବାରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି କଳୁଷିତ ପ୍ରଥାର ତଥା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଛତ୍ରବାଦ ତଥା ତାଲିବାନୀ ଶାସନକୁ ବିରୋଧ କରି ନ୍ୟାୟ ପାଇଁ ଥାନା ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେଉଁଠାରୁ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିବା ଦୂରେ ଥାଉ ସେମାନଙ୍କ ଅଭିଯୋଗକୁ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିବା ସହିତ ସେମାନଙ୍କର ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ସେମାନେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସେମାନେ କହିଛନ୍ତି। ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ସମାଜର ଅର୍ଥ ଆତ୍ମସାତ ବା ହଡପ କରିବାକୁ ମସୁଧା କରିବା ସହିତ ନିଜର ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ସମାଜୋର ସେମାନଙ୍କୁ ନିଜ ପରିବାର ବର୍ଗଙ୍କ ସହିତ ବଞ୍ଚିବାର ସୁଯୋଗ ଦିଆନଗଲେ ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



- ସାମାନ୍ୟ ମତାନ୍ତରରୁ ନିଆଁ ପାଣି ବାସନ୍ଦ ସହିତ ପଡୁଛି ଆର୍ଥିକ ଜରିମାନା
- ଭୟରେ ନାରାୟଣପୁର ଗାଁର ୧୪ପରିବାର, ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ

---

**ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୈକ୍ଷିକ ସଙ୍କଟ**

## ୫୬୦୦ ପଦ ଫାଙ୍କା; ଅତିଥି ଶିକ୍ଷକ ନିଯୁକ୍ତି ହେଉନି


ଭୁବନେଶ୍ୱର, ୪।୭(ସମିସ): ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଶିକ୍ଷକମାନେ ଅବସର ନେବା ପରେ ନୂତନ ନିଯୁକ୍ତି ହେଉନାହିଁ। ଖାଲି ପଦରେ ଅତିଥି ଶିକ୍ଷକ ମଧ୍ୟ ଏବେଯାଏଁ ନିଯୁକ୍ତ ହୋଇନାହାନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହେଉଛି। ରାଜ୍ୟରେ ୨୦୦୪ ରୁ ଏବେଯାଏଁ ଅନୁଦାନ ପାଇଥିବା ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସଂଖ୍ୟା ପ୍ରାୟ ଶୂନ୍ୟ ହୋଇଗଲାଣି। ପ୍ରତିମାସରେ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ସ୍ଥାନରେ ନୂତନ ନିଯୁକ୍ତି ବ୍ୟବସ୍ଥା ନାହିଁ। ଖାଲି ହୋଇଥିବା ପଦ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୫,୬୦୦ରୁ ଅଧିକ ହେଲାଣି। ଅଧିକାଂଶ ବିଦ୍ୟାଳୟ ଜଣେ ବା ଦୁଇଜଣ ଶିକ୍ଷକରେ ଚାଲୁଛି। ଏସବୁ ବିଦ୍ୟାଳୟରେ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ଏଣୁ ଏସବୁ ବିଦ୍ୟାଳୟରେ ପଢୁଥିବା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାଜ୍ୟରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ କରିବାକୁ ସରକାର ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଶିକ୍ଷକ ଅଭାବ ଦୂର କରିବାକୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଅତିଥି ଅଧ୍ୟାପକ ନିଯୁକ୍ତ କରି ପାଠପଢ଼ା ହେଉଥିଲେ ମଧ୍ୟ ଚଳିତବର୍ଷ ଏହା ବିଳମ୍ବ ହୋଇଛି। ଏଣୁ ଏସ୍‌ଏସ୍‌ବି ମାଧ୍ୟମରେ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଚଳିତବର୍ଷ ଅବିଳମ୍ବେ ଅତିଥି ଶିକ୍ଷକ ନିଯୁକ୍ତ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଶିକ୍ଷକ ଅଭାବରୁ ଭାଙ୍ଗିବାକୁ ବସିଥିବା ଏହି ବିଦ୍ୟାଳୟଗୁଡ଼ିକୁ ପୁନଃକ୍ଷମ କରିବାକୁ ସରକାର ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ନିଅନ୍ତୁ। ସରକାର +୩ ଏବଂ +୨ ରେ ଶିକ୍ଷାବର୍ଷ ଆରମ୍ଭରୁ ଅତିଥି ଅଧ୍ୟାପକ ନିଯୁକ୍ତି ଦେଇ ସାରିଥିବାବେଳେ ମାଧ୍ୟମିକ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

---

**ବାରିପଦାରେ ସଡ଼କ ଦୁର୍ଘଟଣାରେ ୨ ମୃତ, ୯ ଆହତ ଘଟଣା**

## ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ: ବିଜେଡି

ବାରିପଦା, ୪।୭(ସମିସ): ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି। ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଚିତ୍ର ଶୁକ୍ରବାର ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ଏହି ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକସ୍ଥ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣଙ୍କ ଅମୂଲ୍ୟ ଜୀବନ ହାନୀକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଥିଲେ ଯେ, ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା। ବିଜେଡି ସରକାର ସମୟରେ ବାରିପଦାସ୍ଥ ରଙ୍ଗାମାଟିଆଠାରେ ନୂତନ ହସ୍ପିଟାଲ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକୁ ଗତ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ପରନ୍ତୁ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ୨ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ନ କରି ସ୍ଥାନାନ୍ତର ବିଳମ୍ବ କରି ରଖିଥିଲା। ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକ ଦେଖାଣିଆ ଭାବେ ଜୁନ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଉଦଘାଟନ କରିଥିଲେ।



- ଗୁରୁତର ଅବସ୍ଥାରେ ୩ ଜଣ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର
- ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ମିଳୁନି ସ୍ୱାସ୍ଥ୍ୟସେବା
- ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଲୋକ ଦେଖାଣିଆ ଉଦ୍‌ଘାଟନ କରି ବାହାବା ନେଉଛି ବିଜେପି ସରକାର

ଡ. ମହାନ୍ତି ଆହୁରି କହିଥିଲେ ଯେ, ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ହସ୍ପିଟାଲରେ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି। ରୋଗ ନିରୂପଣ ଓ ଯାଞ୍ଚ ନିମନ୍ତେ ହସ୍ପିଟାଲରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ସମେତ ଅନ୍ୟାନ୍ୟ ଦରକାରୀ ମେସିନ ଉପଲବ୍ଧ ନାହିଁ। ରୋଗ ନିରୂପଣ ପାଇଁ ରଙ୍ଗମାଟିଆରୁ ପ୍ରାୟ ୫ କିମି ଦୂର ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ସେହିପରି ରକ୍ତଭଣ୍ଡାର ନ ଥିବାରୁ ଗୁରୁତର ରୋଗୀଙ୍କୁ ରକ୍ତ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗୁଥିବାରୁ ଗତକାଲି ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଜଣଙ୍କ ଜୀବନ ଚାଲିଗଲା। ମେଡିକାଲରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ସେହିପରି ସହରରୁ ଦୂରରେ ହସ୍ପିଟାଲ ଥିବାରୁ ଯୋଗାଯୋଗର କୌଣସି ବ୍ୟବସ୍ଥା ନାହିଁ। ଭଡ଼ା ଅଟୋ ଓ ଟ୍ୟାକ୍ସି ୩୦୦ରୁ ୫୦୦ ଟଙ୍କା ଦାବି କରୁଛନ୍ତି। ଅହଙ୍କାରୀ ବିଜେପି ସରକାର ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଉଦଘାଟନ କରି ବାହାବା ନେଉଛି। କେବଳ କାନ୍ଥରେ ରଙ୍ଗ ମାରିଦେଲେ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆସିବନି। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ ଆଗକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

---

## ଶିମିଳିପାଳ ରିସର୍ଟ ପ୍ରକଳ୍ପରୁ ହଟିଲା ହୋଟେଲ ସୋନାର ବାଂଲା

**ବନ ବିଭାଗ ସତ୍ୟପାଠରେ କହିଲା; ଆମେ କିଛି ଜାଣିନୁ, କୌଣସି ସ୍ଥଳ ପରିଦର୍ଶନରେ ଯୋଗ ଦେଇନାହୁଁ**

ବାରିପଦା,୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଇକୋ-ସେନସିଟିଭ୍ ଜୋନ୍ (ଇଏସଜେଡ) ଭିତରେ ପ୍ରସ୍ତାବିତ ହୋଟେଲ ଓ ରିସର୍ଟ ପ୍ରକଳ୍ପ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚରେ ଚାଲୁଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଛି। ହୋଟେଲ ସୋନାର ବାଂଗଲା ତାହାର ସତ୍ୟପାଠରେ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ହଟିବା ଘୋଷଣା କରିଛି। ସୋନାର ବାଙ୍ଗଲା ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ, ପ୍ରାରମ୍ଭରେ ଶାମାଖୁଣ୍ଟା ବ୍ଲକ୍ ଲକ୍ଷ୍ମୀପୋଷି ମୌଜାର ପ୍ରାୟ ୧୦୦ ଏକର ଜମିରେ ହସ୍‌ପିଟାଲିଟି ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରାଯାଇଥିଲା ଓ କିଛି ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା। ସ୍ଥାନ ପରିଦର୍ଶନ ମଧ୍ୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାନ ପରିଦର୍ଶନ ଓ ବିଭିନ୍ନ ଦିଗର ସମୀକ୍ଷା ପରେ ପ୍ରକଳ୍ପ ଆଗକୁ ନେବାକୁ ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନ ଉକ୍ତ ଜମି ସହ କୌଣସି ପ୍ରକାରର ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହିତ ମାମଲାରୁ ନିଜର ନାମ ବାଦ୍ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ଆଇନଜୀବୀ ସଚିଦାନନ୍ଦ ଆଚାର୍ଯ୍ୟଙ୍କ ସତ୍ୟପାଠରେ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଉପସ୍ଥାପିତ ହୋଇଛି। ସେ କହିଛନ୍ତି, ଡିଆଇପିଏ, ଆଇପିଆଇସିଓଏଲ କିମ୍ବା ହୋଟେଲ ସୋନାର ବାଙ୍ଗଲା ପକ୍ଷରୁ କଥିତ ସ୍ଥଳ ପରିଦର୍ଶନ ସମ୍ପର୍କରେ ବନ ବିଭାଗର କୌଣସି ଜ୍ଞାନ ନ ଥିଲା। ବନ ବିଭାଗକୁ ପରାମର୍ଶ କରାଯାଇ ନ ଥିଲା ଓ ଏଥିରେ ବନ ବିଭାଗର କୌଣସି ଭୂମିକା ନ ଥିଲା। ତାଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି ଯେ, ଖାତା ନମ୍ବର ୧୨୩, ପ୍ଲଟ ନମ୍ବର ୧୩୮ (ପାହାଡ଼ କିସମ)ର ଜମି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ୍ ସୀମା ଭିତରେ ଅଛି ଓ ବାଲଡିହା ରିଜର୍ଭ ଫରେଷ୍ଟରୁ ମାତ୍ର ୬୮୦ ମିଟର ଦୂରରେ ଅବସ୍ଥିତ। ଏହି ଜମି ପାଇଁ କୌଣସି ପ୍ରକାରର ବାଣିଜ୍ୟିକ ପ୍ରକଳ୍ପ ପାଇଁ କୌଣସି ଅନୁମତି ବା କ୍ଲିୟରାନ୍ସ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ପ୍ରକଳ୍ପ ନେଇ ପରିବେଶବିତଙ୍କ ଅଭିଯୋଗ ପରେ ଏନଜିଟି ଅନ୍ତରୀଣ ଆଦେଶ ଜାରି କରି ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆଇପିଏ, ଆଇପିଆଇସିଓଏଲ/ଡିଆଇପିଏ ଓ ହୋଟେଲ ସୋନାର ବାଙ୍ଗଲାକୁ ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ବାରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଆବେଦନକାରୀଙ୍କ ଆଇନଜୀବୀ ଆକାଶ ଶର୍ମା କହିଛନ୍ତି, ପ୍ରତିପକ୍ଷଙ୍କ ନିଜ ସତ୍ୟପାଠରୁ ସ୍ପଷ୍ଟ ଯେ, ଇକୋ-ସେନସିଟିଭ୍ ଜୋନ୍ ଭିତରେ ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଥିଲା। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏନଜିଟିଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ। ବର୍ତ୍ତମାନ ମାମଲାଟି ଏନଜିଟିରେ ବିଚାରାଧୀନ ରହିଛି। ଏହି ଘଟଣା ଶିମିଳିପାଳ ପରି ସମ୍ବେଦନଶୀଳ ଇକୋ-ସେନସିଟିଭ୍ ଅଞ୍ଚଳରେ ପର୍ଯ୍ୟଟନ ଓ ବାଣିଜ୍ୟିକ ପ୍ରକଳ୍ପ ପାଇଁ ଥିବା କଡ଼ା ନିୟମ ଓ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ପୁନଃ ସ୍ମରଣ କରାଇଦେଇଛି।

ସକାଳ THE SAKALA



## ଲୁହା ଖଟ ବ୍ୟବସାୟୀଙ୍କ ନାଁରେ ଚୋରି ଅଭିଯୋଗ

**କରଞ୍ଜିଆ,୪।୭(ସମିସ):** କରଞ୍ଜିଆ ଅଞ୍ଚଳରେ ଦୀର୍ଘଦିନ ଧରି ଖଟ ବୁଣା କାମ କରୁଥିବା କିଛି ବାହାର ବ୍ୟବସାୟୀଙ୍କ ବିରୋଧରେ ଚୋରି ଅଭିଯୋଗ ସାମ୍ନାକୁ ଆସିଛି। ବେପାର ଆଳରେ ଘର ଘର ବୁଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଜିତିବା ପରେ ଘରଗୁଡ଼ିକୁ ଚିହ୍ନଟ କରି ଚୋରି କରୁଥିବା ଅଭିଯୋଗ ହୋଇଛି। ପ୍ରାୟ ୧୨ ଜଣ ଖଟ ବ୍ୟବସାୟୀ ଦୀର୍ଘଦିନ ଧରି କରଞ୍ଜିଆ ଅଞ୍ଚଳରେ ରହି ବ୍ୟବସାୟ କରୁଥିଲେ। ସେମାନଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ପରେ ପୁଲିସ ସମସ୍ତଙ୍କୁ ଥାନାକୁ ଆଣି ପଚରାଉଚରା ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରେ ସେମାନଙ୍କ ନିକଟରେ ଥିବା ପରିଚୟପତ୍ରକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଥିବା ସୂଚନା ମିଳିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି। ତଦନ୍ତ ଶେଷ ହେବା ପରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

# ଜ୍ୱରରେ ୩ ଦିଅଁ, ଉପଚାର ପାଇଁ ସ୍ୱତନ୍ତ୍ର ନୀତି

**ବାରିପଦା, ୪।୭(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମାରେ ୩ ଦିଅଁ ସ୍ନାନ ମଣ୍ଡପରେ ବିଜେ କରି ୧୦୮ ଗରା ପାଣିରେ ସ୍ନାନ କରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ପରମ୍ପରା ଅନୁସାରେ ଠାକୁରଙ୍କୁ ଅଣସର ଘରକୁ ଅଣାଯାଇ ଚିକିତ୍ସା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଚିକିତ୍ସା ସମୟରେ ମହାପ୍ରଭୁଙ୍କ ପୂଜା ବିଧିରେ ମଧ୍ୟ ସ୍ୱତନ୍ତ୍ରତା ରହିଛି। ପୁରୀରେ ଅଣସର ଘରେ ଠାକୁରଙ୍କୁ କେବଳ ଦଇତାପତି ସେବା କରୁଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମୁଖ୍ୟ ପୂଜକମାନେ ବିଗ୍ରହଙ୍କ ସମସ୍ତ ଗୁପ୍ତ ସେବା ନୀତି ସମ୍ପନ୍ନ କରୁଛନ୍ତି। ଏହି ସମୟରେ ମନ୍ଦିର ମଧ୍ୟରେ ପଟିଦିଅଁଙ୍କ ପୂଜା କରାଯାଉଛି। ପଟିଦିଅଁଙ୍କ ଦର୍ଶନ ପାଇଁ ଭକ୍ତମାନେ ହାତୀ ଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରୁଛନ୍ତି। ଅଣସର ଘରରେ ପୂର୍ଣ୍ଣିମା ପର ପଞ୍ଚମୀ ଦିନରେ ମୁଖ୍ୟ ଚିକିତ୍ସକ ଠାକୁରଙ୍କ ଚିକିତ୍ସା ପାଇଁ ପାଞ୍ଚଣ ଲାଗି ପୂଜକଙ୍କ ଦ୍ୱାରା କରାଯାଇଥାନ୍ତି। ପାଞ୍ଚଣ ପାଇବାକୁ ଭକ୍ତଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି।



ପୂର୍ବରୁ ସ୍ୱତନ୍ତ୍ର ରାଜ ଦରବାର ସମୟରେ ରାଜବୈଦ୍ୟଙ୍କ ଦ୍ୱାରା ଏହି ପାଞ୍ଚଣ ପ୍ରସ୍ତୁତ ହେଉଥିବାବେଳେ ଏବେ ମୁଖ୍ୟ ଚିକିତ୍ସକଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ପାଞ୍ଚଣ ଔଷଧ ସାମଗ୍ରୀକୁ ପୂଜକ ଗୁପ୍ତ ଭାବେ ନୂତନ ମାଟି ହାଣ୍ଡିରେ ପ୍ରସ୍ତୁତ କରନ୍ତି। ଏହି ପାଞ୍ଚଣ ପ୍ରସ୍ତୁତିରେ ଦଶମୂଳ, ଜାୟତ୍ରୀ, ଜାଇଫଳ, ଲବଙ୍ଗ, ଅଳେଇଚ, ଗୁଜୁରାତି, ଶୁଣ୍ଠି, ପିପଳି, ପାନମହୁରୀ, ଜୁଆଣୀ, ଧଣିଆଁ, ତେଜପତ୍ର, ବଡଅଳେଇଚ, ଡାଳଚିନି, ଗୋଲମରିଚ ଆଦି ପ୍ରାକୃତିକ ବନ୍ୟଜାତ ଦ୍ରବ୍ୟର ଗୁଣ୍ଡକୁ ସିଝେଇ ଔଷଧ ପ୍ରସ୍ତୁତ କରିବା ପରେ ଠାକୁରଙ୍କ ପଣ୍ଡାମାନେ ଠାକୁରମାନଙ୍କୁ ସ୍ନାନପୂର୍ଣ୍ଣିମାର ପଞ୍ଚମ ଦିନରେ ଏହା ଅର୍ପଣ କରିଥା'ନ୍ତି।

**ପାଞ୍ଚଣ ପାଇବାକୁ ଭକ୍ତଙ୍କ ଭିଡ଼**

ସନ୍ଧ୍ୟାରେ ଠାକୁରଙ୍କୁ ପାଞ୍ଚଣ ଦିଆଯିବା ପରେ ମନ୍ଦିର ସମ୍ମୁଖରେ ଏହି ପାଞ୍ଚଣ ପାଇବା ପାଇଁ ଭକ୍ତଙ୍କ ଭିଡ ଲାଗି ରହିଥିଲା। ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ଏହି ପାଞ୍ଚଣ ସେବନ କରାଯାଇଥାଏ ସେ ବର୍ଷସାରା ଜ୍ୱରରେ ଆକ୍ରାନ୍ତ ହେଉ ନ ଥିବା ବିଶ୍ୱାସ ରହିଛି। ଏତଦବ୍ୟତୀତ ଠାକୁରମାନେ ଅସୁସ୍ଥ ଥିବାରୁ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ପାଲୁଅ ଖଣ୍ଡ ସହିତ କାଠିମୋହନ, ଗଜାମୁଗ, ଦହିଛେନା ଓ ଗୁଡ ଆଦି ଅର୍ପଣ କରାଯାଉଥିବାବେଳେ ସନ୍ଧ୍ୟାରେ ଛେନାପଣା ଓ ରାତ୍ରି ପହଡରେ ମଧ୍ୟ ପାଲୁଅ କାଠିମୋହନ ଆଦି ନୈବେଦ୍ୟ ଲାଗି ହେଉଛି। କିନ୍ତୁ ଏହି ସମୟରେ ପଟିଦିଅଁଙ୍କୁ ପୂର୍ବାହ୍ନରେ ଉଖୁଡା ମିଠେଇ ଓ ଦ୍ୱିପ୍ରହର ରାତିରେ ଅରୁଆ ଭାତ ଡାଲି ଭୋଗ କରାଯାଉଛି। ଏହି ସମୟରେ ଶ୍ରୀଜଗନ୍ନାଥ ଅସୁସ୍ଥ ଥିବାରୁ ମାତା ଲକ୍ଷ୍ମୀଙ୍କ ପାଖରେ କେବଳ ପଖାଳ ଭୋଗ ଅର୍ପଣ କରାଯାଇଥାଏ । ମହାପ୍ରଭୁ କିପରି ସୁସ୍ଥ ହେବେ, ସେଥିପାଇଁ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ନୀତି ସମ୍ପନ୍ନ ହୋଇଛି।

### ଖୁଣ୍ଟା ବ୍ଲକ୍ ଓଷ୍ଟା ସାମ୍ବିଧାନିକ ସମ୍ମିଳନୀ

## ସନ୍ତୋଷ ଦାସ ସଭାପତି, ସହଦେବ ବେହେରା ସମ୍ପାଦକ



**ଖୁଣ୍ଟା, ୪।୭(ସମିସ):** ଖୁଣ୍ଟା ବ୍ଲକ୍ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସାମ୍ବିଧାନିକ ସମ୍ମିଳନୀ ବଡ଼ଫେଣୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା, ମୁଖ୍ୟବକ୍ତା ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ଯୁଗ୍ମ ସମ୍ପାଦକ (ସାଙ୍ଗଠନିକ) ପ୍ରଭାସ କୁମାର ନାୟକ, କାର୍ଯ୍ୟକାରି ସଭ୍ୟ ବିଶ୍ୱଜିତ ବିଶ୍ୱାଳ, ସୁଶାନ୍ତ ଗିରି, ପୂର୍ବତନ ସଭାପତି ସନ୍ତୋଷ କାସ୍ତ, ସାମାଖୁଣ୍ଟା ସମ୍ପାଦକ ବୀରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ବ୍ଲକ ସମ୍ପାଦକ ସହଦେବ ବେହେରା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସମ୍ପାଦକ ଶ୍ରୀ ଆଚାର୍ଯ୍ୟ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନରେ ଓଷ୍ଟାର ଭୂମିକା, ସାମ୍ବିଧାନିକ ସମ୍ମିଳନୀରେ ବ୍ଲକ ଓ ଜିଲ୍ଲା ସଂଗଠନର ସମନ୍ୱୟ ସମ୍ବନ୍ଧରେ ବିଶଦ ଭାବେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତ ଓ ପୂର୍ବତନ ସଭାପତି ଶ୍ରୀ କାସ୍ତ ଓଷ୍ଟା କିପରି ଶିକ୍ଷକଙ୍କ, ଶିକ୍ଷକଙ୍କ ଦ୍ୱାରା ଓ ଶିକ୍ଷକଙ୍କ ପାଇଁ ଉତ୍ସର୍ଗୀକୃତ ସେ ବିଷୟରେ ବର୍ଣ୍ଣନା କରିଥିଲେ। ସଭାପତିଙ୍କ ସଂଗଠନ ଓ ସମ୍ମିଳନୀ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ ପରେ ସମ୍ପାଦକ ତାଙ୍କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ସଭାପତି ବର୍ତ୍ତମାନର କମିଟି ଭଙ୍ଗ କରିଥିଲେ ଓ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ସନ୍ତୋଷ କୁମାର ଦାସ, ଉପସଭାପତି ନିତ୍ୟାନନ୍ଦ ମହାନ୍ତି, ଶାନ୍ତିଲତା ରାଉତ, ସମ୍ପାଦକ ସହଦେବ ବେହେରା, ଯୁଗ୍ମସମ୍ପାଦକ ଅଞ୍ଜନ ଆଚାର୍ଯ୍ୟ, ମନୋଜ ଗିରି, ରିତାରାଣୀ ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ସର୍ବେଶ୍ୱର ବାରିକ, ଖଗେଶ୍ୱର ବେହେରା, ସନ୍ତୋଷ ଲେଙ୍କା, ସାଗରଜନ ସିଂ ଓ ରାଜ୍ୟ ପରିଷଦ ସଭ୍ୟ ଧୀରେନ୍ଦ୍ର ନାୟକ ଓ ପ୍ରଭାତ ପଣ୍ଡିତଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ନୂତନ ସଭ୍ୟ/ସଭ୍ୟାଙ୍କୁ ଶପଥ ପାଠ କରାଇବା ପରେ ସଭ୍ୟ ଶ୍ରୀ ଗିରି ଧନ୍ୟବାଦ ଦେଇଥିଲେ।

## ପିଡିପି ଓ ଜିପିଡିପି ତାଲିମ ଶିବିର



**ବଡ଼ସାହି,୪।୭(ସମିସ):** ବଡ଼ସାହି ବ୍ଲକ୍ ସଭାଗୃହ ପରିସରରେ ଶନିବାର ସମିତି ସଭ୍ୟସଭ୍ୟା, ୱାର୍ଡ ସଭ୍ୟସଭ୍ୟା, ଏମବିକେ ଓ ସିଆରପିଙ୍କୁ ନେଇ ଗ୍ରାମ ପଞ୍ଚାୟତ ଡେଭେଲପମେଣ୍ଟ ପ୍ଲାନ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିପିଡିଓ ଅବିନାଶ ପଣ୍ଡା ଓ ସିପି ନରେନ୍ଦ୍ର ସିଂ ଏଥିରେ ଯୋଗ ଦେଇ ଉପସ୍ଥିତ ପିଆରଆଇ ମେମ୍ବରଙ୍କ ସହିତ ଏମବିକେ ଓ ସିଆରପିଙ୍କୁ ତାଲିମ ପ୍ରଦାନ କରିଥିଲେ। ପିଡିପି, ଜିପିଡିପି, ବିପିଡିପି ଓ ଡିପିଡିପି ଗ୍ରାମସଭା ପରେ କିପରି ପ୍ରସ୍ତୁତ କରାଯିବ, କେଉଁ କାମ କେତେ ପ୍ରତିଶତ ପ୍ରସ୍ତାବ ମଧ୍ୟରେ ରହିବ, କେଉଁମାନେ ଏଥିରେ ସାମିଲ ହୋଇ ଆବଶ୍ୟକ ପ୍ରସ୍ତାବ ଦେବେ, ସେ ସମ୍ପର୍କରେ ବିଧିବଦ୍ଧ ଭାବେ ଆଲୋଚନା କରିଥିଲେ। ଏତଦବ୍ୟତୀତ ୧୬ ସିଏଫସି ଓ ୧୬ ଏସଏଫ୍‌ସିର କାର୍ଯ୍ୟକାରିତା ସହିତ ଫଣ୍ଡି (ବେସିକ୍ ଓ ପ୍ରଫେସନାଲ) ଉପରେ ବିଶଦ ଭାବେ କହିଥିଲେ। ପଞ୍ଚାୟତର ଆୟ ବଢାଇବା ପାଇଁ ପ୍ରସ୍ତାବ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। କାରଣ ପଞ୍ଚାୟତର ଆୟ ଯେତେ ବଢିବ ପ୍ରଫେସନାଲ ଫଣ୍ଡ ପଞ୍ଚାୟତକୁ ସେତେ ଅଧିକ ମିଳିବ ବୋଲି ଜଣାଯାଇଛି। ଏହି ତାଲିମ ଶିବିରରେ ପେସା ସଂଯୋଜିକା ଦୀପିକା ମ୍ୟାଡାମ ଓ ଜିଲ୍ଲା ପରିଷଦ କର୍ମଚାରୀ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ପାନ, ଗୁଟ୍‌ଖା ନିଷେଧ

## ଅମାନ୍ୟକାରୀଙ୍କୁ ୨୦୦ ଟଙ୍କା ଜରିମାନା ସହ କାର୍ଯ୍ୟାନୁଷ୍ଠାନ

**ବାରିପଦା, ୪।୭(ସମିସ):** ବାରିପଦା ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ପାନ, ଗୁଟଖା, ତମାଖୁ ଜାତୀୟ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ପରିସର ମଧ୍ୟରେ କୌଣସି ବ୍ୟକ୍ତି ପାନ, ଗୁଟଖା, ଖଇନି, ସିଗାରେଟ୍, ବିଡ଼ି କିମ୍ବା କୌଣସି ପ୍ରକାରର ତମାଖୁ ଜାତୀୟ ଦ୍ରବ୍ୟ ଖାଇବା, ଚୋବାଇବା, ବ୍ୟବହାର କରିବା କିମ୍ବା ସାଙ୍ଗରେ ରଖିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏପରିକି କଲେଜର ସମସ୍ତ ଛାତ୍ରୀଛାତ୍ର, ଡାକ୍ତର, ନର୍ସିଂ କର୍ମଚାରୀ, କର୍ମଚାରୀ ଓ ସାଧାରଣ ଲୋକ ଏହି ନିର୍ଦ୍ଦେଶ ପାଳନ କରିବାକୁ ଚେତାବନୀ ଦିଆଯାଇଛି। ଏଥିନିମନ୍ତେ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ରହି ଯାଞ୍ଚ କରୁଛନ୍ତି। ଏହାକୁ ଅବମାନନା କଲେ ୨ ଶହ ଟଙ୍କା ଜରିମାନା ଦେବାକୁ ପଡିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତେ ଏହାକୁ ମାନି ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ପରିବେଶ ଗଠନ କରିବାରେ ସହଯୋଗ ପାଇଁ ସୂଚନା ଦିଆଯାଇଛି।

ଗତ ଜୁନ ୮ ତାରିଖରେ ରଙ୍ଗାମାଟିଆଠାରେ ନୂତନ କ୍ୟାମ୍ପସ ଉଦଘାଟନ ପରେ ସମ୍ପୂର୍ଣ୍ଣ ଭାବେ ଡାକ୍ତରଖାନା କାର୍ଯ୍ୟକାରୀ ହୋଇଛି। ଅପରପକ୍ଷରେ ୪ଦିନ ଧରି ଓମସା ଆନ୍ଦୋଳନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେତୁ ପିଆରଏମରେ ରୋଗୀ ଓ ଆତ୍ମୀୟଙ୍କ ଭିଡ ଲାଗିରହିଛି। ଏହି ଚାରି ଦିନରେ ହସପିଟାଲର ବିଭିନ୍ନ ସ୍ଥାନରେ ପାନ ଗୁଟଖା ଖାଉଥିବା ବ୍ୟକ୍ତି ଏଣେତେଣେ ଛେପ ପକାଇ ଦୂଷିତ କରୁଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ପରିଦର୍ଶନରେ ଯାଇଥିବାବେଳେ ସେସବୁ ଦେଖି ବିରକ୍ତି ପ୍ରକାଶ କରିବା ସହିତ କଟକଣା ପାଇଁ ପିଆରଏମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପରେ ଉପରୋକ୍ତ ନିଷେଧାଦେଶ ଜାରି ହୋଇଥିବା ଜଣାପଡ଼ିଛି।

## କିଟ୍ କେୟାର୍ସ ପକ୍ଷରୁ କୁଇଜ୍ ପ୍ରତିଯୋଗିତା




**ବାରିପଦା, ୪।୭(ସମିସ):** କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କିଟ୍ କେୟାର୍ସ ପକ୍ଷରୁ ବାରିପଦାର ଏକ ଆବାସିକ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମ୍ବଳିତ ଦୁନିଆରେ ମୂଲ୍ୟବୋଧର କ୍ଷୟ ଶିକ୍ଷାର୍ଥୀଙ୍କ ମଧ୍ୟରେ ହତାଶା ଓ ଅବସାଦ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ଏ ଅବସରରେ କିଟ୍ କେୟାର୍ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି କୁଇଜ ପ୍ରତିଯୋଗିତାରେ ବିଦ୍ୟାଳୟର ୨୩୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଇନ୍ଦ୍ରନୀଳ ପାତ୍ର ଓମ୍ ୧ମ, ପ୍ରକାଶ ପୃଷ୍ଟି ୨ୟ ଓ ମାମୁନୀ ଡୁଙ୍ଗିୟା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଚିନ୍ମୟ କୁମାର ପାଣିଗ୍ରାହୀ ଓ ପ୍ରଫେସର୍ ରାଜେନ୍ଦ୍ର କୁମାର ଦାସ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ବନଜା ମହାନ୍ତି ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ ପୁଷ୍ପା ପାତ୍ର, ଇଂ ପ୍ରଭାସ କୁମାର ଦାସ, ଅଙ୍କିତା ବାରିକ, ଡ ଆଦର୍ଶ ଶତପଥି ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ ସମଗ୍ର ରାଜ୍ୟରେ ଶିକ୍ଷାର ସଂସ୍କାର ଦିଗରେ ସର୍ବାଧିକ ମୂଲ୍ୟବୋଧ ଅଭିବୃଦ୍ଧି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏପରି ଅନେକ କାର୍ଯ୍ୟକ୍ରମ କରାଯାଉଛି। କିଟ୍‌ର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ଏଭଳି ଛାତ୍ରମେଧା ପ୍ରୋତ୍ସାହନ କାର୍ଯ୍ୟକ୍ରମକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ।

## ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଚାରାରୋପଣ

**ଉଦଳା, ୪।୭(ସମିସ):** ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ଆଜି ସକାଳ ୯ ଘଟିକା ସମୟରେ ଉଦଳା ତାଲୁକ ଆଇନ ସହାୟତା କମିଟି ଓ ଉଦଳା ବନ ବିଭାଗ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଶ୍ମଶାନ କାଳୀ ମନ୍ଦିର ନିକଟ ରାସ୍ତା ପାର୍ଶ୍ୱର୍ରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ ଅଧୀନ ଉଦଳା ବନାଞ୍ଚଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉଦଳାର ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ଏସଡିଜେଏମ ଅନୁରାଗ ଦେହୁରୀ, ଉଦଳା ଓକିଲ ସଂଘ ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ବସନ୍ତ ପରିଡ଼ା, ଉପଖଣ୍ଡ ଓକିଲ ସଂଘର ସମ୍ପାଦକ ରଜତ ମହାପାତ୍ରଙ୍କ ସମେତ ଆଇନଜୀବୀ ମକରନ୍ଦ ପଲେଇ, ହରପ୍ରିୟା ହାଁସଦା, ଶାଶ୍ୱତ ତ୍ରିପାଠୀ, ଲିଗାଲ ରିଟେନର କମଳାକାନ୍ତ ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରକାର ଚାରା ରୋପଣ କରି "ମା ପାଇଁ ଗଛ ଟିଏ, ଗଛ ବଞ୍ଚିଲେ ଆମେ ବଞ୍ଚିବା' ଇତ୍ୟାଦି ସ୍ଲୋଗାନ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ବନମହୋତ୍ସବ ସପ୍ତାହ ଉପଲକ୍ଷେ ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦଳା ବନାଞ୍ଚଳ ତରଫରୁ ସହକାରୀ ବନାଞ୍ଚଳ ଅଧିକାରୀ ଶୁଶାନ୍ତ କୁମାର ବାଗ, ବନାଞ୍ଚଳ କର୍ମଚାରୀଙ୍କ ସହିତ ପରିବେଶବିତ୍ କୁଳମଣି ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦଳା ବିଚାର ବିଭାଗୀୟ ଅଦାଲତର ଆଇନ ସହାୟତା କମିଟି କର୍ମଚାରୀ ସନତ ସେଠୀ, କୀର୍ତ୍ତିରାଜ ସ୍ୱାଇଁ, ପ୍ରକାଶ ସିଂ, କିଶୋର ମାରାଣ୍ଡି, କର୍ମଚାରୀ ପ୍ରଶାନ୍ତ ମିଶ୍ର ସହଯୋଗ କରିଥିଲେ।




### ହାତିଗୋଡା ପଞ୍ଚାୟତରେ ଦନ୍ତା ହାତୀ ଉପଦ୍ରବ

## ଘର ଭାଙ୍ଗି ଖାଇଲା ଧାନ

**ମହୁଲଡିହା,୪।୭(ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନ୍ୟ ପ୍ରାଣୀ ବନାଞ୍ଚଳ ହାତିଗୋଡା ପଞ୍ଚାୟତ ଘୋଡ଼ାବିନ୍ଧା ଗ୍ରାମରେ ଏକ ଦନ୍ତାହାତୀ ତାଣ୍ଡବ ଖେଳାଇଛି। ଗୁରୁବାର ରାତି ପ୍ରାୟ ଗୋଟାଏ ବେଳେ ଘୋଡ଼ାବିନ୍ଧା (ପ୍ରଧାନ ସାହି)ର ମାନିନୀ ପୂର୍ତ୍ତି (୨୩)ଙ୍କ ଘର କାନ୍ଥ ଭାଙ୍ଗି ୪ ବସ୍ତା ଧାନ ଖାଇଥିବା ଅଭିଯୋଗ ହୋଇଛି। ସେହିପରି ଘୋଡ଼ାବିନ୍ଧା ମଝିସାହିରେ ପଶି ଶ୍ୟାମସୁନ୍ଦର ପୂର୍ତ୍ତିଙ୍କ ଘରକୁ ଦାନ୍ତରେ ଭାଙ୍ଗୁଥିବାବେଳେ ପରିବାର ଲୋକେ ଉଠିପଡିବାରୁ ଏକ ଆମ୍ବ ଗଛକୁ ଭାଙ୍ଗିଦେଇ ପଳାଇଥିଲା। ଅଭିଯୋଗ ପାଇ ଠାକୁରମୁଣ୍ଡା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



## ଉଦଳା ମେଡିକାଲର ସ୍ଥିତି ଦେଖିଲା ବିଜେଡି ଟିମ୍




**ଉଦଳା,୪।୭(ସମିସ):** ସାରା ରାଜ୍ୟରେ ଡାକ୍ତର ଧର୍ମଘଟ ପାଇଁ ବିଗିଡିଛି ସ୍ୱାସ୍ଥ୍ୟ ସେବା। ଯାହାକୁ ନେଇ ଆଜି ଉଦଳା ମେଡିକାଲ ବୁଲିଛି ବିଜେଡି ଟିମ୍। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସହିତ ବିଜେଡି ନେତା ଓ କର୍ମୀ ମେଡିକାଲ ବୁଲିଛନ୍ତି। ଏଥିସହିତ ଏବେ ଡାକ୍ତରଖାନାରେ ଆୟୁଷ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। କେବଳ ସେତିକି ନୁହେଁ ଏଥିସହିତ ମେଡିକାଲରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସ୍ୱାସ୍ଥ୍ୟ ସେବା ବାବଦରେ ପଚାରି ବୁଝିଥିଲେ।

## ବାରିପଦାରେ ପିଏମଏୱାଇ ୨.୦ର ୫ମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ

**ବାରିପଦା, ୪।୭(ସମିସ):** ବାରିପଦା ପୌରପରିଷଦ ସମ୍ମିଳନୀ କକ୍ଷରେ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ର ୫ମ ପର୍ଯ୍ୟାୟରେ ୬୧ଟି କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ ଓ ସମସ୍ତ ୱାର୍ଡ କାଉନସିଲର ଯୋଗଦାନ କରିଥିଲେ। ପୌରାଞ୍ଚଳର ୨୮ଟି ୱାର୍ଡରେ ଯୋଗ୍ୟ ଭାବେ ଚିହ୍ନଟ କରାଯାଇଥିବା ହିତାଧିକାରୀଙ୍କୁ ମନ୍ତ୍ରୀ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏ ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ମ୍ୟୁନିସିପାଲିଟି ଯନ୍ତ୍ରୀ, ପୌରପାଳିକାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୋଜନାର ଲାଭାନ୍ୱିତଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ନଗର ଉନ୍ନୟନକୁ ଆଗକୁ ବଢ଼ାଇବା ସହ ଗରିବ ଓ ଆବାସହୀନ ପରିବାରଙ୍କୁ ସ୍ଥାୟୀ ବାସଗୃହ ସୁବିଧା ଯୋଗାଇବା ପ୍ରତି ଗୁରୁତ୍ୱ ଆରୋପ କରାଯାଇଥିଲା।

## ବଜ୍ରପାତରେ ଯୁବକ ଗୁରୁତର

**ମୋରଡା,୪।୭(ସମିସ):** ଶନିବାର ବଜ୍ରପାତରେ ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ପାରିଆଉଡ଼ା ଗ୍ରାମର ଅନନ୍ତ ମାରାଣ୍ଡି। ଆଜି ଦିନ ୧୨ଟା ୩୦ ମିନିଟ ସମୟରେ ଅନନ୍ତ ବିଲରେ ଚାଷ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ଗୁରୁତର ହୋଇଥିଲେ। ଚିତ୍ରଡା ଅଗ୍ନିଶମ କର୍ମଚାରୀ ଅନନ୍ତଙ୍କୁ ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ନାବାଳିକା ନିଖୋଜ ଅଭିଯୋଗ

**କୁଆମରା,୪।୭(ସମିସ):** ଖୁଣ୍ଟା ଥାନା ଅଞ୍ଚଳର +୨ରେ ପଢୁଥିବା ଜଣେ ୧୬ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକ କୌଣସି କାମରେ ବାହାରକୁ ଯାଇଥିବାବେଳେ ନାବାଳିକା ଜଣକର ପତ୍ତା ମିଳୁନାହିଁ। ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ପୀଡିତାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

### ସାର ପାଇଁ କରଞ୍ଜିଆ ଲ୍ୟାମ୍ପସରେ ଚାଷୀଙ୍କ ଲମ୍ବା ଲାଇନ୍

# ବଣ୍ଟନରେ ବିଳମ୍ବ ନେଇ ଉତ୍ତେଜନା ଓ ଗଣ୍ଡଗୋଳ

**କରଞ୍ଜିଆ,୪।୭(ସମିସ)**

ଖରିଫ ଚାଷ ଋତୁ ଜୋର ଧରିଥିବାବେଳେ ଚାଷ ପାଇଁ ଆବଶ୍ୟକ ରସାୟନିକ ସାର ସଂଗ୍ରହ କରିବାକୁ ଶୁକ୍ରବାର କରଞ୍ଜିଆ ଲ୍ୟାମ୍ପସରେ ଶତାଧିକ ଚାଷୀଙ୍କ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଥିଲା। କେବଳ ଆଜି ନୁହେଁ ବରଂ ଗତ କିଛିଦିନ ଧରି କରଞ୍ଜିଆ ବ୍ଲକର ଆଠଟି ପଞ୍ଚାୟତର ଚାଷୀ ବିଳମ୍ବିତ ରାତିରୁ ଆସି ଲାଇନରେ ଛିଡ଼ା ହୋଇଥିଲେ। କିନ୍ତୁ ସାର ବଣ୍ଟନରେ ବିଳମ୍ବ ଓ ସମସ୍ତଙ୍କୁ ସାର ମିଳିବ କି ନାହିଁ ସେନେଇ ଅନିଶ୍ଚିତତା ଦେଖାଦେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ପରିସ୍ଥିତି ଧୀରେ ଧୀରେ ଉତ୍ତେଜନା ରୂପ ନେଇଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ମଧ୍ୟ ସାର ବଣ୍ଟନ ଆରମ୍ଭ ନ ହେବାରୁ କିଛି ଚାଷୀ ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଗଣ୍ଡଗୋଳ ଓ ବାକ୍‌ବିତଣ୍ଡା ସୃଷ୍ଟି ହୋଇଥିଲା। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହେବାରୁ ସେଠାରେ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଠେଲାପେଲା ମଧ୍ୟ ହୋଇଥିଲା।



ଫଳରେ କିଛି ସମୟ ପାଇଁ ବଣ୍ଟନ ପ୍ରକ୍ରିୟା ବ୍ୟାହତ ହୋଇଥିଲା। ଖବର ପାଇ କରଞ୍ଜିଆ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୋର୍ଚ୍ଚା ସମ୍ଭାଳିଥିଲା। ପୁଲିସ ଚାଷୀଙ୍କୁ ବୁଝାସୁଝା କରିବା ସହ ସମସ୍ତଙ୍କୁ ଶୃଙ୍ଖଳିତ ଭାବେ ଲାଇନରେ ରହି ସାର ନେବାକୁ ଅନୁରୋଧ କରିଥିଲା। ସ୍ଥାନୀୟ ପ୍ରଶାସନ ଓ ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ବଣ୍ଟନ ବ୍ୟବସ୍ଥାକୁ ସୁଚାରୁ କରାଯିବା ପରେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଥିଲା।

ଚାଷୀଙ୍କ କହିବା ଅନୁଯାୟୀ, ଚାଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସାରର ଅଭାବ ଓ ବଣ୍ଟନରେ ଅବ୍ୟବସ୍ଥା ସେମାନଙ୍କୁ ଚିନ୍ତାରେ ପକାଇଛି। ରାତିରୁ ଲାଇନରେ ଛିଡ଼ା ହେବା ସତ୍ତ୍ୱେ ଅନେକ ଚାଷୀ ସାର ପାଇବେ କି ନାହିଁ ସେନେଇ ଅନିଶ୍ଚିତତା ଭିତରେ ରହୁଛନ୍ତି। ଏହାଦ୍ୱାରା ଚାଷ କାର୍ଯ୍ୟ ବିଳମ୍ବିତ ହେବା ସହ ଫସଲ ଉତ୍ପାଦନ ଉପରେ ମଧ୍ୟ ପ୍ରଭାବ ପଡ଼ିବ

- ପୁଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ
- ପର୍ଯ୍ୟାପ୍ତ ସାର ଯୋଗାଣ ପାଇଁ ଚାଷୀଙ୍କ ଦାବି

ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀ ସରକାର ଓ କୃଷି ବିଭାଗ ନିକଟରେ ଦାବି କରିଛନ୍ତି ଯେ କରଞ୍ଜିଆ ଲ୍ୟାମ୍ପସକୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇବା ସହ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ, ଶୃଙ୍ଖଳିତ ଓ ଚାଷୀବନ୍ଧବ କରାଯାଉ। ଯଦ୍ୱାରା ଆଗାମୀ ଦିନରେ ଏଭଳି ଗଣ୍ଡଗୋଳ ଓ ଉତ୍ତେଜନାର ପୁନରାବୃତ୍ତି ନ ହେଉ।

## ପୋଖରୀ ବୁଡ଼ି ଶିଶୁକନ୍ୟା ମୃତ

**ଉଦଳା,୪।୭(ସମିସ):** ଗାଁ ପୋଖରୀକୁ ସାଙ୍ଗ ସହିତ ଯାଇଥିବାବେଳେ ପାଣିରେ ବୁଡ଼ିଯାଇ ଜଣେ ୭ ବର୍ଷ ନାବାଳିକାର ଜୀବନଯାଇଛି। ଝିଅକୁ ଖୋଜିବା ପାଇଁ ଗୁଣିଆର ସାହାଯ୍ୟ ନେଲେ ପରିବାର ଲୋକ। ଶେଷରେ ସେହି ପୋଖରୀରୁ ମିଳିଲା ମୃତଦେହ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଉଠାଣି ସାହି ଗ୍ରାମରେ। ବାବୁଲି ନାଏକଙ୍କ ୭ ବର୍ଷର ଝିଅ ରାଜଲକ୍ଷ୍ମୀ ନାଏକ ଆଜି ସକାଳେ ସାଙ୍ଗ ଅନିଶା ସାଙ୍ଗରେ ଗ୍ରାମ ନିକଟ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ରାଜଲକ୍ଷ୍ମୀ ଘରକୁ ଫେରି ନ ଥିଲା। ଝିଅ କୁଆଡେ ଗଲା ତାହା ଜାଣି ନ ପାରି ପରିବାର ଲୋକ ଦୁଇଜଣ ଗୁଣିଆଙ୍କ ସାହାଯ୍ୟ ନେଇଥିଲେ। ଗୁଣିଆ ଗ୍ରାମର ଏକ ପୋଖରୀରେ ଝିଅ ପଡ଼ିଥିବା କହିବା ପରେ ପରିବାର ଲୋକ ୩ ଘଣ୍ଟା ପରେ ସେଠାରେ ପହଞ୍ଚି ଝିଅକୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଇସ୍ପାତ ନଗରୀକୁ ପୁନଃ ରେଳ ଚଳାଚଳ ଦାବି

# କେବେ ଚାଲିବ ବଡ଼ବିଲ-ପୁରୀ-ରାଉରକେଲା ଇଣ୍ଟରସିଟି

ଯୋଡ଼ା/ବଡ଼ବିଲ, ୪।୭ (ସମିସ):




ଦକ୍ଷିଣ-ପୂର୍ବ ରେଳ ବିଭାଗ ଯୋଡ଼ା ଖଣି ମଣ୍ଡଳରୁ ସିଂହଭାଗ ରାଜସ୍ୱ ନେଉଥିଲେ ମଧ୍ୟ ଖଣି ଅଞ୍ଚଳବାସୀ ଆଜି ମଧ୍ୟ ରେଳସେବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ତେବେ ରେଳ ବିଭାଗର ଅବହେଳା କାରଣରୁ ଏକାଧିକ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ବେଳେ ଅଞ୍ଚଳବାସୀଙ୍କ ମୌଳିକ ଦାବିକୁ ମଧ୍ୟ ଅଣଦେଖା କରାଯାଉଥିବା କୁହାଯାଉଛି। ପ୍ରକାଶ ଯେ ୭୦ ଦଶକରୁ ବଡ଼ବିଲଠାରୁ ଟାଟା ନଗର ପର୍ଯ୍ୟନ୍ତ ଏକମାତ୍ର ପାସେଞ୍ଜର ଟ୍ରେନ ଚଳାଚଳ କରିଆସୁଛି। ଏହାର ଦୀର୍ଘବର୍ଷ ପରେ ୨୦୦୩ ମସିହାରୁ ହାୱଡା-ବଡ଼ବିଲ ଜନଶତାବ୍ଦୀ ଏକ୍ସପ୍ରେସ ବଡ଼ବିଲରୁ ଚଳାଚଳ ଆରମ୍ଭ ହୋଇଥିଲା। ସେହିପରି ବଡ଼ବିଲ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଦାବି ଓ ଆନ୍ଦୋଳନ ପରେ କେନ୍ଦୁଝରରୁ ପୁରୀ ଚଳାଚଳ କରୁଥିବା ଇଣ୍ଟରସିଟି ଏକ୍ସପ୍ରେସକୁ ୨୦୧୨ରୁ ବଡ଼ବିଲ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏହାର ପ୍ରାୟ ତିନି ବର୍ଷ ପରେ ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସକୁ ଝାଡ଼ଖଣ୍ଡ ପ୍ରଦେଶର ଚାଇଁବସା ଓ ଭାୟା ଚକ୍ରଧରପୁର ହୋଇ ରାଉରକେଲାକୁ ଚଳାଚଳ ଆରମ୍ଭ ହୋଇଥିଲା। ଏହାଦ୍ୱାରା ଖଣି ସହର ବଡ଼ବିଲରୁ ଇସ୍ପାତ ନଗରୀ ରାଉରକେଲାକୁ ଯୋଗାଯୋଗ ସ୍ଥାପନ ହେବା ସହିତ ଝାଡ଼ଖଣ୍ଡ ରାଜ୍ୟବାସୀ ମଧ୍ୟ ଉପକୃତ ହେଉଥିଲେ। କରୋନା ଲକ୍‌ଡାଉନ ସମୟରେ ଦେଶରେ ଟ୍ରେନ ଚଳାଚଳ ରହିଥିଲା। ମାତ୍ର ୨୦୨୨ ମସିହା ମେ ୫ ତାରିଖକୁ ଇଣ୍ଟରସିଟି ଏକ୍ସପ୍ରେସ ପୁଣି ଥରେ ଚଳାଚଳ ଆରମ୍ଭ ହୋଇଥିବା ବେଳେ ରାଉରକେଲାକୁ ଯାତାୟତ ବନ୍ଦ ରହିଛି। ତେଣୁ ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସକୁ ପୁଣି ଥରେ ରାଉରକେଲାକୁ ସମ୍ପ୍ରସାରଣ ନିମନ୍ତେ ସାଧାରଣରେ ଦାବି ହେଉଛି। ଏଥିସହିତ ଟାଟା-ବଡ଼ବିଲ ପାସେଞ୍ଜର ଟ୍ରେନକୁ ମଧ୍ୟ ବଲାଣି ପର୍ଯ୍ୟନ୍ତ ସମ୍ପ୍ରସାରଣ ନିମନ୍ତେ ଦାବି ହେଉଛି। ଓଡିଶାରେ ପୂର୍ବତଟ ରେଳ ବିଭାଗ କାର୍ଯ୍ୟ କରୁଥିବା ବେଳେ ଯୋଡ଼ା ଖଣି ଅଞ୍ଚଳଟି ଦକ୍ଷିଣ-ପୂର୍ବ ରେଳ ବିଭାଗ ଅଧୀନରେ ରହିଛି। ବିଭିନ୍ନ କାରଣରୁ ବଡ଼ବିଲ-ବାଂଶପାଣି ରେଳପଥ ପରି ଶହ ଶହ କୋଟି ଟଙ୍କାର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ତେଣୁ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଦକ୍ଷିଣ-ପୂର୍ବ ରେଳ ବିଭାଗକୁ ପୂର୍ବତଟ ରେଳ ବିଭାଗ ସହିତ ସାମିଲ କରାଗଲେ ଖଣି ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

● ଦିବ୍ୟାଙ୍ଗ ବିଧବା ମହିଳାଙ୍କ ପ୍ରମାଣପତ୍ରର ତ୍ରୁଟି

## ସଂଶୋଧନ ପାଇଁ ପରିବାରର ନ୍ୟାୟ ଦାବି

ହାଟଡ଼ିହୀ,୪।୭ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବଞ୍ଚୋ ଗ୍ରାମର ଦିବ୍ୟାଙ୍ଗ ବିଧବା ମହିଳା ସାବିତ୍ରୀ ବାରାଳଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଥିବା ତ୍ରୁଟିକୁ ସଂଶୋଧନ କରି ନ୍ୟାୟ ପ୍ରଦାନ କରିବାକୁ ତାଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲ୍ଲାପାଳ କେନ୍ଦୁଝର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଓଡ଼ିଶା ସରକାରଙ୍କ ସିଏମଓ ଏବଂ ସମାଜ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ନିକଟରେ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗ ଅନୁଯାୟୀ, ଆନନ୍ଦପୁର ବ୍ଲକରେ ଆୟୋଜିତ ଭୀମଭୋଇ ସାମର୍ଥ୍ୟ ଶିବିରରେ ଉପସ୍ଥିତ ଡାକ୍ତରମାନେ ସାବିତ୍ରୀ ବାରାଳଙ୍କୁ ପରୀକ୍ଷା କରି ୯୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା କହିଥିଲେ। ପରେ ପ୍ରଦାନ କରାଯାଇଥିବା ଦିବ୍ୟାଙ୍ଗ ପ୍ରମାଣପତ୍ରରେ ତାଙ୍କ ଦିବ୍ୟାଙ୍ଗ ଶତକଡା ୬୯ ପ୍ରତିଶତ ଉଲ୍ଲେଖ ହୋଇଥିବାରୁ ସେ ଗୁରୁତର ଦିବ୍ୟାଙ୍ଗଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ସୁବିଧା ଓ କଲ୍ୟାଣକାରୀ ଯୋଜନାରୁ ସେ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ସାବିତ୍ରୀ ବାରାଳ ଜଣେ ବିଧବା ସହ ଅତ୍ୟନ୍ତ ଗରିବ ଓ ଅସହାୟ ମହିଳା। ଉଭୟ ହାତ ଓ ଗୋଡ଼ ଅକ୍ଷମ ହେବା ସହ ସେ ଶ୍ରବଣ ବାଧିତ ଏବଂ କଥା କହିବାରେ ସମ୍ପୂର୍ଣ୍ଣ ଅସମର୍ଥ। ଦୈନନ୍ଦିନ ଜୀବନର ପ୍ରତ୍ୟେକ କାର୍ଯ୍ୟ ପାଇଁ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ତାଙ୍କ ପରିବାର କହିଛନ୍ତି ଯେ ପ୍ରମାଣପତ୍ରରେ ଥିବା ଏହି ତ୍ରୁଟି ତାଙ୍କ ଜୀବନକୁ ଆହୁରି ଦୁର୍ବିସହ କରିଦେଇଛି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, କେନ୍ଦୁଝର ଏହି ମାମଲାକୁ ଗୁରୁତ୍ୱର ସହ ବିଚାର କରି ନିରପେକ୍ଷ ତଦନ୍ତ କରିବା ସହ ପ୍ରକୃତ ଦିବ୍ୟାଙ୍ଗତା ଅନୁଯାୟୀ ପ୍ରମାଣପତ୍ରର ସଂଶୋଧନ କରି ବିଧବା ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପରିବାର ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସେହିପରି ସରକାରଙ୍କ ପ୍ରକୃତ ହକ୍‌ଦାର ଭାବେ ସମସ୍ତ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ କଲ୍ୟାଣ ଯୋଜନାର ସୁବିଧା ତାଙ୍କୁ ଯଥାଶୀଘ୍ର ପ୍ରଦାନ କରିବାକୁ ମଧ୍ୟ ପରିବାର ପକ୍ଷରୁ ଦାବି ହୋଇଛି।



● ତେଲକୋଇ ବ୍ଲକ

## ଶତାଧିକ ନଳକୂପ ଅଚଳ; ମରାମତି ଦାବି

ତେଲକୋଇ, ୪।୭ (ସମିସ): ପାନୀୟଜଳର ସମସ୍ୟା ଦୂର ପାଇଁ ସରକାର ବିଭିନ୍ନ ଗ୍ରାମ ଓ ସାହିରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ନଳକୂପ ଖନନ କରୁଛନ୍ତି। ଏହାସହିତ ସେ ସବୁର ମରାମତି ପାଇଁ ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ପ୍ରଶାସନିକ ସ୍ତରରେ ନିୟୋଜିତ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କ ଅବହେଳା ପାଇଁ ଅଚଳ ନଳକୂପ ମରାମତି ହେଇ ପାରୁନାହିଁ। ଫଳରେ ଲୋକେ ପାନୀୟଜଳ ମୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରୁ ଏଭଳି ସଙ୍ଗୀନ ଅଭିଯୋଗ ଆସିଛି। ତେଲକୋଇ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନି। ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ହେବ ଶହେରୁ ଅଧିକ ନଳକୂପ ଅଚଳ ହୋଇପଡ଼ିଥିବା ନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ମରାମତି ହୋଇପାରୁନାହିଁ। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଓ ସାମଗ୍ରୀ ବିଭାଗ ପାଖରେ ମହଜୁଦ ନଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଏଥି ପ୍ରତି କାହିଁକି ଦୃଷ୍ଟି ଦେଉନାହାନ୍ତି ତାହା ଏବେ ବିଭାଗୀୟ ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଇଛି। ଗୋଦାମ ଗୃହରେ ଆବଶ୍ୟକ ମରାମତି ସରଞ୍ଜାମ ଗଛିତ ରଖିବା ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱ ଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଯାହାଫଳରେ ଲୋକଙ୍କୁ ଜଳକଷ୍ଟ ଭୋଗିବାକୁ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆଗକୁ ବର୍ଷାଋତୁ ଆସୁଥିବାରୁ ଲୋକେ ନଦୀନାଳରୁ ଦୂଷିତ ପାଣି ପିଇ ବିଭିନ୍ନ ରୋଗବ୍ୟାଧିରେ ଶିକାର ହେବା ଓ ସଂକ୍ରମଣ ଶିକାର ହେବା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଜଳ କଷ୍ଟ ଦୂର କରିବାକୁ ଦାବି ହୋଇଛି।



● କୁସେଇ ନଦୀରୁ ପ୍ରତିଯୋଗିତାମୂଳକ ବାଲି ଚୋରି

## ଧମକ ଦେଉଛନ୍ତି ଟ୍ରାକ୍ଟର ମାଲିକ



ଆନନ୍ଦପୁର, ୪।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକରେ ପୁଣି ବାଲି ମାଫିଆ ସକ୍ରିୟ। ଦିନରାତି ଚାଲିଛି ଟ୍ରାକ୍ଟରରେ ବାଲି ଚୋରା ଚାଲାଣ। ବେଲବାହାଳୀ, ହରିଡାପାଳ, ଜଳସୁଆଁ କୁସେଇ ନଦୀ ଘାଟରୁ ପ୍ରତିଯୋଗିତାମୂଳକ ଭାବେ ଚାଲିଛି ଟ୍ରାକ୍ଟରରେ ବାଲି ଚୋରି। ଯାହାକୁ ନେଇ ଦୈନିକ ରାଜସ୍ୱ କ୍ଷତି ହେଉଛି। ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ପୂର୍ବରୁ ଘସିପୁରା ଥାନାଞ୍ଚଳରେ ଚଢଉ କରାଯାଇଥିଲା। ଫଳରେ କିଛିଦିନ ସେଇ ଭୟର ଆଶଙ୍କା ନେଇ ବାଲି ମାଫିଆମାନେ ଲୁଚି ରହିଥିଲେ। ଦିନ କେଇଟା ନିରବି ଗଲାପରେ ପୁଣି ଚେଇଁ ଉଠିଲେଣି ବାଲି ମାଫିଆ। ଘଷିପୁରା ଥାନା ବେଲବାହାଳି, ଜଳସୁଆଁ, ବାଇଲୋ, ହରିଡାପାଳ କୁସେଇ ନଦୀ ଘାଟରୁ ଟ୍ରାକ୍ଟରରେ ବିଳମ୍ବିତ ରାତିରୁ ଦିନ ୧୦ଟା ପର୍ଯ୍ୟନ୍ତ ବାଲି ଚୋରା ଚାଲାଣ କରୁଥିବା ଦେଖାଯାଇଛି। ନଦୀରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଛିତ କରି ବର୍ଷାଦିନେ ଏହାକୁ ଚଢ଼ା ଦରରେ ବିକ୍ରି କରିବା ପାଇଁ ଚାଲିଛି ଯୋଜନା। ସ୍ଥାନୀୟ ଜନସାଧାରଣ ବିରୋଧ କଲେ ଟ୍ରାକ୍ଟର ଡ୍ରାଇଭର ଓ ମାଲିକ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏ ଦିଗରେ ଦୃଷ୍ଟି ଦେଇ କୁସେଇ ନଦୀ ଘାଟରୁ ବାଲି ଚାଲାଣ ଉପରେ ଚଢ଼ଉ କରିବାକୁ ଦାବି ହେଉଛି।

## ଛାତ ଉପର କାନ୍ଥ ଭୁଶୁଡ଼ି ଶ୍ରମିକ ମୃତ, ଜଣେ ଗୁରୁତର

କେନ୍ଦୁଝର, ୪।୭(ସମିସ): କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ସରାସ ଗ୍ରାମରେ ଏକ ନବନିର୍ମିତ ଘର ଛାତର ଉପର କାନ୍ଥ ଭୁଶୁଡ଼ି ପଡିବାରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ସରାସ ଗ୍ରାମରେ ବିରେନ୍ଦ୍ର କୁମାର ଶର୍ମାଙ୍କର ନବନିର୍ମିତ ଘରର ଛାତର ଉପର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘରର ଉପର ମହଲାରେ କାନ୍ଥ ଯୋଡାଉଥିବା ସମୟରେ କାନ୍ଥରେ ବନ୍ଧା ଯାଇଥିବା ଭାଡାଟି ଓଜନ ସମ୍ଭାଳି ନପାରି ଖସି ପଡିଥିଲା। ଫଳରେ ଭାଡା ଉପରେ କାମ କରୁଥିବା ୨ ଜଣ ଖସି ପଡ଼ିଥିଲେ। ତାଙ୍କ ଉପରେ କାନ୍ଥଟି ଖସି ପଡ଼ିଥିଲା। ମୃତକ ଓ ଗୁରୁତର ଉଭୟ ପଶ୍ଚିମବଙ୍ଗ ଅଞ୍ଚଳର ରାଜମିସ୍ତ୍ରି ବୋଲି ଜଣାପଡ଼ିଛି। ଏହି ଘର କାର୍ଯ୍ୟକୁ ଏସକେ ସମିମ ନାମକ ଠିକାଦାର କରୁଥିବା ବେଳେ ମୃତକଙ୍କ ପରିଚୟ ବାବର୍ ଶେଖ୍ ଓ ଗୁରୁତରଙ୍କ ନାଁ ମିଟୁ ଶେଖ୍ ବୋଲି ଜଣାପଡିଛି। ସମସ୍ତଙ୍କ ଘର ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅଞ୍ଚଳରେ ବୋଲି ଜଣାପଡିଛି। ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।




## ମା' କାଳୀପୂଜା କମିଟି ହୀରକ ଜୟନ୍ତୀର ପ୍ରସ୍ତୁତି



ଆନନ୍ଦପୁର, ୪।୭ (ସମିସ): ମା' କାଳୀ ପୂଜା କମିଟି ଖପରାଖାଇ ଘସିପୁରା ବସ୍‌ଷ୍ଟାଣ୍ଡର ୭୫ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ ନିମନ୍ତେ ଏକ ପୂର୍ବ ପ୍ରସ୍ତୁତି ବୈଠକ ହୋଇଯାଇଛି। ସମସ୍ତ ବ୍ୟବସାୟୀ ଯୋଗ ଦେଇଥିବା ଏହି ବୈଠକରେ ହରେକୃଷ୍ଣ ସାହୁ (ବୁଲୁ) ସଭାପତିତ୍ୱ କରିଥିଲେ। ଭାଇଚାରା ସହ ବିଭିନ୍ନ କଳାସଂସ୍କୃତିର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଅତିଥିଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେବା ନେଇ ସଭାପତି ଶ୍ରୀ ସାହୁ ଆଲୋଚନା କରିଥିଲେ। ଆଞ୍ଚଳିକ କଳାକାରଙ୍କୁ ସୁଯୋଗ ସହ ସମ୍ବର୍ଦ୍ଧନା ଉତ୍ସବରେ ବହୁ ପୁରାତନ ବ୍ୟବସାୟୀଙ୍କ ସମେତ ପ୍ରତିଭାମାନେ ରହିବେ ବୋଲି ସମ୍ପାଦକ ସୁରେଶ କୁମାରସେଠୀ ପ୍ରସ୍ତାବ ଆଗତ କରିଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ ଭାଇଚାରା ସହ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କମିଟି ଗଠନ କରାଯାଇଥିଲା। ଏନେଇ ବ୍ୟବସାୟୀଙ୍କ ଉପସ୍ଥିତିରେ ସମସ୍ତ ଆଲୋଚନା କରାଯାଇଛି। ଉପସଭାପତି ବାବୁଲି ଜେନା, ସହସମ୍ପାଦକ ବସନ୍ତ ପେରେଇ ଅଚ୍ୟୁତ ରଣା, ଉପଦେଷ୍ଟା ଗଣେଶ ପ୍ରସାଦ ପତି, କେଶବଚନ୍ଦ୍ର ସାହୁ, ନବରଞ୍ଜନ ଦାସ ପରୀକ୍ଷିତ ସାହୁ, କ୍ଷେତ୍ରବାସୀ ସାହୁ, ରବୀନ୍ଦ୍ର ସେଠୀ, ଜଗନାଥ ସାହୁ, ପ୍ରଶାନ୍ତ ଚକ୍ର, ରାଜକିଶୋର ସାହୁ, ସ୍ମିରୁଲ ପଟ୍ଟନାୟକ, ବାମଦେବ ବିଶ୍ୱାଳ, ବ୍ରଜବନ୍ଧୁ ପାଣିଗ୍ରାହୀ, ପ୍ରମୋଦ ଦାଶ, ଖିରୋଦ ପଣ୍ଡା, ବାପୁନ ବାରିକ, ସନ୍ତୋଷ ବାରିକ, ଜଗବନ୍ଧୁ ପାତ୍ର, ବୁଲା ରଣା, ରଞ୍ଜନ ସାହୁ, ସନାତନ ସାହୁ, ସ୍ମୃତିରଞ୍ଜନ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୋର୍‌ରେ ଗଛକୁ ପିଟିଲା ବସ୍; ଦୁଇ ଆହତ

ଆନନ୍ଦପୁର, ୪।୭(ସମିସ): ଝାରସୁଗୁଡାରୁ ଭଦ୍ରକ ଯାଉଥିବା 'ଶୈଳେନ୍ଦ୍ରି' ନାମକ ଯାତ୍ରୀବାହୀ ବସଟି ଶନିବାର ଭୋର ସମୟରେ ଘସିପୁରା ଲକ୍ଷ୍ମୀବଜାରସ୍ଥିତ ଅରବିନ୍ଦ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇଥିଲା। ନିୟନ୍ତ୍ରଣ ହରାଇ ବସଟି ରାସ୍ତାକଡ଼ରେ ଥିବା ଏକ ବଡ଼ ଗଛକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସର ସାମ୍ନା ଅଂଶ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ଦୁର୍ଘଟଣାରେ ବସର ହେଲପର ଏବଂ ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକ ଏବଂ ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର କାରଣ ଅନୁସନ୍ଧାନ କରୁଛି ପୁଲିସ। ଆହତମାନଙ୍କ ଅବସ୍ଥା ଏବେ ସ୍ଥିର ରହିଥିବା ଡାକ୍ତର ସୂଚନା ଦେଇଛନ୍ତି।



ରୁଗ୍‌ଣାବସ୍ଥାରେ ଆନନ୍ଦପୁର ଆର୍‌ସିଏମ୍‌ଏସ୍

## ପୁନରୁଦ୍ଧାର ପାଇଁ ଆନ୍ତରିକତା ନାହିଁ



ଆନନ୍ଦପୁର, ୪।୭ (ସମିସ): ଏକଦା ବ୍ୟବସାୟରେ ବେଶ୍ ଲାଭାଂଶ ଆୟ କରୁଥିବା କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଆଞ୍ଚଳିକ ବାଣିଜ୍ୟିକ ସମବାୟ ସମିତି ଦିନକୁ ଦିନ ରୁଗ୍‌ଣ ହୋଇପଡୁଛି। ୧୯୯୨ରୁ ପ୍ରାୟ ୩୨ ବର୍ଷ ଧରି ଦୟନୀୟ ଅବସ୍ଥାରେ ପଡିଥିବା ଏହି

### ଜବରଦଖଲ ହୋଇଗଲାଣି ଚତୁଃପାର୍ଶ୍ୱ

ଲାଭଜନକ ସଂସ୍ଥାର ଉନ୍ନତୀକରଣ ଓ ପୁନରୁଦ୍ଧାର ପାଇଁ କାହାରି ଆନ୍ତରିକତା ନଥିବା ଜଣାପଡ଼ିଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟି ପଡୁ ନଥିବାରୁ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ୧୯୫୬ରେ ଆନନ୍ଦପୁର ଉପଖଣ୍ଡର ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସଂସ୍ଥା ବିଭିନ୍ନ ବ୍ୟବସାୟିକ ଉତ୍ସରୁ ଆୟ କରି ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଥିଲା। ପ୍ରାୟ ଦୁଇ ଏକର ପରିମିତ ସରକାରୀ ଜମିରେ ଥିବା ସଂସ୍ଥାର ଚତୁଃପାର୍ଶ୍ୱ ଧୀରେ ଧୀରେ ସଙ୍କୁଚିତ ହୋଇ ପଡୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ଏହି ସଂସ୍ଥା ପରିସରରେ ଚାଉଳ ଗହମ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଗୋଦାମ ସାର ଗୋଦାମ କିରୋସିନ ଡିପୋ ଚାଲିଥିବା ବେଳେ ସେଥିରୁ ଘର ଭଡ଼ା ବାବଦରେ ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହୋଇଥାଏ। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଦାମ ଘର ଅବସ୍ଥା ଦୟନୀୟ ହୋଇପଡି ଭୁଶୁଡି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। କେବଳ ମରାମତି କରି କାମଚଳା ଭାବେ ଚାଲିଆସୁଥିବା ଏହି ସଂସ୍ଥାର ଅନେକ ଗୋଦାମ ଘର ଭାଙ୍ଗି ପଡ଼ିଲାଣି। ଦୟନୀୟ ଅବସ୍ଥା ଯୋଗୁଁ ଅନେକ ବ୍ୟବସାୟିକ ସଂସ୍ଥା ମୁହଁ ଫେରାଇ ନେବାରୁ ସଂସ୍ଥାର ଆୟ ବନ୍ଦ ହୋଇଗଲାଣି। ୧୯୯୨ ପରଠାରୁ ଏପରି ସ୍ଥିତି ଲାଗିରହିଛି। ଏହି ସଂସ୍ଥାର ଉନ୍ନତୀକରଣ ପାଇଁ କୌଣସି ରାଜନେତାଙ୍କ ଦୃଷ୍ଟି ପଡୁନଥିବା ବେଳେ ଏହି ସଂସ୍ଥାର ପରିଚାଳନା ପାଇଁ ଥିବା ବୋର୍ଡର ସଭାପତି ପଦ ହାତେଇବା ପାଇଁ ନିର୍ବାଚନ ନିୟମିତ ଠିକ୍ ସମୟରେ ହୋଇଥାଏ। ସରକାରଙ୍କ ସମବାୟ ବିଭାଗର ଏହି ଲାଭଦାୟକ ସଂସ୍ଥା ପ୍ରତି ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ଉନ୍ନତୀକରଣ ଓ ପୁନରୁଦ୍ଧାର ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ନାବାଳକ ଶ୍ରମିକ ମୃତ୍ୟୁ ଘଟଣା

## ପିସିସି ସଭାପତିଙ୍କ ତେଲକୋଇ ବ୍ଲକ୍‌ରେ ଅନୁଧ୍ୟାନ



ତେଲକୋଇ, ୪।୭(ସମିସ): ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣାରେ କେନ୍ଦୁଝର ଜିଲ୍ଲା ତେଲକୋଇ ଏବଂ ସଦର ବ୍ଲକ୍‌ର ନିରୀହ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିରେ ନାବାଳକ ଶ୍ରମିକ ମଧ୍ୟ ରହିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ଜିଲ୍ଲାର ତିନୋଟି ବ୍ଲକ ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାର ଗ୍ୟାସ୍ ଦୁର୍ଘଟଣାରେ ପ୍ରତି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଅର୍ଥ ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ତେଲକୋଇ ବ୍ଲକ ବିମଳା ପଞ୍ଚାୟତ କୁଡବିଲ ଗାଁ ଦୁବନାଳି ସାହିଠାରେ ଗ୍ୟାସ ଟ୍ରାଜେଡିରେ ମୃତ୍ୟୁ ଘଟିଥିବା ସମସ୍ତ ପରିବାରକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଏବଂ ପ୍ରତିନିଧିବୃନ୍ଦ ଭେଟି ସହାୟତା ରାଶି ପ୍ରଦାନ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ। କିଭଳି ଆଉ କେଉଁ ପରିସ୍ଥିତିରେ ଜୁଆଙ୍ଗ ଯୁବତୀମାନେ ଦାଦନ ପାଇଁ ଯାଇଥିଲେ ସେକଥା ପଚାରି ବୁଝିଥିଲେ। ସମସ୍ତ ମୃତକ ପ୍ରାୟ ନାବାଳିକା ହୋଇଥିବା ବେଳେ କିଭଳି ରାଜ୍ୟ ବାହାରକୁ ଚାଲାଣ ହେଲେ ସରକାରଙ୍କ ବିଧିବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ହେବା ଓ ଶବ ହୋଇ ଫେରିବା ସରକାରଙ୍କ ଦାଦନମୁକ୍ତ ନାରା ପ୍ରହସନ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ ଆଣିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ସଭାପତି, ନିରଞ୍ଜନ ପଟନାୟକ, ଜୟଦେବ ଜେନା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଆଦିବାସୀ ନେତା ଯଶୋବନ୍ତ ଲାଗୁରୀ, ଜିଲ୍ଲା ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ନିର୍ମଳ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ, ଯୁବ କଂଗ୍ରେସ ନେତା ସୋମ୍ୟ ରଞ୍ଜନ ରାଉତ, ସନତ ପାତ୍ରୀ, ଦୀପକ ମୁଖୀ ଯୋଗଦେଇଥିଲେ। ସମସ୍ତ ୧୩ ଜଣ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ଜିଲ୍ଲା ସଭାପତି ମନୋଜ ଜେନା ପ୍ରଦାନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଆଦିବାସୀଙ୍କ ପାଇଁ ଯୋଜନାଗୁଡିକ ଲାଗୁ କରିବା ପାଇଁ ଆଗାମୀ ଅକ୍ଟୋବରରୁ ପଦଯାତ୍ରା ସହ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ଓ ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି।

## ମେଘଦୂତ ପକ୍ଷରୁ ଫକୀରପୁରରେ ବନ ମହୋତ୍ସବ


ଆନନ୍ଦପୁର, ୪।୭(ସମିସ): ଫକୀରପୁରସ୍ଥିତ ଜୟଦୁର୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ "ମେଘଦୂତ' ପରିବାର ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଓ ସିଟି ଟ୍ରେନିଂ ଛାତ୍ରୀ ପ୍ରମୁଖ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ସଚେତନ କରିଥିଲେ। ସ୍ୱେଚ୍ଛାସେବୀ ପ୍ରସନ୍ନ ନାହକ ଛାତ୍ରଛାତ୍ରୀଙ୍କୁ ଗଛର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ରାଜକିଶୋର ବାରିକ ଏବଂ ରଞ୍ଜିତ ନାୟକ ଏହି ଉତ୍ସବ ପାଳନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ରାମ ବୃକ୍ଷରୋପଣର ମହତ୍ୱ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ତ୍ରିଲୋଚନ ସାହୁ ଛାତ୍ରଛାତ୍ରୀମାନଙ୍କୁ "ମୁଁ ଗଛ କହୁଛି' କାର୍ଯ୍ୟକ୍ରମର ଅଧୀନରେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା ଉଦ୍ଦେଶ୍ୟରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# ଆନନ୍ଦପୁର ଗ୍ରାମ୍ୟଉନ୍ନୟନ ଡିଭିଜନ ଆୱାର୍ଡ କାର୍ଯ୍ୟ ବଣ୍ଟନ ଚର୍ଚ୍ଚା

ଆନନ୍ଦପୁର, ୪।୭ (ସମିସ):

ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନକୁ ନନପ୍ଲାନରେ ଆସିଥିବା ପ୍ରାୟ ଏକ କୋଟି ଟଙ୍କାର ଅନୁଦାନକୁ ହାତେଇବା ପାଇଁ ଉଦ୍ୟମ କରି ବିଫଳ ହେବା ଘଟଣା ଡିଭିଜନର ପୂର୍ବବର୍ଷରେ ହୋଇଥିବା ଦୁର୍ନୀତି ଓ କେଳେଙ୍କାରୀକୁ ପଦାରେ ପକାଇଛି। ଅନୁମୋଦିତ ଆୱାର୍ଡ କାର୍ଯ୍ୟ ବଣ୍ଟନ ପରେ ହେଉଥିବା ଥିବା ଗୁଜବ ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷରେ ଆଲଟମେଣ୍ଟ ନଥାଇ ହୋଇଥିବା କାର୍ଯ୍ୟର ବିଲ୍ ଦୀର୍ଘ ବର୍ଷ ଧରି ପଡିରହିଥିବା ବେଳେ ଚଳିତ ବର୍ଷର ଅନୁଦାନରୁ ପେମେଣ୍ଟ କରିବା ପାଇଁ କସରତ କରି ବିଫଳ ହେବାରୁ ନିକଟରେ ଅବସର ନେଇଥିବା ଅଧିକ୍ଷଣ ଯନ୍ତ୍ରୀଙ୍କ ମୁଣ୍ଡରେ ଅଠା ବୋଳିବା ଉଦ୍ୟମ ଫସର ଫାଟି ଯାଇଛି। ବିଗତ ବର୍ଷଗୁଡ଼ିକରେ ଉକ୍ତ ଡିଭିଜନକୁ ଅଧିକ ମାତ୍ରାରେ ନନପ୍ଲାନ ଆଲଟମେଣ୍ଟ ଆସୁଥିଲା। ବର୍ତ୍ତମାନ ଅନ୍ୟ ଡିଭିଜନ ତୁଳନାରେ ଆନନ୍ଦପୁର ଡିଭିଜନକୁ ଖୁବ କମ ପରିମାଣର ଆଲଟମେଣ୍ଟ ମିଳୁଛି। ବହୁଦିନର ବ୍ୟବଧାନ ପରେ କୋଟିଏ ଟଙ୍କାରୁ ଅଧିକ ଟଙ୍କା ଅନୁଦାନ ଆସିଥିଲା। ଏହି ଡିଭିଜନରେ ଅତୀତରେ କୋଟି କୋଟି ଟଙ୍କା ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଦେଇ ଆଦୌ କାମ ନ କରି କିମ୍ବା ଖୁବ୍ ଅଳ୍ପ କାମ କରି ବିଲ୍ ନେଇଯିବା ସତ୍ତ୍ୱେ ଏବେ ମଧ୍ୟ କୋଟି କୋଟି ଟଙ୍କାର ବକେୟା ବିଲ ପଡ଼ିରହିଛି। ସରକାରଙ୍କ ପକ୍ଷରୁ ବିନା ଆଲଟମେଣ୍ଟରେ କାର୍ଯ୍ୟ ନ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସେତେବେଳର କାର୍ଯ୍ୟ ନିର୍ବାହୀଯନ୍ତ୍ରୀ କୌଣସି ଚାପର ବଶବର୍ତ୍ତୀ ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ସରକାରୀ ନିର୍ଦ୍ଦେଶନାମାକୁ ନ ମାନି କାର୍ଯ୍ୟ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ସବୁର ବିଲ ପେମେଣ୍ଟ ନହୋଇ ପଡ଼ିରହିଛି। କେତେକ ଠିକାଦାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ସରକାର ଏବେ ସେ ସବୁ କାମର ବିଲ୍ ପେମେଣ୍ଟ ନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି; ଯାହା ସରକାରଙ୍କ ପାଇଁ ଏକ ବାଧ୍ୟବାଧକତା ରହିଛି। ଏହି ସମୟରେ କିଛି ଟଙ୍କା ଜରୁରୀ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଆସିଥିବା ଅନୁଦାନରୁ ପୁରୁଣାବିଲ ପେମେଣ୍ଟ ପାଇଁ ଉଦ୍ୟମ କରି କିଛି ଠିକାଦାର ବିଫଳ ହେବା ପରେ ବିଭିନ୍ନ ପ୍ରକାର ଗୁଜବ ପ୍ରଚାର କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବାସ୍ତବରେ ଆସିଥିବା ଅନୁଦାନରୁ ଟଙ୍କାଟିଏ ମଧ୍ୟ ପେମେଣ୍ଟ ହୋଇନାହିଁ। କାର୍ଯ୍ୟାଦେଶ ହୋଇଛି ହେଲେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏପରି ଅବସ୍ଥାରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅବସର ହୋଇଯାଇଛି। କାର୍ଯ୍ୟକାଳ ସମାପ୍ତ ପୂର୍ବରୁ ବାକିଆ ପେମେଣ୍ଟ କରିବା ପାଇଁ କେତେକ ଠିକାଦାର ଚେଷ୍ଟା କରୁଥିଲେ। ଏହି ଆଲଟମେଣ୍ଟକୁ ହାତେଇବା ପାଇଁ କିନ୍ତୁ ବିଦାୟୀ ଅଧୀକ୍ଷଣ ଯନ୍ତ୍ରୀ ଉଚିତ୍ ପଦକ୍ଷେପ ନେଇ ଉକ୍ତ ନନପ୍ଲାନ ଆଲଟମେଣ୍ଟରୁ ପୁରୁଣା ବିଲ୍ ପେମେଣ୍ଟ ନ କରି ନୂତନ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ କରି ଗୁଜବର ଶିକାର ହୋଇଥିବା ଆଲୋଚନାରୁ ଜଣାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ପ୍ରଲୋଭନ ଶିକାର ହୋଇ ପୁରୁଣା କାମ ପେମେଣ୍ଟ କରିଥିଲେ ବିପଦରେ ପଡ଼ିଥାନ୍ତେ। ଏ ସମ୍ପର୍କରେ ଅବସର ଗ୍ରହଣ କରିଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଯେଉଁ ବେକାର ଇଞ୍ଜିନିୟରମାନେ ଆୱାର୍ଡରେ କାମ କରିବାପାଇଁ ଆବେଦନ କରିଥିଲେ ସେମାନଙ୍କ ଦରଖାସ୍ତକୁ ଉପରିସ୍ଥ ଅଧିକାରୀଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଯେଉଁମାନଙ୍କର ଅନୁମୋଦନ ମିଳିଥିଲା ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

# ଉଡ଼ାଣ



ଡ. ସ୍ମୃତି ପଟ୍ଟନାୟକ



ନିରୋଦ ବାବୁ ରବିବାର ଦିନ ସଂଧ୍ୟାରେ ମହାନଦୀ ବିହାରର ଜଗନ୍ନାଥ ଉଦ୍ୟାନରେ ବୁଲୁଥାନ୍ତି, ସୋହମ୍ ତା' ସାଙ୍ଗ ରବିନ୍ ସହ ସିମେଣ୍ଟ ବେଞ୍ଚ ଉପରେ ବସି ଗପସପ କରୁଥାଏ। ନିରୋଦ ବାବୁଙ୍କୁ ଦେଖି ଅଙ୍କଲ୍ ନମସ୍କାର କହି ପୁଣି ଗପସପରେ ମନ ଦେଲା। କିଛି ସମୟ ପାର୍କରେ ଚାଲିବା ପରେ ନିରୋଦ ବାବୁ ଜଗନ୍ନାଥ ମନ୍ଦିର ଗଲେ। ମନ୍ଦିରରେ ଆଳତି ହେଉଥାଏ। ଲୋକଗହଳି ଥାଏ। ନିରୋଦ ବାବୁ ଗୋଟାଏ କୋଣକୁ ଛିଡ଼ା ହେଇଥିଲେ।

ଆଳତି ସରିଲା ପରେ ଠାକୁରଙ୍କ ଚନ୍ଦନ ତୁଳସୀ ପାଇ ଆସିଲା ବେଳକୁ ଗେଟ୍ ସାମ୍ନାରେ ଚାହା ଦୋକାନୀ ରାମୁ କହିଲା "ସାର୍ ନମସ୍କାର, ଆପଣଙ୍କୁ ଦେଖି ଅଦା ପକା ଚା' କରିଛି।" ରାମୁର ଚା' ସ୍ୱାଦ ନିଆରା, ଯିଏ ଥରେ ପିଇଛି ସେ ତା' ଚା' ପ୍ରେମରେ ପଡ଼ିବା ଥୟ। ସୋହମ୍ କେତେବେଳେ ଏକୁଟିଆ ଆସି ତାଙ୍କ ପାଖରେ ଛିଡ଼ା ହୋଇ ସବୁ କଥା ଶୁଣୁଥିଲା,ରାମୁ ଖୁସିରେ କହୁଥାଏ "ସାର୍ ଜାଣିଛନ୍ତି ଗୋଟିଏ ଭଲ ଖବର ଆପଣ ଶୁଣିଲେ ବହୁତ ଖୁସି ହେବେ। ଆପଣ ତ ଆସୁନଥିଲେ କିଛିଦିନ ହେଲାଣି, ମୁଁ ଆପଣଙ୍କୁ ବହୁତ ମନେ ପକାଉଥିଲି।"

ନିରୋଦ ବାବୁ କହିଲେ "ଚାକିରିରୁ ଅବସର ନେଲା ପରେ ମୁଁ ଏଠି ନଥିଲି କିଛିଦିନ ହେଲାଣି ଗାଁକୁ ଯାଇଥିଲି ମାସେ ରହିକି ଆସିଲି। ଗାଁରୁ ଆସିବାକୁ ଇଚ୍ଛା ହଉନଥିଲା। ବହୁତ ଭଲ ଲାଗୁଥିଲା ଗାଁର ପରିବେଶ ତା' ସହ ଗାଁ ଲୋକଙ୍କ ଅକୁଣ୍ଠିତ ସ୍ନେହ ଶ୍ରଦ୍ଧା, କିନ୍ତୁ ତମମାନଙ୍କ କଥା ସବୁ ମନେ ପଡ଼ିବାରୁ ଆସିଲି, ପୁଣି ଫେରିଯିବି, ଗାଁରେ ଗୋଟିଏ ବୈଷୟିକ ବିଦ୍ୟାଳୟ ଖୋଲିଛି। ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛି। କିଛି ଗୋଟାଏ ନୂଆ କାମ କଲେ ଭଲ ଲାଗିବ।" ନିରୋଦ ବାବୁ ଖୁବ୍ ପ୍ରଗଳ୍ଭ ହୋଇ ପଡୁଥିଲେ। ପ୍ରକୃତିସ୍ଥ ହେଲା ପରେ ପଚାରିଲେ "ଆରେ ରାମୁ କ'ଣ ଖୁସି ଖବର କହିବ କହୁଥିଲ, ଏବେ କୁହ।" ରାମୁ କହିଲା "ସାର୍ ମୋ ସାନ ଭାଇ ଏଥର କ୍ଲାଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଇଛି। ଏବେ ସେ ନ୍ୟାସନାଲ୍ ଲ' ବିଶ୍ୱବିଦ୍ୟାଳୟରେ ଆଡ୍‌ମିସନ ନେଇପାରିବ।"

"ଆରେ ବାଃ ବହୁତ ଖୁସି ଖବର।"

ରାମୁ କହିଲା "ସାର୍! କରୋନାରେ ଆକ୍ରାନ୍ତ ହୋଇ ବାପା ଓ ବୋଉ ଦୁହେଁ ଆଗ ପଛ ହୋଇ ଚାଲିଗଲେ, ରହିଗଲୁ ସାନ ଭାଇ ଓ ମୁଁ।"

"ତମର ପରିଶ୍ରମ ଓ ସଚ୍ଚୋଟପଣିଆ ଯୋଗୁଁ ସବୁ ସମ୍ଭବ ହେଇପାରିଲା।"

ରାମୁ କହିଲା "ସାର୍ ମୋର ଗୋଟିଏ ଛୋଟିଆ ଅନୁରୋଧ ରଖିବେ। ଦୁଇ ବର୍ଷ ହେବ ମୋ' ବାହାଘର ହେଇଛି ବେଟର୍ ହାପ୍ ଲିଲିମାର ଭାରି ଇଚ୍ଛା, ଏଇ ଖୁସିରେ ଆମର ଶୁଭାକାଂକ୍ଷୀମାନଙ୍କୁ ଘରକୁ ଡାକି ଏକ ଟି' ପାର୍ଟି ଦେବା ପାଇଁ। ଆପଣ ଯଦି କିଛି ନ ଭାବନ୍ତି ଆସନ୍ତାକାଲି ସଂଧ୍ୟାବେଳେ ମ୍ୟାଡାମ୍‌ଙ୍କୁ ନେଇ ଆମ ଘରକୁ ନିଶ୍ଚୟ ଆସିବେ। ସାନଭାଇକୁ ଆଶୀର୍ବାଦ କରିବେ।" ରାମୁ ଇମୋସନାଲ୍ ହେଇଯାଉଥିଲା। ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା।

ନିରୋଦ ବାବୁ କହିଲେ "ଏତେ ବଡ଼ ଖୁସି କଥା, ମୁଁ ମ୍ୟାଡାମ୍‌ଙ୍କ ସହ ଆସିବି, କଥା ଦେଲି ତମକୁ।"

ସୋହମ୍ ନୀରବ ହୋଇ ସେମାନଙ୍କ କଥୋପକଥନ ଶୁଣୁଥିଲା, ସେ କହିଲା "ଅଙ୍କଲ୍ ମୋର କ'ଣ ଇଚ୍ଛା ଅଛି ଜାଣନ୍ତି? ମୁଁ ଚାହୁଁଛି ପରିବେଶ ବିଜ୍ଞାନ ବିଷୟ ନେଇ ପଢ଼ିବି, ଭବିଷ୍ୟତରେ ଗବେଷଣା କରି ଲୋକମାନଙ୍କ ମନ ଭିତରେ ପରିବେଶ ପ୍ରତି ସଚେତନତା ଭାବ ସୃଷ୍ଟି କରିବି।"

"ବହୁତ ଭଲ କଥା।"

"ହେଲେ ଅଙ୍କଲ୍ ମୋ ମମି ଓ ପାପାଙ୍କର ଲକ୍ଷ୍ୟ ମୁଁ ନିଟ୍ ପରୀକ୍ଷାରେ କେମିତି ଭଲ ନମ୍ବର ରଖି ସରକାରୀ ମେଡିକାଲ୍ କଲେଜରେ ସିଟ୍‌ଟିଏ ପାଇବି। ବୋର୍ ହେଇଗଲିଣି, ଆଉ ପାରିବିନି, ଏଥର ମୋର ସେକେଣ୍ଡ ଚାନ୍‌ସ ଥିଲା। ହେଲେ ପ୍ରଶ୍ନ ପତ୍ର ଲିକ୍ ହେବା କାରଣରୁ ଆଉ ଥରେ ପରୀକ୍ଷା ହେବ। ମୋର ଆଉ ଥରେ ଦେବାକୁ ଜମାରୁ ଇଚ୍ଛା ନାହିଁ, ହେଜିଟେସନ୍ ଆସୁଛି, ମେଣ୍ଟାଲ୍ ଡିପ୍ରେସନ୍‌ରେ ରହୁଛି, କ'ଣ କରିବି ଜାଣି ପାରୁନି?"

ନିରୋଦ ବାବୁ କହିଲେ, "ଆଚ୍ଛା ଯାହା ତୋର ଲକ୍ଷ୍ୟ ତୁ ସେଇଆ କରିବୁ।"

"ଅଙ୍କଲ୍ ଆପଣ ବହୁତ ଭଲ, ଆପଣ ଆମ ଘରକୁ ନିଶ୍ଚିତ ଆସିବେ।"

ନିରୋଦ ବାବୁ ତାକୁ ପ୍ରତିଶ୍ରୁତି ଦେଲେ, ଗୋଟିଏ ଗଳିରେ ଦୁହିଁଙ୍କ ଘର। ତାପରେ ସୋହମ୍ ତାଙ୍କ ଘରକୁ ଗଲା। ରାତି ନଅଟା ହେଇଯାଇଥିଲା। ପତ୍ନୀ ବୀଣାଙ୍କୁ ଡିନର୍ ବେଳେ ସବୁ କହିଲେ। ରାତିରେ ଭଲ ନିଦ ହେଇନଥିଲା ନିରୋଦ ବାବୁଙ୍କୁ ସୋହମ୍ କଥା ଭାବୁଥିଲେ, ଆଜିକାଲି ବାପାମାଆମାନେ ନିଜପିଲାର ଇଚ୍ଛା ଅନିଚ୍ଛାକୁ ଚିନ୍ତା ନକରି ହାଇଲି ଆମ୍ବିସିଅସ୍ ହେଉଛନ୍ତି। ତା'ର ଫଳାଫଳ ପ୍ରତିଦିନ ଦେଖିବାକୁ ପଡୁଛି। ସକାଳୁ ଟିକିଏ ନିଦ ଲାଗିଯାଇଥିଲା,ବୀଣାଙ୍କ ପାଟିରେ ଉଠି ବସିଲେ। "କ'ଣ ହେଲା ?" ବ୍ୟସ୍ତ ହେଇ ପଚାରୁ ଥିଲେ ନିରୋଦ ବାବୁ।

"ସୋହମ୍ କାଲି ରାତିରେ ଅଧିକ ସ୍ଲିପିଂ ଟାବ୍‌ଲେଟ୍ ଖାଇ ଶୋଇ ପଡ଼ିଥିଲା। ତା'ର ପାପା ଜାଣିଲା ପରେ ତାକୁ ଆମ୍ବୁଲାନ୍ସରେ ଏବେ ହସ୍‌ପିଟାଲ୍ ନେଇକି ଗଲେ।

"କୋଉ ହସ୍‌ପିଟାଲ୍?"

"ଶକ୍ତି ହସ୍‌ପିଟାଲ୍।"

ନିରୋଦ ବାବୁ ମୁହଁ ଧୋଇ ପ୍ୟାଣ୍ଟ ସାର୍ଟ ଗଳାଇ ସ୍କୁଟିରେ ଯାଇ ପହଞ୍ଚିଲେ ହସ୍‌ପିଟାଲ୍‌ରେ। ସେତେବେଳକୁ ସୋହମ୍‌ର ଚେତା ଆସି ଯାଇଥିଲା, ଡାକ୍ତରଙ୍କ ଅକ୍ଲାନ୍ତ ଚେଷ୍ଟା ଯୋଗୁଁ ବିପଦ ସମୟ ଟଳି ଯାଇଥିଲା। ସାଲାଇନ୍ ଓ ଇଞ୍ଜେକ୍ସନ୍ ଚାଲିଥାଏ। ସୋହମ୍ ଜୁଳୁଜୁଳୁ କରି ଅନାଇଲା। କଥା କହି ପାରୁନଥାଏ। ନିରୋଦ ବାବୁ ତା' ପାଖରେ ବସିଲେ ତା' ମୁଣ୍ଡ ଉପରେ ହାତ ରଖିଲେ। ଧୀର ସ୍ୱରରେ କହିଲେ "ତୋର ଯାହା ଲକ୍ଷ୍ୟ ଅଛି ତାହା ନିଶ୍ଚୟ ପୂରଣ ହେବ। ଏଥିରେ କେହି ବାଧା ଦେବେନି। ମୁଁ ତୋତେ କଥା ଦେଉଛି।"

ସୋହମ୍ ମୁହଁରେ ହସର ରେଖାଚିତ୍ର ଫୁଟି ଉଠୁଥିଲା। ଦିନସାରା ବିତି ଯାଇଥିଲା ନିରୋଦ ବାବୁ ସୋହମ୍ ପାଖରେ ଥିଲେ। ସଂଧ୍ୟା ସାତଟାରେ ମୋବାଇଲ୍‌ରେ ରାମୁର ମେସେଜ୍ "ସାର୍ ଆସନ୍ତୁ ପ୍ଲିଜ୍। ସମସ୍ତେ ଆସିଗଲେଣି। ଆପଣଙ୍କ ଅପେକ୍ଷାରେ।" ନିରୋଦ ବାବୁ ଉତ୍ତର ରଖିଲେ "ରାମୁ ତୁମେ ଆରମ୍ଭ କର ପାର୍ଟି, ମୋର ଶୁଭେଚ୍ଛା ଓ ଶୁଭକାମନା ରହିଲା, ଉଡ଼ାଣ ଜାରି ରହୁ ଦେଖା କରି ସବୁ ଘଟଣା କହିବି।"

ସୋହମ୍ କଥା କହୁଥିଲା। ପାଣି ପିଇବ ବୋଲି କହୁଥିଲା। ନିରୋଦ ବାବୁ ତା' ମୁଣ୍ଡ ଆଉଁଷି ଦେଉଥିଲେ। କହିଲେ ସୋହମ୍ "Whatever you are, be a good one"। ପାଖ ମନ୍ଦିରର ଘଣ୍ଟ ଧ୍ୱନି ଶୁଭୁଥିଲା। ତା'ର ମମି, ପାପା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଥିଲେ...। ■

ମହାନଦୀ ବିହାର, କଟକ
ମୋ: ୯୯୩୮୪୪୦୯୪୯

## ପୁସ୍ତକ ପରିଚୟ

### କୀର୍ତ୍ତିକଥା

ଶ୍ରୁତକୀର୍ତ୍ତି ତ୍ରିପାଠୀ





ଶବ୍ଦସ୍ପର୍ଶ
ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'କୀର୍ତ୍ତିକଥା' ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'କ୍ଷୁଧା ଓ ଖାଦ୍ୟ ଅପଚୟ', 'ମହତ୍ତ୍ୱ ହରାଉଛି ପର୍ବପର୍ବାଣି', 'ଜହର ଜାଲରେ ଯୁବପିଢ଼ି', 'ବଢୁଛି ଅସମାନତାର ଗ୍ରାଫ୍', 'ନିଜ ଅଧିକାର ପ୍ରତି ସଚେତନତା', 'ସ୍ୱାଧୀନତା ପ୍ରାପ୍ତିର ସ୍ୱପ୍ନ ଏବେ ବି ଅପୂରଣୀୟ', 'ପୁରୁଷ ଭଳି ହେବ କାହିଁକି?', 'କାହିଁକି ବଢୁଛି ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା?' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ସଚେତନତାଧର୍ମୀ ହୋଇଛି। ମାନବିକତାର ଅବକ୍ଷୟ, ଲିଙ୍ଗଗତ ବୈଷମ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ଆଧୁନିକ ଜୀବନ ଶୈଳୀ, ଭାଷା,ସାହିତ୍ୟ, ସଂସ୍କୃତି ଆଦି ପ୍ରସଙ୍ଗକୁ ଭିତ୍ତି କରି ଶ୍ରୁତକୀର୍ତ୍ତିଙ୍କ ପ୍ରବନ୍ଧଗୁଡ଼ିକ ରଚିତ। ପ୍ରତିଟି ପ୍ରବନ୍ଧରେ ରହିଛି ଏକ ସାମାଜିକ ବାର୍ତ୍ତା। ବିଭିନ୍ନ ସାମାଜିକ ପ୍ରସଙ୍ଗ, ଦୈନନ୍ଦିନ ଜୀବନର ସମସ୍ୟା ଓ ସମାଧାନକୁ ନେଇ ରଚିତ 'କୀର୍ତ୍ତିକଥା'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ବୋଲି ଆଶା କରାଯାଏ। ■

### ଜୀବନ ସଞ୍ଜ

ଡକ୍ଟର ମାନସୀ କର




ଅପୂର୍ବା
ୟୁନିଟ୍ -୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

ନିକଟରେ ପ୍ରକାଶ ପାଇଛି ଡକ୍ଟର ମାନସୀ କରଙ୍କ 'ଜୀବନ ସଞ୍ଜ' କବିତା ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'ପିତୃତ୍ୱ', 'ହଜି ଯାଇଛି ମାଆ', 'ଗାଁ ମାଟି ମାଆ', 'ଏକାକୀତ୍ୱ', 'ଏକଲାପଣ', ' ଅବ୍ୟକ୍ତ', 'ଜୀବନ ସଞ୍ଜ', 'ଜଗନ୍ନାଥ ପ୍ରାଣ', 'ବାର୍ଦ୍ଧକ୍ୟର ବେଦନା', 'ସମର୍ପିତା ନାରୀ', 'ସ୍ମୃତିରେ ଅତୀତ', 'ବର୍ଷା', 'ଶୀତ', 'ପିତା ଈଶ୍ୱର', 'ଘର', 'ଠିକଣା', 'ମାଟିର ବାସ୍ନା', ମାଟି ମାଆର ଠିକଣା', 'ଆବେଗ', 'ବାପା' ଆଦି କବିତା ମନଛୁଆଁ ହୋଇଛି। 'ଜୀବନ ସଞ୍ଜ' ପୁସ୍ତକର କବିତାଗୁଡ଼ିକରେ ଜୀବନର ନାନା ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ଈଶ୍ୱର ବିଶ୍ୱାସ, ପ୍ରକୃତି ପ୍ରୀତି, ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ନାରୀ ଜୀବନର ଅନେକ ଅକୁହା କଥା, ବ୍ୟଥା ଓ ଆବେଗ କେତେକ କବିତାରେ ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଓ ବୋଧଗମ୍ୟ ଭାଷା, ଉପସ୍ଥାପନା ଶୈଳୀ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ପୁଅ ଫେରିଚି

ପ୍ରେମାନନ୍ଦ ଖଣ୍ଡୁଆଳ



କିଛି ପଚାରନି ପୁଅକୁ
ଧାନଉଁଷା ହାଣ୍ଡି ପରି ଏଡ଼େ ମୁହଁକରି
ବସିଥାଉ ବାରିପିଣ୍ଡାରେ
ଯା ଯେଝା କାମରେ ଯିଏ।

କିଏ କହୁଥିଲାକି ହରିଣ ଧରିବାକୁ
ଧାଁ ବଡ଼ ଖରା
ନିଦ ଖର୍ଚ୍ଚ କରି ଗଢ଼ ଇନ୍ଦ୍ରପୁରୀକୁ ରାସ୍ତା
ଡେଇଁ ଛିଣ୍ଡେଇ ଅଣ୍ଟି ଭର୍ତ୍ତି କର
ଆକାଶ କଇଁଆ!
ଏବେ କହିବୁ ଭାଗ୍ୟ ଦୋଷ
କାହିଁକି କଷ୍ଟ ଦଉଚ ଜଗନ୍ନାଥ
ଗଲା ଜନ୍ମରେ ବାପ, ମା'ଙ୍କ ନାଇଁ କର୍ମଫଳ
ଏ ଜନ୍ମରେ ଜୀବନ ଯାବତ ଜଞ୍ଜାଳ।

ଏବେ ମନକୁ ବୁଝା ବୁଝା ନୁର ବୋଉ
ବାରଣା ପଛକେ ଚାରଣା ହଉ
ପୁଅ ତ ଫେରିଚି ଘରକୁ,
ବିଲ୍ ପଇସା ନପାଇ ବିଜୁଳି କାଟିଚି
ଇଲେକ୍ଟ୍ରି ବାଲା କାଟୁ
ଛ' ମାସ ହେଲା ରାସନ କାର୍ଡ
ବନ୍ଧା ପଡ଼ିଚି ରତନା ଗୁଡ଼ିଆ ଘରେ ପଡ଼ିଥାଉ
ଦଶଥର ଦୁଆରକୁ ଆସି
ଧାର୍ ଟଙ୍କା ମାଗିଲାଣି ବିଶିଆ ରାଉତ

କୋଉ ଗୁଣିଆ ଫୁଙ୍କାରେ
ଗାଈ ଦୁଧ ବଦଳରେ ଦଉଚି ନହୁ
ମାଈ ବାଛୁରୀଟା ଝଡ଼ି ହେଲାଣି କଣ୍ଟା,
କବାଟକୁ ଆଉଜି ବସିଚି ପାଚିଲା ତାଳ
ବାପା ଗଲାଦିନରୁ ଆମ ମୁଣ୍ଡରେ ପାହାଡ଼।

ଯା' ନୁର ଉଠ୍
ଭଲ ବୋଲି ଯା' ସାଙ୍ଗରେ ଗଲୁ ସୁରଟ
ସିଏ ନିଗାଡ଼ି ପିଇଲା ତୋ ଝାଳ
ଛାଡ଼ ଛାଡ଼,
ଏବେ ହିଡ଼କୁ ଛୁଇଁ ନାଚୁଛି ପାଣି
ହାଣ୍ଡି ଫଟେଇ ସପ୍ନ ମାରିବ ଗଜା
କମରରେ ଗାମୁଛା କଷିଲେ
ଲାଉ ହେବେ ଲକ୍ଷ୍ମୀ ସା'ନ୍ତାଣୀ
ବାଦଲ ଫାଙ୍କରୁ ତୋ ଆଡ଼େ
କଣେଇ ଚାହିଁଲାଣି ସୂର୍ଯ୍ୟ ଦେବତା। ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୭୫

# ମୁଁ ଡେରି କରେନା

ଅୟସ୍‌କାନ୍ତ



ମୁଁ ଡେରି କରେନା
ଡେରି ହୋଇଯାଏ
ମୋତେ ସତେ ରୋକେ କିଏ?
କମା, ଆଶ୍ଚର୍ଯ୍ୟଜନକ ଚିହ୍ନ କିଏ?
ମୁଁ ଯେ ଘାୟଲ କମା
କି ପଙ୍ଗୁ ପୂର୍ଣ୍ଣଚ୍ଛେଦକୁ ଡରେନା
ସ୍ୱୟଂ ସମ୍ପୂର୍ଣ୍ଣ ବାକ୍ୟ ହେବାକୁ
ଚେଷ୍ଟା କରୁଥାଏ
ସମୟର ତାଳ ମାନ ଲୟ ସହ
ତାଳ ମିଳେଇବାକୁ ମୋର ସାମର୍ଥ୍ୟ କାହିଁ!
ତମେ ବ୍ୟସ୍ତ
ଅନ୍ୟମାନେ ବି
ହେଲେ ମୋ ପାଇଁ ଅପେକ୍ଷା କରନା
ମୁଁ ନିଶ୍ଚିତ ପହଞ୍ଚିଯିବି
କେହି ହୁଏତ ନଥିବେ
କୁଆ କୋଇଲି କେହିବି
ତଥାପି ପହଞ୍ଚିବି
ତମେ ଦୋଷ ଦବନି ମୋତେ
ଏମିତି ହିଁ ହୁଏ
ମୁଁ ଡେରି କରେନା ମ'
ଡେରି ହୋଇଯାଏ

ମୋତେ ଛକିଥିବ ତୁଙ୍ଗତୁଙ୍ଗ ଗୁଣ୍ଡୁଚି
କୁନି କଉତୁକିଆ ବାଛୁରୀ
ଆମ୍ବଗଛରୁ ଖଟେଇ ହେଉଥିବା
ପୋଡ଼ା ମୁହାଁ ହନୁ
ହଠାତ୍ ସାଇକେଲରୁ ଖସି ପଡ଼ିଥିବା
କୁନି ପିଲା
ହଁ ସେ ସବୁ ଛାଡ଼ି ଯିବି କେମିତି
ଏଣେ ଖରା ସହ ତାଳଦେଇ
ଧାଇଁ ପାରୁନି ମେଘର ଛାଇ
ବରଗଛ ତଳେ ବିଶ୍ରାମ କରୁଛି
ଅନେକ ଜୀବର ହାଇ
ମୁଁ କେମିତି ଯିବି ଏ ସବୁ ଏଡ଼େଇଯାଇ
ମୋ ଛାଇ ସହ ଏ ସବୁ ବିଷୟରେ
ଆଳାପ ଚାଲୁଥାଏ
ମୁଁ ଡେରି କରେନା, ଡେରି ହୋଇଯାଏ

ଆସ୍ତେ ଚାଲେ
ପାଦ ତଳେ ମକଚି ହୁଏ କଣ୍ଟା ଝଟା
ଫୁଲ ପାଖୁଡ଼ା ପ୍ରଜାପତି ପର
କିଛି ଫିକା ପଡ଼ିଥିବା ଦସ୍ତଖତ
ଏ ସବୁ ଥରେ ନିରେଖି ନିଏ

ତମେ ଭାବନା ମୁଁ ଭୁଲିଗଲି
ନା ଭୁଲିବି କେମିତି
ଜୀବନର ଶ୍ରେଷ୍ଠ ଭୁଲ୍‌କୁ
ଭଲ ପାଇବାର ଭୁଲ୍
ଯୁଗ ଯୁଗ ପାଇଁ ମଣିଷ ଏ
ଭୁଲ୍ କରେ ଓ କରୁଥାଏ
ବିଶ୍ୱାସ କର
ମୁଁ ଡେରି କରେନା ମ'
ଡେରି ହୋଇଯାଏ! ■

ମୋ: ୮୭୬୩୩୯୩୧୧୬

ମୁଁ କାହିଁକି ଲେଖେ

# "ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍"



ସୁଶାନ୍ତ କୁମାର ନାୟକ

ଅନେକ ପ୍ରଶ୍ନର ଉତ୍ତର ଅମୀମାଂସିତ। ଜୀବନ ପାଇଁ ଜୀବନର ପ୍ରଶ୍ନ ଯେତିକି ଦୁରୂହ, ପ୍ରେମ ପାଇଁ ପ୍ରେମର ପ୍ରଶ୍ନ ସେତିକି ଗୋଲକଧନ୍ଦାର ବିଷୟ। କାହିଁକି ନିଦାଘରେ କୃଷ୍ଣଚୂଡ଼ା ଫୁଟେ, ଗହୀର ମଝିରେ ଏକଲା ତାଳଗଛରେ କାହିଁକି ବାଇ ଚଢ଼େଇ ତା' ବସାରେ ଦୋଳି ଖେଳେ, ବଣ ପାରିହେଲେ ବେଣାପାଟ ସେପାଖେ କାହିଁକି ସବୁଜିମା ଦେଖାଯାଏ, ନିରନ୍ତର ଚଞ୍ଚଳ ଗତିରେ ତଟିନୀ ସମୁଦ୍ରକୁ ଛୁଇଁବାକୁ ପ୍ରୟାସ କରେ, କାହିଁକି ଫୁଲଟି ବୃନ୍ତରୁ ଝଡ଼ି ମାଟିରେ ମିଶିଯାଏ, କାହିଁକି ମେଘକୋଳରେ ବିଜୁଳିର ସ୍ଫୁରଣ ହୁଏ, କାହିଁକି ଶୂନ୍ୟ ପାଇଁ ପୂର୍ଣ୍ଣଟିଏ ଝୁରିହୁଏ, ବିଦେଶରେ ରହିଥିବା ପୁଅ ପାଇଁ ମାଆଟିଏ କାହିଁକି ଘାରିହୁଏ; ଏହି ଘାରିହେବା ଏବଂ ଘୂରିବା ମୋ ଭିତରେ ଆନ୍ଦୋଳିତ ସୃଜନ ଶକ୍ତିର ଆଧାର।

ବିଧବା ଆଖିର ଲୁହରେ ମୁଁ ଦେଖେ ସାତ ଦରିଆର କୋହ, ଅନୂଢ଼ା କିଶୋରୀର ମୁହଁରେ ମୁଁ ଦେଖେ ଭସା ମେଘରେ ଲୁଚକାଳି ଖେଳୁଥିବା ଜହ୍ନକୁ, 'ନାଆ ବାହି ସେ ପାଖକୁ ବଜାରି ନେଇ ଯାଉଥିବା ଡଙ୍ଗାକୁ ମୁଁ ପଚାରେ ସମୁଦ୍ରର ଠିକଣା। ମାଛ କାତିଆ ଆକାଶ ତଳେ ଲୁଚକାଳି ଖେଳୁଥିବା ପବନକୁ ମୁଁ ପଚାରେ ଖଣ୍ଡିଉଡ଼ା ପକ୍ଷୀର ଠିକଣା। ବାଟବଣା ବାଟୋଇର ଆଖିରେ ମୁଁ ଦେଖେ ନିଦାଘର ମରୀଚିକା। ଗାଁ ମଝି ମନ୍ଦିରରେ ଯେତେବେଳେ ଘଣ୍ଟଘଣ୍ଟା ଆଳତିର ଶବ୍ଦ ଶୁଭେ, ସେତେବେଳେ ମନେପଡ଼େ ବୋଉ। କ୍ଷେତରୁ ଫସଲ ଉଠିଲା ଦିନ ପେଟେ ଖାଇ ଘରକୁ ଫେରିଲା ପରେ ମନେ ପଡ଼ନ୍ତି ବାପା। କାର୍ତ୍ତିକର କାକର ଭିଜା ସକାଳେ ମୁରୁଜ ପକାରେ ମନେ ପଡ଼େ ବୁଢ଼ୀମାଆ। ଭୋକର ଭୂଗୋଳ ଭିତରେ ଲୁଚକାଳି ଖେଳିବା ଭିତରେ ଯୌବନର ଯବକାଚରେ ନିଜକୁ ଦେଖିଲାବେଳେ କେହିଜଣେ ପଛରୁ ଆସି ମୁଦିଦିଏ ଆଖି। ସେତେବେଳେ ମନେପଡ଼େ ପ୍ରେମିକା।

କାଉ କୋଇଲିର ଶବ୍ଦରେ ରାତି ନିଦ ଭାଙ୍ଗେ, ଆଖି ମଳିମଳି ଉଠିଲାବେଳକୁ ଜୀବନ ମତେ ଅଲେଖା କାଗଜ ଖଣ୍ଡେ ଧରାଇ ଦିଏ; ସେଥିରେ ବଣି, ବାଣୁଆ ଆଉ ବାଣର ଚିତ୍ର ଆଙ୍କେ। ଚିତ୍ର ଆଙ୍କିଲା ବେଳେ ମୁଁ ମୋତେ ଭୁଲିଯାଏ। ସେଇଠୁ ଆରମ୍ଭ ହୁଏ ମୋର କବିତା। ସେ ମୋର କଳ୍ପନାର ଚିତା।

ବୁଦୁବୁଦୁକିଆ ପତ୍ର ଗହଳରେ ମଳା ମଲ୍ଲିଫୁଲକୁ ଦେଖି ମୁଁ ହୁଏ ଆତ୍ମବିଭୋର। ଖରାବେଳେ ଗଛଛାଇରେ ଧକଉଥିବା କୁକୁର ମୁହଁକୁ ଦେଖି ମୁଁ ଯେତିକି ବିଷଣ୍ଣ, ଅଚିହ୍ନା ଯୋଗୀର କେନ୍ଦରାରେ ମୁଁ ସେତିକି ଆଚ୍ଛନ୍ନ। ସୃଜନର ନଈଟିଏ ଅନବରତ ବୋହି ଚାଲିଥାଏ। ମୋ ଭିତରେ ତା'ର ଖିଅ ଖୋଜିଲା ବେଳକୁ ମୁଁ ଭୁଲିଯାଏ ମୋର ପରିଚୟ ଓ ମୋର ପରିବାର। ବେଳେବେଳେ ଭୁଲ୍ ଠିକଣାରେ ଚିଠିଟିଏ ଉପଯୁକ୍ତ ପ୍ରାପକକୁ ନ ପାଇ ଯେମିତି ଫେରିଆସେ ପ୍ରେରକ ପାଖକୁ, ଠିକ୍ ସେହିପରି ମୋ ଠିକଣା ଖୋଜିଖୋଜି ବାଟବଣା ହୋଇ ଫେରିଆସେ ଅଚିହ୍ନା ଯାଗାକୁ। ପ୍ରିୟ ପରିଜନ, ଆତ୍ମୀୟସ୍ୱଜନ ସବୁବେଳେ ଅଭିନୟ ପରିଧି ଭିତରେ ବ୍ୟସ୍ତ ଓ ବିବ୍ରତ। ବୃତ୍ତ ଭିତରେ ବିନ୍ଦୁର ଠିକଣା ପରି ମୁଁ ନିଜକୁ ବାରମ୍ବାର ଆବିଷ୍କାର କରେ- ମୁଁ କିଏ? କେଉଁଠି ମୋର ଘର? ଆଉ ଯିବାକୁ ଅଛି କେତେ ଦୂର? ମାଟିର ମଲାଟ ଉପରେ ମଳିଚିଆ ହାତକୁ ଦେଖିଲେ ଖାଙ୍କଡ଼ା ପେଟର କଥା ମନେପଡ଼େ। ଭାତ ପାଇଁ ଭାଇର ବେକରେ ଭଗାରି ଛୁରୀ ମାରିଲାବେଳେ ହାଡ଼ର ହିଡ଼ ଉପରେ ଠିଆ ହୋଇ ଭାଇଭାଗର ଭାଗ ବଣ୍ଟନ ବେଳେ ମୋ ଲେଖନୀ ଅଟକିଯାଏ। ଆଖିରେ ଆସେ ଲୁହ, ମୁଁ ଲେଖେ କବିତା।

ଶୁଖି ଯାଇଥିବା ନଈରେ ତରଙ୍ଗ, ଫୁଟା ଡଙ୍ଗାର ମଙ୍ଗ, ଅନ୍ଧ ନାଉରୀର କାତ, ବେଣାପାଟର କଣ୍ଟେଇକୋଳି, ସୋରିଷ କ୍ଷେତରେ ସୁନାର ଫସଲ, ନିରବତା ଭିତରେ ହଜିଯାଇଥିବା ଗାଈଆଳର ଗୀତ, ସଦ୍ୟ ବିଧବା କପାଳରେ ଲେଖାଯାଇଥିବା ନିୟତି, ଦୃଶ୍ୟଅଦୃଶ୍ୟ ଭିତରେ ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍। ଶିଉଳି ଲଗା ପଥରରେ ଅଚିହ୍ନା ନାରୀ ପାଦର ପାହୁଡ଼, ଅବାଟରେ ପଡ଼ିଚି ଅଚିହ୍ନା ଶବର ହାଡ଼, ଗାଆଁ ଶେଷ ମଶାଣିରେ କୁଢ଼କୁଢ଼ ମଢ଼, ଆସ ଶୀଘ୍ର ଯିବା ପଡ଼ିଯିବ ମନ୍ଦିର ପହଡ଼, ଭଙ୍ଗା ଦେଉଳର ଦିଅଁ, ଅକ୍ଷର ଅରଣ୍ୟ ଭିତରେ ଲୁଚିଥିବା କବିତାର ଧାଡ଼ିଟିଏ, ତାକୁ ଆବିଷ୍କାର କଲାବେଳକୁ ଦିନସବୁ ସରିଯାଏ।

ସାଧବବୋହୂକୁ ଦିନେ ପଚାରିଲି- ମାଟିର ରଙ୍ଗରେ ଏତେ ରଙ୍ଗାୟିତ କାହିଁକି? ନିରବରେ ଉତ୍ତର ଦେଲା- ଅଦୃଶ୍ୟ ଯେମିତି ମତେ ସଜେଇଲା ସେମିତି ମୁଁ ମାଟିର କୋଳରେ ଉଭା ହେଲି। ଆକଟର ଫାଟକ ପାଖରେ ଠିଆ ହେଇଥିବା ମଣିଷଟି ପରିଧି ବାହାରକୁ ଯାଇପାରେନା, ଯିବାକୁ ଚେଷ୍ଟା କଲେବି ଅଦୃଶ୍ୟ ବନ୍ଧନରେ ବାନ୍ଧି ହୋଇଯାଏ। ପ୍ରତ୍ୟେକ ବ୍ୟକ୍ତି ଅଦୃଶ୍ୟ ବନ୍ଧନରେ ବନ୍ଧା। ମନମୁକ୍ତ ଆକାଶର ବିହଙ୍ଗର ଦେହ, ଗୋଟିଏ ଜାଗାରେ ଥିଲାବେଳେ ମନ ଆଉ ଗୋଟିଏ ଜାଗାରେ ଥାଏ। ମନର ମାନସିକତା ଓ ଦେହର ଦୈହିକତା ଏକାକଥା ନୁହେଁ। ମନକୁ ଜାଣେ ମାନସୀ। ମାନସୀର ପେଡ଼ିରେ ପୂଜା ପାଉଥିବା ମଇନା ଦିନେ ପେଡ଼ି ଭାଙ୍ଗି ଅଜାଣତରେ ଚାଲିଯିବ, ଏକଥା ମନର ମାନସୀ ଜାଣେନା, ବିଶ୍ୱାସ ଥାଏ ନିଃଶ୍ୱାସ ନଥାଏ। ନିଆଁର ନଈ ଭିତରେ ନାବିକ ନାଆ ଧରି ଚାଲିଥାଏ। କେଉଁଠି କାହାକୁ ଭେଟିବ ସେ ଜାଣେନା। ହେଣ୍ଟାଳ ବନରେ ବାଘ, ଅଗାଧ ଜଳରେ କୁମ୍ଭୀର, ପରିବେଶ ଭୟଙ୍କର, ତଥାପି କାବ୍ୟନାୟକକୁ ବାହିବାକୁ ହେବ ନାଆ। ନାଆ ଟଳମଳ, ଅଗାଧ ଜଳ। ଜଣାପଡୁ ନାହିଁ ଥଳକୂଳ। ସେ ପାଖରେ ଘର, ଏ ପାଖରେ ମନ୍ଦିର, ମଝିରେ ଶ୍ମଶାନ ସୁନ୍ଦର। ମଶାଣି ଫେରା ମଣିଷମାନଙ୍କୁ ପଚାର ଜୀବନ ଜୀଇଁବାର ଉତ୍ତର।

ଶବ୍ଦ ଖେଳର ସବୁଜ ସନ୍ନ୍ୟାସୀଟି ମୁଁ। ଭାବକୁ ନେଇ ଶବ୍ଦ ଖୋଜୁଖୋଜୁ ଭୋକକୁ ଭୋକରେ ମାରି ଲୁହ ବତୁରା ଆକାଶରେ ମୁଁ ଶ୍ରାବଣକୁ ଦେଖେ। କେଉଁଠି ଚିଲ, କେଉଁଠି ଛଞ୍ଚାଣ ସବୁକଥା ଭୁଲିଯାଏ। ନିରୀହ ଚାତକର ଶୋଷକଥା ମନେପଡ଼େ। କବିତା ଲେଖିବସେ। ସେ ଆସିଲାବେଳେ ମୋ ଭିତରେ ମୁଁ ନଥାଏ। ଆକାଶକୁ ପାଦଟେକି ବାଉଳା ପବନରେ ଗୀତ ବୋଲୁଥାଏ। ଘୂର୍ଣ୍ଣିଟିଏ ଝଡ଼ର ରୂପନେଲା ପରି ଭାବଟିଏ କବିତାରେ ରୂପନିଏ। କବିତା ମୋ ପ୍ରେୟସୀ, କବିତା ମୋ ମାନସୀ। ଯାହା ପାଇଁ ମୁଁ ଭୁଲିଯାଏ, ଦିନରାତି ଦୁଃଖରାଶି। ସେ ମୋ ହାତରେ ଧରେଇଦିଏ ବଂଶୀ, ବଂଶୀରେ ଧୂନ୍ ଦେଲାବେଳକୁ ସେ ନ ଥାଏ ମୋ ପାଖରେ। ମୁଁ ସତର୍କ ହେଲାବେଳକୁ କେହି ଜଣେ ଆସିଥିଲା, ବଂଶୀଟିଏ ନେଇଗଲା ମୁଁ ଜାଣେନା- ସେ ନ ଜାଣିବା ସୂତ୍ରଟି ମୋର କବିତା।

ତାରା ଭର୍ତ୍ତି ଆକାଶ ଭିତରେ ସଞ୍ଜୁଆ ତାରାକୁ ଖୋଜିବାକୁ ଚେଷ୍ଟା କରେ। ସଞ୍ଜୁଆ ତାରାଟି ଗୋଠ ବାହୁଡ଼ା ଗାଈ ପଛେପଛେ ଆସିଥାଏ। ଗାଈ ଖୁରାରୁ ଛିଟିକି ପଡ଼ିଥିବା ଧୂଳିରେ ମୋ ପୃଥିବୀକୁ ମୁଁ ଆବିଷ୍କାର କରେ। ଘାସଫୁଲର ଲୁହ ଭିତରେ ଅଗଣିତ ଜନତାର ଦୁଃଖକୁ ମୁଁ ଚିହ୍ନେ, ରଫ୍‌ଖାତାରେ ଲୁଚିଯାଇଥିବା ପେନ୍‌ସିଲ୍‌ର ଗାର ମୋର ଅତୀତ। ଭଙ୍ଗାକାଚ ବିଛା ରାସ୍ତାରେ ଚାଲୁଥିବା ଜୀବନ ବର୍ତ୍ତମାନ। ପରିତ୍ୟକ୍ତ କୂଅର ଅନ୍ଧାର ପରି ମୋର ଭବିଷ୍ୟତ। ଯୁଦ୍ଧର ଘନଘଟା ବିଭୀଷିକା ଭିତରେ ଛିଣ୍ଡା ଦଉଡ଼ିରେ ଦୋଳି ଖେଳୁଥିବା ଜୀବନ, ଶୂନ୍‌ଶାନ ମଶାଣିରେ ଜଳୁଥିବା ଜୁଇକୁ ପଚାରେ ଜୀବନ କ'ଣ ସୁନ୍ଦର? ସବୁବେଳେ ପଢ଼ିପାରେନା ମୋ ନିଜ ହାତଲେଖା ଅକ୍ଷର। କବିତାରେ ସମୟର ସ୍ୱାକ୍ଷର।

ନିରବଚ୍ଛିନ୍ନ ଅବସୋସ ମୋର ଭାବକୁ ଶବ୍ଦରେ ପ୍ରକାଶ କରେ। ଶବ୍ଦ ସବୁ ହୋଇଯାଏ ଅଦୃଶ୍ୟ ଈଶ୍ୱରୀ। ଦେହ ଭୁଲିଯାଏ ପାଟ ପୀତାମ୍ବରୀ । ଲେଖନୀ ହୃଦୟରେ ସଂଚାର କରେ ଚେତାବନୀ। ମୋର ଧମନୀରେ ସ୍ପନ୍ଦିତ ହୁଏ ସୃଜନର ସଞ୍ଜୀବନୀ। ■

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ: ୭୬୦୮୦୨୫୬୧୬

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ୯ ଜିଲ୍ଲାରେ...

ସୋନପୁରରେ ୫୨ ମିଲିମିଟର, ଭଦ୍ରକରେ ୪୦.୨ ମିଲିମିଟର ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲି ଅର୍ଥାତ୍ ରବିବାର ବରଗଡ଼, ସମ୍ବଲପୁର ଓ ନୂଆପଡ଼ାରେ ପ୍ରବଳରୁ ଅତିପ୍ରବଳ ସ୍ଥଳବିଶେଷରେ ମାତ୍ରାଧିକ ପ୍ରବଳ ବର୍ଷା ହେବ। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦବ୍ୟତୀତ ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବର୍ଷାର ପ୍ରଭାବରୁ ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପାଣିପାଗ ବିଜ୍ଞାନୀମାନେ ସ୍ଥିତି ପ୍ରତି ଦୃଷ୍ଟି ରଖିଛନ୍ତି। ପାଣିପାଗ ବିଜ୍ଞାନୀ ଡ. ଉମାଶଙ୍କର ଦାସଙ୍କ ଅନୁଯାୟୀ ଗତ ୪ ଦିନର ବର୍ଷା ଫଳରେ ରାଜ୍ୟରେ ନିଅଣ୍ଟିଆ ବର୍ଷାର ୨୯ ପ୍ରତିଶତ ପୂରଣ ହୋଇଛି। ଗତ ଜୁନ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୧୦.୩ ମିଲିମିଟର ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ଅଟେ।

## ମୁକାବିଲା ପାଇଁ...

ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି କୁହାଯାଇଛି।

## ଜୁଲାଇ ୨୦ରୁ...

ସାଂସଦଙ୍କ ଅଭାବ ରହିଛି। ସଂସଦକୁ ସରଗରମ କରିବାକୁ ଥିବା ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ। ସଂସଦରେ ସେ କହିଥିଲେ ଯେ ଅପରେସନ ସିନ୍ଦୂରରେ ଭାରତର କୌଣସି ଯବାନ ପ୍ରାଣ ହରାଇ ନାହାନ୍ତି। କିନ୍ତୁ ସରକାର ଏବେ ୬ ଯବାନ ସହିଦ ହୋଇଥିବା ସ୍ୱୀକାର କରିଛନ୍ତି। ରାଜନାଥ ସଂସଦକୁ ବିଭ୍ରାନ୍ତ କରିଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ନୋଟିସ ଦେଇଛନ୍ତି। ଏହାସହିତ ମମତାଙ୍କ ଟିଏମସି ସମେତ ବିଭିନ୍ନ ଦଳରେ ଚାଲିଥିବା ବିଭାଜନ ଓ ଦଳବଦଳ ଘଟଣାକୁ ନେଇ ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ସେମାନେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

## ରାଜଧାନୀ ଡ୍ରେନ୍‌ରେ...

ସଫା ମଧ୍ୟ ହୋଇଥିଲା। ବର୍ଷା ଯୋଗୁ ଡ୍ରେନ-୪ର ସବୁ ଅଳିଆ ଘଟଣାସ୍ଥଳରେ ହିଁ ଜମିଯାଇଛି।

ଏହି ଡ୍ରେନ୍‌ରେ ୩ବର୍ଷ ହେବ ଲେକ୍ ନ୍ୟୁଟ୍ରାଲ ପ୍ରୋଜେକ୍ଟ କାମ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାମ ଧରୁନି। ସରକାର ପରିବର୍ତ୍ତନ ପରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢି ପାରୁନାହିଁ। ନିର୍ମାଣାଧୀନ ପ୍ରକଳ୍ପ ସ୍ଥାନରେ ପୂର୍ବରୁ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ଏହି ବିପଦସଙ୍କୁଳ ସ୍ଥାନକୁ କାହାରିକୁ ଯିବାକୁ ଅନୁମତି ଦିଆଯାଉ ନଥିଲା। ହେଲେ ଏବେ ଡ୍ରେନ୍ ମୁକୁଳା ଏବଂ ବିଶାଳ ବିପଦଜନକ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଅଭାବ ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଇଛି। ତେବେ ମୁକୁଳା ଡ୍ରେନ୍‌ରେ କେତେ ମୁଣ୍ଡ ଗଲେ ପ୍ରଶାସନ ଏବଂ ସରକାର ଚେତିବେ ବୋଲି ପ୍ରଶ୍ନ କରାଯାଇଛି।

## ବାପାପୁଅ ମୃତ...

ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଟୋ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଟ୍ରକ୍‌କୁ ଜବତ କରି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।

## ଥାନା କ୍ୱାର୍ଟର୍ସରେ...

ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ଗତ କିଛି ମାସ ତଳେ ଇନ୍ସପେକ୍ଟର ବିଉଟି ମହାନ୍ତି ଚାଉଳିଆଗଞ୍ଜ ଥାନାରେ ଦାୟିତ୍ୱ ନେଇଥିଲେ। ଏହା ପୂର୍ବରୁ ସେ କଟକ ମହିଳା ଥାନା, ଭୁବନେଶ୍ୱର ପାହାଳ ଥାନା, କଟକ ମର୍କତନଗର ଥାନାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଗୋଟିଏ ପୁଅ ଅଛି। କଟକ ସଦର ଥାନା ଅଞ୍ଚଳରେ ଥିବା ବାପ ଘରେ ନିକଟରେ ସେ ପୁଅର ଜନ୍ମଦିନ ପାଳନ କରିଥିଲେ। ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରୀମତୀ ମହାନ୍ତିଙ୍କ ସ୍ୱାମୀ ମୁମ୍ବଇରେ ରହନ୍ତି। ତେବେ ଆତ୍ମହତ୍ୟା ପଛର ସଠିକ କାରଣ ଜଣାପଡିନାହିଁ। ଇନ୍ସପେକ୍ଟର ବିଉଟି ମହାନ୍ତି ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ଥିଲେ ବୋଲି କିଛି ସହକର୍ମୀ କହିଛନ୍ତି। ପ୍ରାୟ ସମୟ ସେ ମୁଣ୍ଡ ବିନ୍ଧା ଔଷଧ ମଧ୍ୟ ଖାଉଥିଲେ। ମୁଣ୍ଡ ବିନ୍ଧା ଉପରେ ଅତ୍ୟଧିକ କାମ ଚାପ ଯୋଗୁଁ ସେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ। ଏମିତିକି ନିଜର ଶାରୀରିକ ଅସୁସ୍ଥତା ପାଇଁ ସେ ଚାଉଳିଆଗଞ୍ଜ ଥାନାରୁ ଅନ୍ୟତ୍ର ବଦଳି ପାଇଁ ଡିସିପିଙ୍କୁ ଆବେଦନ ମଧ୍ୟ କରିଥିଲେ ବୋଲି ସୂଚନା ମିଳିଛି। ଅନ୍ୟପଟେ, ପାରିବାରିକ ବିବାଦ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

## ଦାନ ସୁନାକୁ...

ଶୁକ୍ଲା ପାଖରୁ ସବୁଠାରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କୁ ଗିରଫ କରାଯାଇସାରିଲାଣି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟ ଏବଂ ନିର୍ମାଣ ଖର୍ଚ୍ଚର ପୁନଃ ଅଡିଟ୍ କରାଯିବ। ପୂର୍ବରୁ ଟ୍ରଷ୍ଟ ବୈଠକରେ କେବଳ ନଗଦ ଟଙ୍କାର ସମୀକ୍ଷା ହେଉଥିଲା, ସୁନା-ରୁପାର ଷ୍ଟକ୍ ଉପରେ ନିୟମିତ ଆଲୋଚନା ହେଉନଥିଲା।

ଭକ୍ତମାନଙ୍କଠାରୁ ମିଳିଥିବା ମୂଲ୍ୟବାନ ଧାତୁର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୪୪ କିଲୋଗ୍ରାମ ରୁପା ସରକାରୀ ଟଙ୍କଶାଳକୁ ପଠାଯାଇଥିଲା। ଏହି କାରବାରର ସମସ୍ତ ସରକାରୀ ରେକର୍ଡକୁ ମଧ୍ୟ ଏସଆଇଟି ଯାଞ୍ଚ କରୁଛି। କଂଗ୍ରେସ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି କରିବାରୁ ଏହାକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି। ଗିରଫଦାରୀ ଏବଂ ଇସ୍ତଫା ପରେ ଆସନ୍ତା ଜୁଲାଇ ୬ ତାରିଖ ବୈଠକରେ ଟ୍ରଷ୍ଟ ଏକ ବଡ଼ ନିଷ୍ପତ୍ତି ନେଇପାରେ।

## ବଦ୍ରିନାଥରେ ବି...

ରଙ୍ଗାଡ଼ କହିଛନ୍ତି ଯେ ଅଭିଯୋଗ ପରେ ମନ୍ଦିର ପରିସରର ସୁରକ୍ଷା କାମେରା (ସିସିଟିଭି) ଯାଞ୍ଚ କରାଯାଇଛି। କିନ୍ତୁ ସେହି ଭିଡିଓ ସେତେଟା ସ୍ୱଷ୍ଟ ନଥିବାରୁ ସମସ୍ତ ତଥ୍ୟ, ପ୍ରମାଣ ଏବଂ ପକ୍ଷମାନଙ୍କ ବୟାନ ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ।

## ଡାକ୍ତର ଆନ୍ଦୋଳନ...

କହିଛନ୍ତି ଯେ ଓମ୍‌ସା କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତାଙ୍କ ସହ ସେମାନଙ୍କର ୧୦ ଦଫା ଦାବି ବିଷୟରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି। ସେମାନଙ୍କର ଦାବିଗୁଡ଼ିକୁ କେମିତି ଆଗାମୀ ଦିନରେ ସମୟ ଅନୁସାରେ କାର୍ଯ୍ୟକାରୀ କରାଯାଇ ପାରିବ, ସେନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। କମିଟିରେ ଅର୍ଥ ବିଭାଗର ସଚିବ ଅଧ୍ୟକ୍ଷ ଥିବାବେଳେ ସ୍ୱାସ୍ଥ୍ୟ, ଜିଏ, ଓ ଆଇନ ବିଭାଗର ସଚିବ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ଓମ୍‌ସା ପକ୍ଷରୁ କମିଟି ସମ୍ମୁଖରେ ନିଜ ଦାବି ବାବଦରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚନା ଦେଇଛନ୍ତି।

ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ଓମ୍‌ସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଗଣଣାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ସରକାରଙ୍କ ସହ ଆଲୋଚନା ଫଳପ୍ରଦ ହେବାରୁ ଆନ୍ଦୋଳନ ସ୍ଥଗିତ ରହିଲା। ସରକାର ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ବେଳେ ଆମେ ନିଜର ଦାବି କମିଟି ସାମ୍ନାରେ ଉପସ୍ଥାପନ କରିବୁ। ରାଜ୍ୟର ଚିକିତ୍ସା ସେବାର ଗୁଣାତ୍ମକ ମାନ ବୃଦ୍ଧି ହେବାର ଆମର ଲକ୍ଷ୍ୟ ଅଟେ। ଆସନ୍ତା ୧ରୁ ୨ ମାସ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଡାକ୍ତର ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

## ଇ-୨୦ ପେଟ୍ରୋଲକୁ...

ସାରୋଗୀ ଭାରତର ଜୈବ ଇନ୍ଧନ କାର୍ଯ୍ୟକ୍ରମ ଏବଂ ଇ-୨୦ ପେଟ୍ରୋଲ ପ୍ରସଙ୍ଗରେ ବିସ୍ତୃତ ଭାବରେ ଆଲୋଚନା କରି କହିଛନ୍ତି ଯେ, ପେଟ୍ରୋଲ ରେ ଇଥାନଲ୍ ମିଶ୍ରଣ ହେବା ଫଳରେ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି।

ଏକ ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ କିଛି ବୀମା କମ୍ପାନୀ ଇଥାନଲ୍-ମିଶ୍ରିତ ଇନ୍ଧନ ଦ୍ୱାରା ହୋଇଥିବା ଇଞ୍ଜିନ୍ କ୍ଷତି କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି। ତଥାପି, ସରକାର ପରେ ସ୍ପଷ୍ଟ କରିଥିଲେ ଯେ ଏହା ସତ୍ୟ ନୁହେଁ। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଇ-୨୦ ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଏହାର ବ୍ୟବହାର ମୋଟର ବୀମା କ୍ଲେମ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏଭଳି ପ୍ରସଙ୍ଗ ଏବେ ଗାଡ଼ି ମାଲିକଙ୍କ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଯାହାଫଳରେ ଇ-୨୦ ପେଟ୍ରୋଲ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଅନିଶ୍ଚିତତା ଜାରି ରହିଛି।

ଏସବୁ ବ୍ୟତୀତ ଇ-୨୦ ଇନ୍ଧନକୁ ନେଇ ସାରା ଦେଶରେ ବିତର୍କ ଚାଲିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଯୁକ୍ତି ହେଉଛି ଇ-୨୦ ଇନ୍ଧନ ପର୍ଯ୍ୟାପ୍ତ ପରୀକ୍ଷଣ ବିନା କୋଟି କୋଟି ନାଗରିକଙ୍କ ଉପରେ ଲାଗୁ କରାଯାଇଥିବା ଏକ ପରୀକ୍ଷଣ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ଯେଉଁଠାରେ ସରକାର କହିଥିଲେ ଯେ ଏହି ନୀତିକୁ ବୈଜ୍ଞାନିକ ଭାବରେ ଯାଞ୍ଚ କରାଯାଇଛି ଏବଂ ଜାତୀୟ ଶକ୍ତି ସୁରକ୍ଷା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ଆମ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ୍ ଲୋକଙ୍କ ଉପରେ ଇ-୨୦ ପେଟ୍ରୋଲ୍ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବାକୁ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶ ମୋଦି ସରକାରଙ୍କ ପାଇଁ ଏକ ପ୍ରୟୋଗଶାଳା। ଏବେ, ସରକାର ଜୋରଜବରଦସ୍ତି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲକୁ ଜନସାଧାରଣଙ୍କ ଉପରେ ଲଦି ଦେଉଛନ୍ତି। ଏଥିରେ ଗାଡ଼ିର ମାଇଲେଜ୍ ୩୦% ହ୍ରାସ ପାଉଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଯେତେବେଳେ ଭାରତ ଏହାର ନିକଟତମ ଏବଂ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ଭୁଟାନକୁ ଏହି ନୂତନ, ସବୁଜ ଇନ୍ଧନ ଇ-୨୦ ପେଟ୍ରୋଲ ଅଫର କଲା, ସେତେବେଳେ ଭୁଟାନର ବାଣିଜ୍ୟ ବିଭାଗ ଏହାକୁ ନବୋକୁ ରୋକ୍‌ଠୋକ୍ ମନା କରିଦେଇଛି। ଭୁଟାନ ଜୋର ଦେଇ କହିଛି, ଯେ ପର୍ଯ୍ୟନ୍ତ ସମ୍ଭବ ସେ କେବଳ ପୁରୁଣା ଏବଂ ସାଧାରଣ ପେଟ୍ରୋଲ ଭାରତଠାରୁ ନେବ।


**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: GEM/2026/B/7741538 • ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 30.07.2026, ଅପରାହ୍ନ 3.00 ଘଣ୍ଟା, କାର୍ଯ୍ୟର ନାମ ଓ ସ୍ଥାନ: କୋଚିଂ ଡିପୋ, ଇନ୍ଦୋର ଏବଂ DADN ସହିତ ରତଲାମ ମଣ୍ଡଳର ଅନ୍ୟାନ୍ୟ ଡିପୋରୁ ବିଭିନ୍ନ ୱର୍କସପ, ଡିପୋ ଓ ଷ୍ଟୋରକୁ ଭାରତୀୟ ରେଳବାଇ ନେଟୱର୍କ ମାଧ୍ୟମରେ ବୋଗି, ହ୍ୱିଲ୍ ସେଟ୍ ଏବଂ ଅନ୍ୟାନ୍ୟ ରେଳ ସାମଗ୍ରୀର ସଡ଼କ ପରିବହନ କାର୍ଯ୍ୟ, ଏବଂ ଏହାର ବିପରୀତ ଦିଗରେ କିମ୍ବା ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ 3 ବର୍ଷ ପାଇଁ ପରିବହନ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.73,891,243.22/-। ଜମା କରିବାକୁ ଥିବା ଅମାନତ ଜମା: ଟ.519,460/-। କାର୍ଯ୍ୟ ସମାପ୍ତି ଅବଧି: କାର୍ଯ୍ୟାଦେଶ (LOA) ଜାରି ତାରିଖଠାରୁ 03 ବର୍ଷ। ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: 30.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା। ୱେବସାଇଟ୍ ଓ ନୋଟିସ୍ ବୋର୍ଡ ସମ୍ବନ୍ଧୀୟ ସୂଚନା: ଟେଣ୍ଡର ଦସ୍ତାବିଜଗୁଡ଼ିକ GEM ୱେବସାଇଟ୍ (www.gem.gov.in) ରୁ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ। CRY/06/129

Like us on: facebook.com/WesternRly



**DISTRICT WELFARE OFFICE, RAYAGADA**

Notice No.: 3556, Date: 24.06.26

**QUOTATION CALL NOTICE** 26001/28/2627

Sealed Quotations are invited with following term & conditions from interested reputed Private Manpower Service Provider for providing services of Manpower on contractual (Outsourced) Basis to District Welfare Office, Rayagada.

For details visit: www.rayagada.odisha.nic.in

Sd/-
District Welfare Officer,
Rayagada

OIPR-26001/26045/1/26-27/0002



Government of Odisha "e" procurement Notice 34001/443/2627

Bid Identification No. PWDK- 10/2026-27

No. G2/6243, Dt. 30.06.2026

e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work :- | 01 No. Road & 01 No. Building Work |
| 2 | Estimated cost :- | From 33.84 Lakhs to ₹. 61.57 Lakh |
| 3 | Period of completion :- | From 02 (Two) to 03 (Three) Calendar Months. |
| 4 | Date and Time of availability of Bid document in the portal:- | From 10.00 Hr 08.07.2026 to 17.00 HR of 23.07.2026 |
| 5 | Last date / Time for receipt of bids in the portal :- | 17.00 Hr of 23.07.2026. |
| 6 | Date of opening of Bid from Portal :- | 10.30 Hr of 24.07.2026. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Superntending Engineer
Keonjhar (R&B) Division

OIPR-34001/34004/1/26-27/0005



GOVERNMENT OF ORISSA 25001/642/2627

OFFICE OF THE SUPERINTENDING ENGINEER

RURAL WORKS DIVISION KARANJIA (MAYURBHANJ)

E-mail ID: - eerwkaranjia@yahoo.com

Letter No.4377 / WE // Date:-.29.06.2026

"E-Procurement Noticefor Special Repair of Building works for year 2026-27.

Bid Identification No – RWDKNJ– 06 / 2026-27.

1. Name of the work : Building Works (As per Annexure)
2. Estimated Cost : Rs. 1.69 toRs.5.08 LakhsApproximately (As per Annexure).
3. Class of Contractor : ' D' &'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Rs.4,000/-&Rs.2, 000/-towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Online RWDKNJ-06/ 2026-27 | Dt. 07.07.26 at 11.00 A.M | Dt.15.07.26 up to 5.00 P.M | Dt.14.07.26 up to 1.00 P.M. | Dt.17.07.26 at 11.00 P.M |

Executive Engineer
R.W. Division, Karanjia

OIPR-:25001/25086/1/26-27/0008



GOVERNMENT OF ODISHA 32001/489/2627

DEPARTMENT OF WATER RESOURCE

OFFICE OF THE SUPERINTENDING ENGINEER

NABARANGPUR IRRIGATION DIVISION

NABARANGPUR, DIST-NABARANGPUR (ODISHA)

Email ID: senidivision@gmail.com

Lr. No.: 1100, Dated: 02.07.2026

E-PROCUREMENT NOTICE

BID IDENTIFICATION NO. SE-NID-01/2026-27 (01-02)

1. Nature of the work: Bank Protection Work.
2. Total No. of works: 02 (Two) Nos.
3. Tender cost of the works: ₹43.41 Lakhs to ₹31.51 Lakhs (excluding GST).
4. Class of Contractor: 'C' & 'B' Class.
5. Period of completion: 02 (Two) Months.
6. Other details as follows:

| Procurement Officer | Bid Identification No. | Availability of Bid Online | | Last Date & Time of Seeking Tender Clarification | Date, Time & Place of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Nabarangpur Irrigation Division, Nabarangpur | SE-NID-01/2026-27 (01-02) | 08.07.2026 (10.00 AM) | 22.07.2026 (up to 05.00 PM) | 10.07.2026 up to 5.00 PM | 23.07.2026 at 11.00 AM in the Office of the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website: www.tendersodisha.gov.in

Addendum/Corrigendum/Cancellation, if any, will be published on the Government website only.

Sd/- Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/26-27/0001



GOVERNMENT OF ODISHA 25001/639/2627

OFFICE OF THE SUPERINTENDINGENGINEER

RURAL WORKS DIVISION: GUNUPUR

Lr.No.3219, Dated.30.06.2026 e-mail id: eerwgunupur@gmail.com

GEPNIC e-Procurement Notice

(Bid Identification No.-SERWGNP-Online-08/2026-27)

| | | |
|---|---|---|
| 1 | Name of the Work | : Construction & Maintenance of Road Works |
| 2 | Total No. of Works | : 63Nos (Percentage rate tender) |
| 3 | Estimated Cost | : As mentioned in Col. 3 of TCN Annexure |
| 4 | Class of Contractor | : As mentioned in Col. 5 of TCN Annexure |
| 5 | Period of Completion | : As mentioned in Col. 4 of TCN Annexure |
| 6 | EMD | : As mentioned in Col. 6 of TCN Annexure |
| 7 | Paper Cost | : As mentioned in Col. 7 of TCN Annexure |
| 8 | Other details: | |

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | SERWGNP-Online-08/2026-27 | 06.07.2026 at 11.00 A.M. | 15.07.2026 up to 5.00 P.M. | 17.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

Superintending Engineer,
Rural Works Division, Gunupur

OIPR-25001/25170/1/26-27/0006



GOVERNMENT OF ODISHA 19001/134/2627

PANCHAYAT SAMITI, PADMAPUR

E-Mail: ori-rpadmapur@nlc.in

INVITATION FOR BIDS (IFB)

e-Procurement Notice

IDENTIFICATION NO. 03/2025-26 OF PANCHAYAT SAMITI, PADMAPUR

No. 2256/IX-74/2026 (S&ME, Tender) Dec Dated: 01.07.2026

1. The Panchayat Samiti, Padmapur invites Percentage Rate Bids in Single Cover System in ONLINE MODE for construction of Building Works (Civil + Electrification) as detailed in the Detailed Tender Call Notice (D.T.C.N.) from eligible class of contractors.
2. No. of Works: 03 (Three) Nos.
3. Cost of Tender Paper: Rs. 6,000/- (Rupees Six Thousand) only.
4. Class of Contractor: "D" & "C" Class.
5. Date & Time of availability in website & receipt online: 11:30 Hrs. of 06.07.2026 to 17:00 Hrs. of 21.07.2026
6. Date of Opening of Technical Bid: 24.07.2026 at 11:30 Hrs.
7. The bidder has to participate in ONLINE bidding only. Further details can be seen from the State Government Portal website: https://tendersodisha.gov.in
8. Any Corrigendum/Addendum will be displayed on the website https://tendersodisha.gov.in only.

Sd/- Kuresh Chandra Jani, OAS-A (JB)
Block Development Officer, Padmapur

OIPR-19001/19430/1/26-27/0001



यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

 କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର

୩/୧୯, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡ଼ି ନିଲାମ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୧.୦୭.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଆଚାର୍ଯ୍ୟ ବିହାର ଶାଖା | ପ୍ରୀତିମୟୀ ଷଡଙ୍ଗୀ | HYUNDAI GRAND i10 NIOS, Regd. No.: 23BH5684H | ଟ.୩,୦୦,୦୦୦/- (ଜିଏସ୍‌ଟି ବ୍ୟତୀତ) /ଟ.୩୦,୦୦୦/- |
| ୨. | ବୁଦ୍ଧେଶ୍ୱରୀ କଲୋନୀ ଶାଖା | ପରମଜିତ୍ ସିଂ | JCB NEW 3 DX 2WD/ BACKHOE LOADER, Regd. No.: OD33AJ3471 | ଟ.୧୯,୧୨,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୧,୯୧,୨୦୦/- |

ଗାଡ଼ିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୦.୦୭.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ଗାଡ଼ିର ଯାଞ୍ଚ ଏବଂ ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ସମ୍ପୃକ୍ତ ଶାଖା ମୁଖ୍ୟ (ଆଚାର୍ଯ୍ୟ ବିହାର ଶାଖା, ମୋ.: ୯୦୦୨୯୨୪୦୮ ଏବଂ ବୁଦ୍ଧେଶ୍ୱରୀ କଲୋନୀ ଶାଖା, ମୋ.: ୯୮୩୬୬୩୮୯୪୩)ଙ୍କ ସହ ଯୋଗାଯୋଗ କରନ୍ତୁ।

**ନିୟମ ଏବଂ ସର୍ତ୍ତାବଳୀ:**

୧. ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡ଼ି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତ୍‌ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ପୃଥକ୍ ଲଟ୍‌ରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପୈଠ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ତା.୨୦.୦୭.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୭ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତ କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଗାଡ଼ି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୦୭.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

I, LAXMIKANTA PANIGRAHI, S/O - JAYA KRUSHNA PANIGRAHI resident of At - Shastri Nagar, Ranikona, PO/PS - Semiliguda, Dist - Koraput - 764036, Odisha declare by this Affidavit No.2975, Dated 03/07/2026, that now onwards I shall be known as LAKSHMI KANTA PANIGRAHI for all future purposes.

**AFFIDAVIT**

I Barsharani Swain D/o- Susanta Swain residing, At-Abdalpur, Po-Baidyarajpur Ps-Jajpur Dist-Jajpur, Odisha, Pin-755007, declare by Court Affidavit vide no 9665 Dt-03/07/2026 that my father real name susanta swain in my adhhar-804760405467 but my father name spelling is sushanta Swain recorded in my HSC certificate. That I hereby declare Susanta Swain and Sushanta Swain is one and same person.

Barsharani Swain

**AFFIDAVIT**

By virtue of an affidavit sworn before Executive Magistrate, Soumya Ranjan Pradhan, (O.R.S.) Puri dated-04/07/2026. I, Deepti Ranjan Maharana (new name), At/P.O.- Chhaitana, P.S.- Puri Sadar, Dist. Puri, PIN-752004 declare that I have changed my name from Diptiranjan Ojha (old name) to Deepti Ranjan Maharana (new name). Henceforth, I shall be known as Deepti Ranjan Maharana (new name) for all purposes.

**AFFIDAVIT**

By virtue of an affidavit no. 3398 before the Executive Magistrate, Sambalpur, Dtd 29-06-2026, I, Jayaram Kisan, S/o Gopa Kisan, resident of Sargipali, P.O. Jhankarpali, P.S. Katarbaga, Dist. Sambalpur, Odisha, do hereby declare that my minor daughter's name has been changed from Sanjukta Dhurua to Ankita Kisan. Henceforth, she shall be known and identified as Ankita Kisan for all purposes.

Jayaram Kisan

**AFFIDAVIT**

By virtue of an affidavit No. 1502, dtd- 25/06/2026 sworn before The Executive Magistrate, Khordha. I, Bhagirathi Biswal, S/o- Jagannath Biswal, permanent resident of At: Ogalapur, Po: Olasingh, Ps: Begunia, Dist: Khordha, PIN-752020, Odisha declare that I have changed my minor daughter's name from Prabhashi Bhagirathi Biswal to Pravasini Biswal. Henceforth, she shall be known as Pravasini Biswal (new name) for all purposes.

Bhagirathi Biswal

**AFFIDAVIT**

By virtue of an affidavit sworn before the Executive Magistrate Koksara on Dated 23 March 2026, I, Mr. Balaram Satanami, Address: Village-Chikili, Post Office- Chikili, Police Station- Kokasara, Block- Kokasara, Dist - Kalahandi, State- Odisha, Pin-766019, Odisha have changed my name from "Laxmikant" to "Balaram Satanami". Henceforth, I shall be known as "Balaram Satanami" for all purposes.

Balaram Satanami



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. e-Tender-Elect-G-29-26

କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥର ରାଜଆଠଗଡ଼-ତାଳଚେର ସେକ୍ସନରେ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସେଲ କାଉଣ୍ଟରର ବ୍ୟବସ୍ଥା ସମ୍ବନ୍ଧୀୟ ଅବଶିଷ୍ଟ ବିଦ୍ୟୁତୀକରଣ କାର୍ଯ୍ୟ (ରାଜଆଠଗଡ଼, ହିନ୍ଦୋଳ ରୋଡ୍, ମେରାମଣ୍ଡଳୀ, ବୁଢାପଙ୍କ ଏବଂ ତାଳଚେର)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,45,88,352.81, EMD : ₹ 2,91,800/-, ଶେଷ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.24.07.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ଜେତୁରେ ଜାରୀ କରାଯାଇଥିବା ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍

PR-280/R/26-27

## ଅବହେଳିତ ବଡ଼ସାହି ହାଟ

# ଆଦାୟ ହେଉଛି ମହାସୁଲ, ହେଉନି ବିକାଶ



## ସନ୍ତୁଳି ହେଉଛନ୍ତି ଗ୍ରାହକ ଓ ବେପାରୀ

ବଡ଼ସାହି, ୪।୭ (ସମିସ)

ବଡ଼ସାହି ହାଟ ଏ ଅଞ୍ଚଳର ସର୍ବପୁରାତନ ହାଟ। ଏଠାରେ ପାଖାପାଖି ୭୦ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର। ବଡ଼ସାହି ହାଟ ଆଦିବାସୀଙ୍କ ସପ୍ତାହର ଗୁଜୁରାଣ ଓ ଆବଶ୍ୟକତା ମେଣ୍ଟାଇ ଥାଏ। ଏହି ହାଟରେ ବିଶେଷକରି ଆଦିବାସୀ ଝିଅବୋହୂଙ୍କଠାରୁ ଆରମ୍ଭ କରି ବୁଢ଼ିବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଗହଳି ଲାଗି ରହେ। ତେଣୁ ହାଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଇଥାଏ। ତେବେ ହାଟର ପାରିପାର୍ଶ୍ୱିକ ସ୍ଥିତି ଅତ୍ୟନ୍ତ ଦୟନୀୟ। ଏହି ହାଟଟି ବର୍ତ୍ତମାନ ବଡ଼ସାହି ପଞ୍ଚାୟତ ଅଧୀନରେ ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏହାକୁ ନିଲାମ କରୁଥିବାବେଳେ ନିଲାମଧାରୀ ହାଟରୁ ମହାସୁଲ ସଂଗ୍ରହ କରିଥାଏ ଓ ନିଲାମଧାରୀ ଧାର୍ଯ୍ୟ ଟଙ୍କା ପଞ୍ଚାୟତରେ ପୈଠ କରିଥା'ନ୍ତି। ମାତ୍ର ପଞ୍ଚାୟତ ପକ୍ଷରୁ ହାଟର ଉନ୍ନତି ନିମନ୍ତେ କୌଣସି ଆଖିଦୃଶିଆ ସୁବିଧା ଗ୍ରାହକ ଓ ବେପାରୀଙ୍କ ନିମନ୍ତେ କରାଯାଉନାହିଁ। ଏହାର ବିକାଶ କରାଯିବାକୁ ସାଧାରଣରେ ଦାବି ହେଉଛି।

ହାଟ ପରିସର ଜବରଦଖଲକାରୀଙ୍କ ପାଇଁ ଆସ୍ତେ ଆସ୍ତେ ସଙ୍କୁଚିତ ହେବାରେ ଲାଗିଛି। ଏଥିପ୍ରତି ମଧ୍ୟ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ଜବରଦଖଲକାରୀଙ୍କୁ ବେଶ ସୁହାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ହାଟରୁ ମହାସୁଲ ଆଦାୟ କରାଯାଉଥିଲେ ହେଁ ଦୋକାନୀ ଓ ଗ୍ରାହକ ହାଟ ଭିତରେ ବସିବା ଓ କିଣାବିକା କରିବା ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ସଠିକ୍ ପଦକ୍ଷେପ ନିଆଯାଉନାହିଁ। ହାଟରୁ ସଂଗୃହୀତ ମହାସୁଲ ଟଙ୍କାରେ ହାଟର ରକ୍ଷଣାବେକ୍ଷଣ ଓ ଉନ୍ନତି ପରିବର୍ତ୍ତେ ହେଉନାହିଁ। ଫଳରେ ପରିବେଶ ପ୍ରଦୂଷିତ ହେଉଥିବା ଗ୍ରାହକ ଓ ଦୋକାନୀ ପ୍ରକାଶ କରିଛନ୍ତି। ବର୍ଷାଦିନେ ଗ୍ରାହକ ଓ ଦୋକାନୀଙ୍କ ସମସ୍ୟା ଦ୍ୱିଗୁଣିତ ହେଉଥିବା ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷାରେ ମଧ୍ୟ ହାଟ ପରିସର ପାଣି ଓ କାଦୁଅରେ ଭର୍ତ୍ତି ହୋଇଯାଉଛି। ଦୋକାନୀଙ୍କ ସୁବିଧାକୁ ଆଖି ଆଗରେ ରଖି ଝୁଡ଼ିଏ ମୋରମ୍ ପଡୁ ନ ଥିବାବେଳେ ଆବଶ୍ୟକ ପିଣ୍ଡି ମଧ୍ୟ ନାହିଁ। କେତେକ ପିଣ୍ଡି ଭାଙ୍ଗିରୁଜି ଯାଇଥିବାବେଳେ ପରିସର ଚତୁପାର୍ଶ୍ୱରେ ବାହାରିଥିବା ଅନାବନା ଗଛ ମଧ୍ୟ ସଫା କରାଯାଉନାହିଁ। ଗତ ସରକାର ସମୟରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କିଛି ପିଣ୍ଡି ଓ ସେଡ୍ ହୋଇଥିବା ଜଣାଯାଇଛି। ତେବେ ଆବଶ୍ୟକ ପରିମାଣରେ ପିଣ୍ଡି ନ ଥିବା ଦୋକାନୀ ପ୍ରକାଶ କରିଛନ୍ତି।

ସେହିପରି ହାଟଚାଳି ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେଥିପ୍ରତି କାହାରି ନଜର ନାହିଁ। ଉକ୍ତ ହାଟରୁ ରାଜସ୍ୱ ଆଦାୟ ଠିକ୍ ଭାବେ ହେଉଥିବାବେଳେ ରକ୍ଷଣାବେକ୍ଷଣ ବାବଦରେ ଟଙ୍କା କମ୍ ଖର୍ଚ୍ଚ ହେଉଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଚଳିତ ବର୍ଷ ହାଟଟି ଦୁର୍ଗାପୂଜା କମିଟି ପଞ୍ଚାୟତରୁ ୧ ଲକ୍ଷ ପାଖାପାଖି ଟଙ୍କାରେ ନିଲାମ ନେଇ ଗାଁରେ ପୁନଶ୍ଚ ୩ ଲକ୍ଷ ୩୦ ହଜାର ପାଖାପାଖି ଟଙ୍କାରେ ନିଲାମ କରିଥିବା ଜଣାଯାଇଛି। ଯେଉଁ ଅର୍ଥ କି ମା'ଙ୍କ ସାର୍ବଜନୀନ ପୂଜାରେ ବିନିଯୋଗ ହେଉଛି। ବ୍ଲକର ଏହା ମୁଖ୍ୟ ହାଟ ହୋଇଥିବାବେଳେ ସରକାରଙ୍କ ଅନ୍ୟ ଯୋଜନାରୁ ଅର୍ଥ ପ୍ରଦାନ କରି ହାଟର ଉନ୍ନତିକରଣ କରାଯାଉ ବୋଲି ଦାବି ହୋଇଛି। ଅନ୍ୟପକ୍ଷରେ ମାଛ ହାଟ ନିକଟରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଡ୍ରେନ ସଫା ହେଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏତଦବ୍ୟତୀତ ଦିନରେ ମଧ୍ୟ ହାଟଚାଳିରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିବା ଦେଖାଯାଉଛି। ଏହି ଚାଳିରେ ହାଣ୍ଡିଆ, ମଦ ଓ ଗଞ୍ଜେଇର ଖୁଲମ୍‌ଖୁଲା କାରବାର ସହିତ ଅଧିକାଂଶ ସମୟରେ ଜୁଆଖେଳ ମଧ୍ୟ ହେଉଛି। ତଥାପି ପ୍ରଶାସନର ଏଥିପ୍ରତି ନିଘା ନାହିଁ। ତେଣୁ ଦୋକାନୀ ଓ ଗ୍ରାହକଙ୍କ ସୁବିଧା ଦୃଷ୍ଟିରୁ ପକ୍କା ପିଣ୍ଡି ନିର୍ମାଣ, ହାଟ ଭିତରେ କ୍ରସର ଗୁଣ୍ଡ କିମ୍ବା ମୋରମ୍ ବିଛାଇବା, ପିଇବା ପାଣିର ସୁବିଧା କରିବା, ପରିବେଶକୁ ପରିଷ୍କାର ରଖିବା ପାଇଁ ପ୍ରଶାସନ ଦୃଷ୍ଟି ଦେବା ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ସାହି ସରପଞ୍ଚ ବୁଧୁରାମ ସିଂଙ୍କୁ ପଚାରିବାରୁ ପଞ୍ଚାୟତର ସମସ୍ତ ପୋଖରୀ ଓ ହାଟ ବିଭିନ୍ନ ଅନୁଷ୍ଠାନକୁ ଦିଆଯାଇଛି। ଫଳରେ ପଞ୍ଚାୟତର ଆୟ କିଛି ନ ଥିବାବେଳେ କିଛି ଲାଭ ନାହିଁ କହିଲେ ଚଳେ। ତଥାପି ପ୍ରତିବର୍ଷ କିଛିକିଛି କାମ କରାଯାଉଥିବା କହିଛନ୍ତି।

## ନାରାୟଣ ଗିରିଙ୍କୁ ଜାମୁନାଳିଆରେ ସମ୍ବର୍ଦ୍ଧନା



ଶୁକ୍ଳି, ୪।୭ (ସମିସ): କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବଳ (ସିଆଇଏସଏଫ)ରେ ଦୀର୍ଘଦିନ ଧରି କାର୍ଯ୍ୟରତ ରହି ଅବସର ଗ୍ରହଣ କରିଥିବା ଜାମୁନାଳିଆ ଗ୍ରାମର ନାରାୟଣ ଗିରିଙ୍କୁ ଜାମୁନାଳିଆ ମହାଲକ୍ଷ୍ମୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଗିରି ଅନୁଗୁଳସ୍ଥ ନାଲକୋରେ କାର୍ଯ୍ୟରତ ଥାଇ ଗତ ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ। ସେ ନିଜ ଗ୍ରାମକୁ ଫେରିବା ପରେ ମହାଲକ୍ଷ୍ମୀ କ୍ଲବର ସଦସ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଛତା ଓ ଅନ୍ୟାନ୍ୟ ଉପହାର ପ୍ରଦାନ ପୂର୍ବକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋପାଳ ଗିରି, ବିଜୟାନନ୍ଦ ଗିରି, କିଶୋର ଗିରି, କାହ୍ନୁଚରଣ ଗିରି, ତରୁଣ ଗିରି, କମଳକୃଷ୍ଣ ଗିରି, ଭଗୀରଥ ଗିରି, ହିମାଂଶୁ ଗିରି, ଶରତ ଗିରି, ଝିଅଜ୍ୱାଇଁ, ପୁଅ, ପରିବାରବର୍ଗ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜଗନ୍ନାଥପୁର ଗ୍ରାମରେ ସିଧୁ-କାହ୍ନୁ ହୁଲ ଦିବସ

କୁଳିଅଣା, ୪।୭ (ସମିସ): ଜଗନ୍ନାଥପୁର ଗ୍ରାମରେ ସିଧୁ-କାହ୍ନୁ ସେଚେଦ୍ ଗାଉଁତା କମିଟି ପକ୍ଷରୁ ସିଧୁ-କାହ୍ନୁ ହୁଲ ଦିବସ ପାଳନ କରାଯାଇଛି। କମିଟି ସଭାପତି ଶିବୁ ହେମ୍ବ୍ରମ ବୀର ସହିଦ ସିଧୁ ମୁର୍ମୁ, କାହ୍ନୁ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ହୁଲ ଦିବସ ଆଦିବାସୀଙ୍କ ପାଇଁ ଏକ ଐତିହାସିକ ଦିନ ଅଟେ। କାରଣ ବୀର ସିଧୁ ମୁର୍ମୁଙ୍କ ନେତୃତ୍ୱରେ ୧୮୫୫ ଜୁନ୍ ୩୦ରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାନ୍ତାଳୀ



ବିଦ୍ରୋହ ଆରମ୍ଭ କରିଥିଲେ। ଏହି ବିଦ୍ରୋହରେ ହଜାରରୁ ଅଧିକ ଆଦିବାସୀ ସହିଦ ହୋଇଥିଲେ। ଅନ୍ୟାୟ ଅତ୍ୟାଚାର, ଶୋଷଣରୁ ମୁକ୍ତି ପାଇବା ପାଇଁ ଆଦିବାସୀଙ୍କ ପ୍ରୟାସ ଓ ବିଦ୍ରୋହ ବଳିଦାନର ପ୍ରତିଫଳନ ସ୍ୱରୂପ ୧୮୫୫ ଡିସେମ୍ବର ୨୨ରେ ଇଂରେଜ ସରକାରଙ୍କ ଅନୁମୋଦନକ୍ରମେ ଦୁମକା, ଗୋଡ୍ଡା, ପାକୁଳ, ଜାମତାଳା, ଦେଓଘର, ସାହେବଗଞ୍ଜ ଆଦି ଜିଲ୍ଲା ମୁକ୍ତିକରି ସାନ୍ତାଳ ପାର୍ଗାନା ନାମକ ଏକ ରାଜ୍ୟ ସ୍ୱାଧୀନ ଭାବେ ଘୋଷଣା କରି ସାନ୍ତାଳ ପାର୍ଗନା ଅଧିନିୟମ ଆଇନ ସ୍ଥାପନ କରିଥିଲେ। ତେଣୁ ପ୍ରତିବର୍ଷ ୩୦ ଜୁନ ବିଜୟ ଦିବସ ରୂପେ ପାଳନ କରାଯାଏ। ଏ ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ସହିଦଙ୍କୁ ସ୍ମରଣ କରିବା ସହିତ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର କରି ଶିକ୍ଷା କ୍ଷେତ୍ରରେ ଯୁବପିଢ଼ିଙ୍କୁ ଆଗ୍ରହ କରି ସାହିତ୍ୟ, କଳା ସଂସ୍କୃତିକୁ ବଜାଇ ରଖିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗେଣ୍ଡାପୋଖରୀ ପଞ୍ଚାୟତ ସମିତି ସଭ୍ୟ ରାଇସେନ୍ ହେମ୍ବ୍ରମ, ରବୀନ୍ଦ୍ର ମାରାଣ୍ଡି, ଭୀମ ହେମ୍ବ୍ରମ, ବିଦୁ ବାସ୍କେ, ଧାନାଇ ମୁର୍ମୁ, ମାସାଙ୍ଗ ହାଁସଦା, ବୁଦ୍ଧିଆ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ମନୋହରପୁର ବିଦ୍ୟାଳୟରେ ବନ ମହୋତ୍ସବ



ଶୁକ୍ଳି, ୪।୭ (ସମିସ): ଶୁକ୍ଳି ବ୍ଲକ ମନୋହରପୁରସ୍ଥ ମନୋହରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ବନପାଳ ଜୟସିଂ ମହାନ୍ତ, ବନରକ୍ଷୀ ସନତ ମଣ୍ଡଳ, ସିନୁ ବେହେରା, ସରପଞ୍ଚ ବିଜନ ଚାତାର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

● ଟାଟା ପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ

## ୪୯ କିଲୋୱାଟ୍ ବେଆଇନ ବିଦ୍ୟୁତ ଲୋଡ୍ ଚିହ୍ନଟ କରାଯାଇ ମାମଲା ରୁଜୁ

ବୈଶିଙ୍ଗା, ୪।୭ (ସମିସ): ବାରିପଦା ବିଦ୍ୟୁତ୍ ବଣ୍ଟନ ପ୍ରବର୍ତ୍ତନ ବିଭାଗ ଅଧୀନ ବୈଶିଙ୍ଗା ସେକ୍ସନର ଅତ୍ୟନ୍ତ ପ୍ରତିରୋଧପୂର୍ଣ୍ଣ ଗ୍ରାମ ନଡପୁରରେ ମିଳିତ ଚଢ଼ଉ ଅଭିଯାନ କରାଯାଇଛି। ଏହି ଅଭିଯାନ ଏମଏମଜି, ଏମଆରଟି ଓ ସେକ୍ସନ ଅପରେସନ ଟିମର ମିଳିତ ସହଯୋଗରେ ସମ୍ପନ୍ନ ହୋଇଛି। ମୁଖ୍ୟତଃ ବୈଶିଙ୍ଗା ଥାନା ଅଧୀନ ନଡପୁର, ନୂଆଗାଁ ଓ ଶିଳପୁରିଆ ଅଞ୍ଚଳରେ ଟାଟା ପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ଅପରାହ୍ନ ସାଢେ ୩ଟାରେ ଏହି ଚଢ଼ଉ କରାଯାଇଛି। କିଛିମାସ ପୂର୍ବରୁ ନଡପୁରଠାରେ ଟାଟା ପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ଚଢ଼ଉ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଭିଜିଲାନ୍ସ ୟୁନିଟକୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ଏହାପରେ ଶୁକ୍ରବାର ଅପରାହ୍ନରେ ପୁନର୍ବାର ଭିଜିଲାନ୍ସ ୟୁନିଟ ପକ୍ଷରୁ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ନଡପୁର, ନୂଆଗାଁ ଓ ଶିଳପୁରିଆ ଗାଁରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ସର୍ଭିସ ଲାଇନ, ମିଟର ସମେତ ବିଦ୍ୟୁତ ସଂଯୋଗ ସମ୍ପର୍କିତ ବିଭିନ୍ନ ଦିଗକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା। ଏହି ଅଭିଯାନରେ ୧୫ଟି ମାମଲାରେ ମୋଟ ୪୯ କିଲୋୱାଟ୍ ବେଆଇନ ବିଦ୍ୟୁତ ଲୋଡ୍ ଚିହ୍ନଟ କରାଯାଇ ମାମଲା ରୁଜୁ କରାଯାଇଛି। ୨୦ଟି ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୧୫ଟି ନୂତନ ସଂଯୋଗ ତୁରନ୍ତ ପ୍ରଦାନ କରାଯାଇଛି। ୩୭ଟି ସର୍ଭିସ କେବୁଲ୍ ପରିବର୍ତ୍ତନ ପାଇଁ ଆବେଦନ ମିଳିଥିବାବେଳେ ସେଥିମଧ୍ୟରୁ ୩୨ଟି କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରାଯାଇଛି। ଏହି ଅଭିଯାନରେ ଏନଫୋର୍ସମେଣ୍ଟ ମୁଖ୍ୟ ସୌଗତ ସରକାର, ଏସ୍‌ଇଏନଫୋର୍ସମେଣ୍ଟ ଅନନ୍ତ ବିଶୋଇ, ଉଦୟ ନାରାୟଣ ପାତ୍ର, ଦିଲ୍ଲୀପ କୁମାର ଦାସ, ସୁରେଶ ଜେନା, ବେତନଟୀ ଏସ୍‌ଡିଓ ସୁଭଦୀପ୍ତ ମିଶ୍ର, ବୈଶିଙ୍ଗା ଜେଇ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ଏମଏମଜି, ଏମଆରଟି, ଅପରେସନ ଟିମ୍ ଓ ବିପିଇଡି ଏନଫୋର୍ସମେଣ୍ଟ ଟିମ୍‌ର ସମସ୍ତ ସଦସ୍ୟଙ୍କ ସହିତ ଟାଟା ପାୱାର ଭିଜିଲାନ୍ସ ୟୁନିଟ ଅଧିକାରୀ, କର୍ମଚାରୀଙ୍କ ଓ ସବଇନ୍ସପେକ୍ଟର ସରୋଜ ଜେନାଙ୍କ ନେତୃତ୍ୱରେ ବୈଶିଙ୍ଗାର ଏକ ଟିମ ଉପସ୍ଥିତ ଥିଲେ।

## ଜଗବନ୍ଧୁ ଉଚ୍ଚବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ବଡ଼ସାହି, ୪।୭ (ସମିସ): ବିଦ୍ୟୁତ ସଚେତନତା ଜୀବନର ସୁରକ୍ଷା। ଏହି ଉଦ୍ଦେଶ୍ୟ ନେଇ ବାଲିଯୋଡ଼ା ଜଗବନ୍ଧୁ ସରକାରୀ




ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ସଭାପତିତ୍ୱରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଶକ୍ତି କ୍ଲବ୍‌ର ଇନଚାର୍ଜ ରୋଜାଲିକା ଗିରି ବିଦ୍ୟୁତ ବ୍ୟବହାର ସମୟରେ ସତର୍କତା ଓ ସଚେତନତା ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ। ଗଣିତ ଶିକ୍ଷକ ଦୀପକ ରାମ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର ଓ ବୈଦ୍ୟୁତିକ ଉପକରଣ ନିକଟରେ ଅସାବଧାନତା ପ୍ରଦର୍ଶନ ନ କରିବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ସଂଯୋଗରୁ ଦୂରେଇ ରହିବା ଓ ଯେକୌଣସି ବିପଦଜନକ ପରିସ୍ଥିତିର ତୁରନ୍ତ ବିଦ୍ୟୁତ ବିଭାଗକୁ ଅବଗତ ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରାର୍ଥସାରଥୀ ଜେନା ବିଦ୍ୟୁତଜନିତ ଦୁର୍ଘଟଣାର କାରଣ, ନିରାକରଣ ଓ ନିରାପଦ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସଚେତନତାମୂଳକ ବ୍ୟାନର ଧରି ସ୍ଲୋଗାନ ଦେଇ ଗ୍ରାମରେ ଶୋଭାଯାତ୍ରା କରିଥିଲେ। ପରେ ଉପସ୍ଥିତ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଅଫିସ ସହାୟକ ପଦ୍ମାବତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚପଲ୍ଲୀ ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ



ବୈଶିଙ୍ଗା, ୪।୭ (ସମିସ): ଖିରିପଦା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରାୟ ତିନି ଶହ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶିଶୁ, ନିମ୍ବ, କରଞ୍ଜ, ଜାମୁ ଆଦି ବୃକ୍ଷ ରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ପିଲାଙ୍କୁ ଚାରା ଯୋଗାଇ ଦିଆଯାଇଥିଲା। ଏ ଅବସରରେ ବନବିଭାଗର ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଶିଙ୍ଗା ବନପାଳ ଅଙ୍କୁର ମହାଲିକ, ବନରକ୍ଷୀ ଉତ୍ତମ ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ବୃକ୍ଷ ରୋପଣ ପରେ ଏହାର ସୁରକ୍ଷା ପାଇଁ ସମସ୍ତେ ମିଳିମିଶି ଯତ୍ନ ନେବାକୁ ଅନୁରୋଧ କରିଥିଲେ। ଜଙ୍ଗଲ ସୃଷ୍ଟି ନ ହେଲେ ଆଗାମୀ ଦିନରେ ପୃଥିବୀ ପୃଷ୍ଠରେ ଜଳ ଟୋପାଏ ମିଳିବା ଦୁରୂହ ହୋଇପଡ଼ିବ ବୋଲି ଅତିଥିମାନେ ମତ ଦେଇଥିଲେ।

## କରଞ୍ଜିଆ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ

କରଞ୍ଜିଆ, ୪।୭ (ସମିସ): ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା, ଦୁର୍ଘଟଣା ହ୍ରାସ କରିବା ଓ ବେଆଇନ ଖଣିଜ ପରିବହନ ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ (ଏସ୍‌ଡିପିଓ)ଙ୍କ ନେତୃତ୍ୱରେ ଶୁକ୍ରବାର ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇଛି। ବିଭିନ୍ନ ସ୍ଥାନରେ ଯାନବାହନର କାଗଜପତ୍ର, ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ଯାନ ପଞ୍ଜୀକରଣ ଓ ବେଆଇନ ଭାବେ ଖଣିଜ ପରିବହନ ହେଉଛି କି ନାହିଁ ତାହାର କଡ଼ା ଯାଞ୍ଚ କରାଯାଇଥିଲା। ଏ ସମୟରେ ପଞ୍ଜୀକରଣ ନଥିବା ଏକ ଟ୍ରାକ୍ଟର ଓ ଚାଳକ ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଯାନ ଚଳାଉଥିବାବେଳେ ଧରାପଡ଼ିଥିଲେ। ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କୁ ଥାନାକୁ ଡକାଯାଇ ଏକ ମାସ ମଧ୍ୟରେ ବୈଧ ଡ୍ରାଇଭିଂ ଲାଇସେନ୍ସ କରାଇବେ ବୋଲି ଲିଖିତ ପ୍ରତିଶ୍ରୁତିପତ୍ର ନିଆଯାଇଥିଲା। ଏଥିସହ ପ୍ରତ୍ୟେକ ଟ୍ରାକ୍ଟର ବିରୋଧରେ ଜରିମାନା ଆଦାୟ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ଯାଞ୍ଚ ଓ ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ଗାଡ଼ିଗୁଡ଼ିକୁ ମାଲିକଙ୍କ ଜିମାରେ ଛାଡ଼ି ଦିଆଯାଇଥିଲା। ଏହି ଚଢ଼ଉ ସମୟରେ ପୁଲିସ ଆଉ ଦୁଇଟି ଟ୍ରାକ୍ଟରକୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଅବସ୍ଥାରେ ଧରିବାରେ ସଫଳ ହୋଇଥିଲା। ଉଭୟ ଟ୍ରାକ୍ଟରକୁ ଜବତ କରିବା ସହିତ ରସମତଳା ଗ୍ରାମର ମଙ୍ଗଳ ବେହେରା ଓ ଅଙ୍କୁରା ଗ୍ରାମର ମାଙ୍ଗୁଲୁ ସିଙ୍କୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାକୁ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ କରାଯାଇଥିବାବେଳେ ବେଆଇନ ବାଲି ପରିବହନ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଅଧିକ ତଦନ୍ତ ଜାରି ରହିଛି।

## ଦୁର୍ଘଟଣା ଘଟାଇ ଭୁଲ ତଥ୍ୟ ଦେଲେ ଡ୍ରାଇଭର

● ଭୁଲ ଚିକିତ୍ସା ପରେ ନେଲେ କେନ୍ଦୁଝର

ମହୁଲଡିହା, ୪।୭ (ସମିସ): କରଞ୍ଜିଆ-ଠାକୁରମୁଣ୍ଡା ୫୩ନଂ ରାଜ୍ୟ ରାଜପଥର ଚାଇଁବାଇଁଶି ରାସ୍ତା ପାର୍ଶ୍ୱରେ ଖେଳୁଥିବାବେଳେ ଜଣେ ଶିଶୁ ପିକଅପ ଦୁର୍ଘଟଣାର ଶିକାର ହୋଇଥିଲା। ପିକଅପ ଖସି ଯାଉଥିବାବେଳେ ଲୋକେ ଅଟକାଇ ସେହି ପିକଅପରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହତ ଶିଶୁକୁ ପଠାଇଥିଲେ। ପିକଅପ ଡ୍ରାଇଭର ଡାକ୍ତରଙ୍କୁ ଭୁଲ ତଥ୍ୟ ଦେଇଥିଲା। କୁକୁର ଗୋଡ଼ଉଥିବାବେଳେ ସେ ଶିଶୁକୁ ଉଦ୍ଧାର କରି ଆଣିଥିବା କହି କୁକୁର କାମୁଡ଼ା ଚିକିତ୍ସା ଆରମ୍ଭ କରାଇଥିଲା। ମାତ୍ର ପଛରେ ଆସିଥିଲେ ଗାଁ ଲୋକଙ୍କ ସହିତ ପରିବାର ଲୋକ। ଡାକ୍ତରଖାନାରେ ପହଞ୍ଚିବା ପରେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଶିଶୁକୁ ଆହତ କରିଥିବା ଜଣାପଡ଼ିଥିଲା। ଫଳରେ ଶିଶୁକୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତରଙ୍କ ବିନା ରେଫରରେ ନିଆଯାଇଛି। ଦୁର୍ଘଟଣା ଘଟାଇଥିବା ପିକଅପ ଶିଶୁକୁ ନେଇ କେନ୍ଦୁଝର ଯାଇଥିବା ଜଣାପଡ଼ିଛି। ଚାଇଁବାଇଁଶୀ ଗ୍ରାମର ଡୁଚେ ଚାକିଆଙ୍କ ଶିଶୁପୁତ୍ର ଶିବା (୩) ରାସ୍ତା ପାର୍ଶ୍ୱରେ ଖେଳୁ ଥିବାବେଳେ ଦୁର୍ଘଟଣା ଘଟିଥିଲା। ପିକଅପଟି ରାଞ୍ଚିରୁ ପରିବା ନେଇ ଭୁବନେଶ୍ୱରରେ ଦେବା ପରେ ପୁନର୍ବାର ରାଞ୍ଚି ଫେରୁଥିବାବେଳେ ଚାଇଁବାଇଁଶୀରେ ଧକ୍କା ଦେବାରୁ ଛୁଆ ତଳେ ପଡ଼ିଯାଇଥିଲା। ରାସ୍ତା ପାର୍ଶରେ ଆମ୍ବ ବିକ୍ରି କରୁଥିବା ଲୋକେ ପିକଅପକୁ ଅଟକାଇ ଶିଶୁକୁ ସେହି ପିକଅପରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣା ଘଟାଇବା ଦୋଷରୁ ମୁକୁଳିବା ପାଇଁ ଡ୍ରାଇଭର ପାରଶ ଲୋହାର (୨୪) ଡାକ୍ତରଙ୍କୁ ଶିଶୁକୁ ବୁଲା କୁକୁର ଗୋଡ଼ାଇ ଏପରି ଆହତ କରିଛି କହିବାରୁ ଶିଶୁକୁ କୁକୁର କାମୁଡା ଚିକିତ୍ସା ଆରମ୍ଭ କରାଯାଇଥିଲା। ଡାକ୍ତର ସନ୍ଦେହ କରି ଅନୁଧ୍ୟାନରେ ରଖିଥିଲେ। ପରେ ସତ ଜଣାପଡ଼ିବା ଫଳରେ ଡ୍ରାଇଭର ଥାନା ଭୟରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛି। ଡ୍ରାଇଭର ନାମରେ ଅପରାଧିକ ମାମଲା ଦାଏର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବରକନ୍ୟାଙ୍କୁ ହୋ ଛାତ୍ର ସଂଗଠନର ପାରମ୍ପରିକ ସାମଗ୍ରୀ ଉପହାର



ବିଶୋଇ, ୪।୭ (ସମିସ): ହୋ ସମାଜର ପରମ୍ପରା ଅନ୍ୟତମ। ସମ୍ପ୍ରତି ଆଧୁନିକ ଯୁଗରେ ସମସ୍ତ ସମ୍ପ୍ରଦାୟର ବାହାଘର ଧୁମଧାମରେ ପାଳିତ ହେଉଥିବାବେଳେ ହୋ ସମାଜର ବିବାହ ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। ସାଧାରଣତଃ ବିବାହର ସମସ୍ତ କାର୍ଯ୍ୟ ସମ୍ପନ୍ନ କନ୍ୟା ଘରେ ହେଉଥିବାବେଳେ ହୋ ସମାଜର ବିବାହ କାର୍ଯ୍ୟ ବର ଘରେ ସମ୍ପନ୍ନ ହୋଇଥାଏ। ଗୋଟିଏ ବିବାହ ଘରେ ନୂତନ କରି କନ୍ୟା ଆଣିଲେ କନ୍ୟା ବାପା ଝିଅଜ୍ୱାଇଁଙ୍କୁ ଚାରିଚକିଆ ଯାନଠାରୁ ଅନ୍ୟାନ୍ୟ ଅତ୍ୟାଧୁନିକ ସାମଗ୍ରୀ ଉପହାରରେ ଦେଇଥା'ନ୍ତି। କିନ୍ତୁ ହୋ ସମାଜରେ ସମ୍ପୂର୍ଣ୍ଣ ଭିନ୍ନ। ସେମାନେ ଝିଅକୁ ଆଣନ୍ତି ଓ ବରର ବାପା ଝିଅର ବାପଘରକୁ ପଣ ଦିଅନ୍ତି। ଆଉ ଗୋଟେ ଆଶ୍ଚର୍ଯ୍ୟ କଥା ବାହାଘର ଦିନ ବର ପଟୁ ବରଯାତ୍ରୀ ଯାଏନାହିଁ। ବର ପଟୁ ବରଯାତ୍ରୀ କେବଳ ବରର ବଡ଼ଭାଇ ଓ ମାମୁଁ ଏହିପରି କିଛି ଘରର ପୁରୁଷ ହିଁ ଯାଆନ୍ତି। ତାଙ୍କ ସହିତ ବରର ସାଙ୍ଗ, ସାନଭାଇ ଯାଆନ୍ତି। ପରେ ବରଘରେ ବରକୁ ସଜବାଜ କରାଇ ଦୁଇ ନୂଆ ବର କନ୍ୟାଙ୍କୁ ଏକ ସାଙ୍ଗରେ ବସାଇ ବିବାହ ସମ୍ପନ୍ନ ହୋଇଥାଏ। ବିଶୋଇ ବ୍ଲକ ରାଧାନଗର ଗ୍ରାମର ନାରାନ ବାର୍ଦାଙ୍କ ପୁଅ ରେଙ୍ଗ ବାର୍ଦା ସହିତ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ମେଦିନୀପୁର ଗ୍ରାମର ରାଉତୁ ପୂର୍ତ୍ତିଙ୍କ କନ୍ୟା ସୁଚିତ୍ରା ସହିତ ବିବାହ ସମ୍ପନ୍ନ ହେଇଥିଲା। ସେହି ବିବାହରେ ଉପହାର ଭାବେ କେବଳ ରାଧାନଗର ଗ୍ରାମର ୭୫ ଜଣକୁ ନେଇ ରାଧାନଗର ହୋ କଲେଜ ଛାତ୍ର ସଂଗଠନ ପକ୍ଷରୁ ନବ ଦମ୍ପତିଙ୍କୁ ଉପହାର ଭାବେ ଆଦିବାସୀ ପରମ୍ପରାର ଲଙ୍ଗଳ (ସମସ୍ତ ସେଟ୍), କୋଦାଳ, ଖାଞ୍ଚି, ବାବାହେର ଟୁଙ୍କି, ହାଣ୍ଡିଆ ଚାଲା, ଡାପାନି, ପନିକି, କୁଲା, ହାଣ୍ଡି, ପଲମ୍, ଚେଲାଙ୍ଗ, ଛତା, ଗୁଗୁ, ଚିରୁ ଝାଡୁ, କଣ୍ଟା ଝାଡୁ, ସିମ୍ ଗାରି ଇତ୍ୟାଦି ଉପହାର ଦେଇଥିଲେ। ହୋ ଛାତ୍ର ସଂଗଠନର ସମ୍ପାଦକ ଦାଖୀନ ପୂର୍ତ୍ତି, ସଭାପତି କର୍ମାଧର ଜାମୁଦା, ସୁନୀଲ କୁଣ୍ଡାଙ୍ଗକେଲ, ମୁଚିରାମ ଗୁନ୍ଦୁଆ, ଗଙ୍ଗା ବାରଦା, ରଣେଯା ପୂର୍ତ୍ତି, ସୋମନାଥ ବାରଦା ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆରେ ବ୍ୟାଙ୍କ ପ୍ରତିଷ୍ଠା ଦିବସ



ବେତନଟୀ, ୪।୭ (ସମିସ): ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବେତନଟୀ ଶାଖା ପକ୍ଷରୁ ବ୍ୟାଙ୍କ ମ୍ୟାନେଜର ପଙ୍କଜିନୀ ସେଠୀଙ୍କ ସଭାପତିତ୍ୱରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସେନାବାହିନୀର ଅବସରପ୍ରାପ୍ତ ସୁବେଦାର ନକୁଳ ମହାନ୍ତ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ହରିହର ପ୍ରଧାନ, ସଞ୍ଜୀବ ସାହୁ, ପରମାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଭାଇସ ପେଟ୍ରୋନ୍ ଡକ୍ଟର ରମାକାନ୍ତ ମହାନ୍ତ, ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଅର୍ଜୁନ ଦଲେଇ ଯୋଗଦେଇ ଜନକଲ୍ୟାଣରେ ବ୍ୟାଙ୍କର ଭୂମିକା ଓ ବନ ମହୋତ୍ସବ ପାଳନର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବ୍ୟାଙ୍କ କର୍ମଚାରୀ ଅବିନାଶ ପ୍ରଧାନ, ଶାଶ୍ୱତ ଦଲେଇ, ଶୁଭାଶିଷ ଦେ, ପ୍ରଶାନ୍ତ ମହଲଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପ୍ରାରମ୍ଭରେ ବ୍ୟାଙ୍କ ମ୍ୟାନେଜର ଅତିଥିଙ୍କୁ ଉପଢୌକନ ଓ ଚାରା ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ବ୍ୟାଙ୍କ କର୍ମଚାରୀ ତପନ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୧ ଲକ୍ଷ ୬ ହଜାର ଟଙ୍କା ଲୁଟ୍

### ଏଟିଏମରୁ ଟଙ୍କା ଉଠାଇ ଦେବାକୁ କହି ଠକିନେଲା ଦୁର୍ବୃତ୍ତ

ବୈଶିଙ୍ଗା, ୪।୭ (ସମିସ)

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆସ୍ଥ ଷ୍ଟେଟ୍ ବ୍ୟାଙ୍କ ଏଟିଏମରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଏକ ଚାଞ୍ଚଲ୍ୟକର ଏଟିଏମ ଠକେଇ ଘଟଣା ଘଟିଛି। ଏଟିଏମରୁ ଟଙ୍କା ଉଠାଇ ଦେବା ଆଳରେ ଜଣେ ଦୁର୍ବୃତ୍ତ ଶିକ୍ଷକଙ୍କ ଏଟିଏମ କାର୍ଡ ବଦଳାଇ ତାଙ୍କ ଖାତାରୁ ୯ ଥରରେ ବିଭିନ୍ନ ସ୍ଥାନରୁ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବାଲେଶ୍ୱର ଜିଲ୍ଲା ପଦ୍ମପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହରିଶ ଚନ୍ଦ୍ର ଜେନା ଟଙ୍କା ଉଠାଇବା ପାଇଁ ଘରଠାରୁ ଅନତି ଦୂର ଗଡ଼ଦେଉଳିଆ ଷ୍ଟେଟ୍ ବ୍ୟାଙ୍କ ଏଟିଏମକୁ ଯାଇଥିଲେ। ସେ ସମୟରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଟିଏମରୁ ଟଙ୍କା ବାହାରି ନ ଥିଲା। ସେଠାରେ ଉପସ୍ଥିତ ଜଣେ ଯୁବକ ତାଙ୍କ ବୃଦ୍ଧବସ୍ଥାର ସୁଯୋଗ ନେଇ ସହାୟତା କରିବା ବାହାନା କରି ତାଙ୍କ ଏଟିଏମ କାର୍ଡ ନେଇ ଏକ ନକଲି (ଫେକ୍) ଏଟିଏମ କାର୍ଡ ତାଙ୍କୁ ଫେରାଇ ଦେଇଥିଲା। ଶିକ୍ଷକ କାର୍ଡ ବଦଳି ଯାଇଥିବା ଜାଣିପାରି ନ ଥିଲେ। ପରେ ଦୁର୍ବୃତ୍ତ ଶିକ୍ଷକଙ୍କ ପ୍ରକୃତ ଏଟିଏମ କାର୍ଡ ବ୍ୟବହାର କରି ବିଭିନ୍ନ ସ୍ଥାନରେ ସଫିଂ କରିବା ସହିତ ୯ ଥରରେ ମୋଟ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି। ମୋବାଇଲକୁ ଆସିଥିବା ବ୍ୟାଙ୍କ ବାର୍ତ୍ତା ଦେଖି ଶିକ୍ଷକ ନିଜ ଖାତାରୁ ବାରମ୍ବାର ଟଙ୍କା କଟିଥିବା ଜାଣିଥିଲେ। ପରେ ସେ ବ୍ୟାଙ୍କ ଓ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଟିଏମ କେନ୍ଦ୍ରର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ଦୁର୍ବୃତ୍ତଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପ୍ରୟାସ ଚଳାଇଛି।

# ଲଗାଣ ବର୍ଷାରେ ଧାନ ଓ ପରିବା ଚାଷ ନଷ୍ଟ

ଜଳେଶ୍ୱର, ୪।୭ (ସମିସ)



ଗତ ଦୁଇଦିନ ଧରି ଚାଲିଥିବା ଲଗାଣ ବର୍ଷାରେ ଜଳେଶ୍ୱର ବ୍ଲକର ବହୁ ଅଞ୍ଚଳରେ ଚାଷଜମି ବୁଡି ରହିଥିବାରୁ ଧାନତଳି ନଷ୍ଟ ହେବା ସହିତ ବିଭିନ୍ନ ପରିବା ପାଣିରେ ଭାସୁଥିବାର ଦେଖିବାକୁ ମିଳୁଛି। ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ପାଣି ନିଷ୍କାସନ ସୁବ୍ୟବସ୍ଥା ତଥା ସ୍ଥାୟୀ ସମାଧାନ ହୋଇପାରି ନ ଥିବାରୁ ସାମାନ୍ୟ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ମାକିଡିଆ ଠାରୁ ଶିଖରପୁର ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀକୂଳ ପାଳ ଜମିରେ ହୋଇଥିବା କଖାରୁ, ଜହ୍ନି, ଭେଣ୍ଡି, ପୋଟଳ, କାଙ୍କଡ, କଲରା ଇତ୍ୟାଦି ବିଭିନ୍ନ ପ୍ରକାରର ପରିବା ଚାଷ ହୋଇଥିବା ଜମି ବର୍ଷାପାଣିରେ ବୁଡି ରହିଛି ଫଳରେ ପରିବା ଚାଷୀ ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସେହିପରି ବହୁ ଦିନରୁ ବର୍ଷା ନଥିବାରୁ ତଳିଆ ଅଂଚଳରେ ପକାଯାଇଥିବା ଧାନ ତଳି ଲଗାଣ ବର୍ଷାରେ ବୁଡିରହି ତଳି ନଷ୍ଟ ହେବାରେ ଲାଗିଛି। ମାକିଡିଆ, ଅଳମରା, କାଳିକ, ବରଡିହା, କଳମା, ତେଘରୀ, ଲକ୍ଷ୍ମଣନାଥ, ନର୍ଷିମପୁର, ନାଓ୍ୱା, ଖାଲିନା, ନାଛିପା, ଆରୁହା, ସରସିଆ, ଗୋପୀମୋହନପୁର, ପର୍ଶିମବାଡ ଇତ୍ୟାଦି ଗ୍ରାମପଂଚାୟତରେ ଲଗାଣ ବର୍ଷା ଯୋଗୁଁ ପରିବା ଚାଷ ନଷ୍ଟ ସହିତ ଧାନତଳି ଜମି ଗୁଡିକ ନଷ୍ଟ ହେବାରେ ବସିଛି।

ଜଳେଶ୍ୱର ପୌରାଞ୍ଚଳର ୩ନଂ, ୪ନଂ ୮ନଂ, ୯ନଂ, ୧୦ନଂ ବିଭିନ୍ନ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନ ହେବାରୁ ରାସ୍ତା ଘାଟ ବୁଡିଯିବା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

## ଉଦ୍‌ବୃତ୍ତ ବର୍ଷାପାଣିକୁ ନେଇ ଆଶଙ୍କାରେ ଗ୍ରାମବାସୀ

ଜଳେଶ୍ୱର ସହରର ମୁଖ୍ୟ ମହାମାର୍ଗ ବାଗମୁହାଁ ପୋଲ ଦେଇ ବର୍ଷା ଉଦ୍‌ବୃତ୍ତ ପାଣି ନିଷ୍କାସନ ହେଉ ନ ଥିବାରୁ ଅଧିକ ବର୍ଷା ହେଲେ ପ୍ରତିବର୍ଷ ପରି ଉପର ମୁଣ୍ଡରେ ଥିବା ୮ନଂ ୱାର୍ଡ ସ୍ଥିତ ଜେଲରୋଡ, ଫକୁଡାଣ୍ଡା ରାସ୍ତା, ୭ନଂ ୱାର୍ଡ ଶାସନବାର୍ଡରୁ ଯାଉଥିବା ମୁଖ୍ୟ ଲକ୍ଷ୍ମୀନାଥ ରାସ୍ତା, ଶାସନବାଡ ବସ୍ତି ମଧ୍ୟରେ ରାସ୍ତା, ପଥରପୁରାର ହାଟ ରାସ୍ତା ଉପରେ ପାଣି ପ୍ରବାହିତ ହୋଇଥାଏ। ତେଣୁ ଉଦ୍‌ବୃତ୍ତ ବର୍ଷାପାଣି ଓ ବନ୍ୟାପାଣି ନିଷ୍କାସନ ପାଇଁ ପ୍ରଶାସନ ତରଫରୁ ପୂର୍ବ ପ୍ରସ୍ତୁତି ନିଆଯାଉନାହିଁ। ସେହିପରି ୧୦ନଂ ଓ ୯ନଂ ୱାର୍ଡରେ ପାଣି ନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ସାମାନ୍ୟ ବର୍ଷାରେ ପାଣି ଲୋକଙ୍କ ଘରେ ପ୍ରବେଶ କରିଥାଏ। ବର୍ଷା ଆରମ୍ଭ ପୂର୍ବରୁ ଗ୍ରାମବାସୀ ବର୍ଷା ପାଣି ନିଷ୍କାସନ ପାଇଁ ବାରମ୍ବାର ଦାବୀ କରିଆସୁଥିଲେ ମଧ୍ୟ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେଥିପାଇଁ ଏହି ୱାର୍ଡ ଗୁଡିକର ଅଧିବାସୀମାନେ ଉଦ୍‌ବୃତ୍ତ ବର୍ଷାପାଣିକୁ ନେଇ ଆଶଙ୍କା ମଧ୍ୟରେ ରହିଛନ୍ତି। ତୁରନ୍ତ ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ବିଭିନ୍ନ ଅଂଚଳରେ ଲୋକଙ୍କ ଦାବୀ ହେଉଛି।

# ୭୭ତମ ବନ ମହୋତ୍ସବ



ନୀଳଗିରି, ୪।୭ (ସମିସ): ପଞ୍ଚଲିଙ୍ଗେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ବନ ମହୋତ୍ସବ ପାଳନ କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ସେକ୍ସନର ଫରେଷ୍ଟର ହୃଷିକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ କୁଲଡିହା ରେଞ୍ଜର ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ଶ୍ୟାମସୁନ୍ଦର ପଂଚାୟତର ସରପଂଚ ପୁରୁଷୋତ୍ତମ ସେଠୀ, ୨ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ପରିବେଶବିତ୍ ମନୋରଞ୍ଜନ ଦାସ, ସମିତି ସଭ୍ୟ ଭୋଳାନାଥ ମାଝୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ପଥ ପ୍ରାନ୍ତ ନାଟକ ମାଧ୍ୟମରେ ପରିବେଶକୁ କିପରି ସୁରକ୍ଷିତ ରଖିବା ବନୀକରଣ ବାବଦରେ ସମାଜକୁ ଦିଗ୍ ଦର୍ଶନ ଦେଉଥିଲେ। ଏହି ଅବସରରେ ବିଭିନ୍ନ ଜାଗାରେ ବୃକ୍ଷ ରୋପଣ କରାଯାଇଥିଲା। ୪ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମାଡ଼ ମାରି ଦୁର୍ବୃତ୍ତ ଲୁଟିନେଲେ ୨୦ଲକ୍ଷର ସୁନା ଗହଣା

ସିମୁଳିଆ, ୪।୭ (ସମିସ): ବନ୍ଧୁକ ଦେଖାଇବା ସହ ମାଡ଼ ମାରି ଦୁର୍ବୃତ୍ତମାନେ ୨୦ଲକ୍ଷ ଟଙ୍କା ସୁନା ଗହଣା ଲୁଟ କରିଥିବା ବେଳେ ସିମୁଳିଆ ପୁଲିସ ଘଟଣାର ଛାନଭିନ ଆରମ୍ଭ କରିଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ସାଲ ଗ୍ରାମର କରୁଣାକର ଓଝାଙ୍କ ଘରେ ଗତକାଲି ରାତି ୯ଟାରେ ୫ ଦୁର୍ବୃତ୍ତ ହଠାତ ଘରେ ଭିତରେ ପଶି ଏକ ଛୋଟ ପିଲା ମୁଣ୍ଡରେ ବନ୍ଧୁକ ରଖି ଘରେ ଥିବା ସମସ୍ତ ସୁନା ରୁପା ଅଳଙ୍କାର ସମେତ ନଗଦ ୧ଲକ୍ଷ ଟଙ୍କା ଲୁଟ କରି ଫେରାର ହୋଇଯାଇଥିବା ଅଭିଯୋଗ ଆସିଛି। ଘରେ କେବଳ ଶାଶୂବୋହୂ ଏବଂ ଏକ ଛୋଟ ପିଲା ଥିବା ବେଳେ ଡକାୟତ ମାନେ ଘରେ ପଶିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ପୂର୍ବରୁ ଏମିତି ଅନେକ ସ୍ଥାନରେ ଚୋରି ଏବଂ ଲୁଟ୍ ହେଉଥିବା ବେଳେ ସିମୁଳିଆ ପୋଲିସ ସେମାନଙ୍କୁ ଧରିବାରେ ଅସଫଳ। ଯାହାକୁ ନେଇ ସିମୁଳିଆ ଥାନା ଅଞ୍ଚଳରେ ବାରମ୍ବାର ଚୋରି ଏବଂ ଲୁଟ୍ ହେଉଛି।

# ଚୋରା କାଠ ବୋଝେଇ ପିକଅପ୍ ଜବତ

ଜଳେଶ୍ୱର ବ୍ଲକ, ୪।୭ (ସମିସ): ଜଳେଶ୍ୱର ବନ ବିଭାଗ ପକ୍ଷରୁ ମୂଲ୍ୟବାନ ଶାଗୁଆନ, ନିମ୍ବ, ଆକାଶିଆ ବୋଝେଇ ପିକଅପ୍ ୧୬ ନମ୍ବର ଜାତୀୟ ରାଜପଥ ରାଜଘାଟ ଫରେଷ୍ଟ ଗେଟ ନିକଟରୁ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ। ଜଳେଶ୍ୱର ରେଞ୍ଜର ଭାରପ୍ରାପ୍ତ ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ ଏବଂ ଫରେଷ୍ଟ ଗାର୍ଡ ସରସ୍ୱତୀ ମୁର୍ମୁ ଖବର ପାଇ ପଶ୍ଚିମବଙ୍ଗ ନମ୍ବର ଥିବା ଗାଡ଼ି ଜବତ କରି ଜଳେଶ୍ୱର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ।

# ଡ୍ରେନ ନ ଥିବାରୁ ଅସୁବିଧାରେ ୬ ପରିବାର ଓ ବିଦ୍ୟାଳୟ କର୍ତ୍ତୃପକ୍ଷ



ଖଇରା, ୪।୭ (ସମିସ): ଖଇରା ବ୍ଲକ ଖଇରା ପଞ୍ଚାୟତ ଆଳଦା ମୌଜା ଅଧୀନସ୍ଥ ସାଇମନ୍ଦିର ପଛପଟ ରାସ୍ତା ଉପରୁ ଜଳନିଷ୍କାସନ ହୋଇ ପାରୁନଥିବାରୁ ୬ ପରିବାର ଜଳଘେରରେ ରହିଛନ୍ତି। ସେହିଭଳି ଏହି ମୌଜାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ମାନେ ପାଣି ଭିତରେ ଆତଙ୍କିତ ଅବସ୍ଥାରେ ସ୍କୁଲକୁ ଯିବାକୁ ବାଧ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ଡ୍ରେନେଜ ନିର୍ମାଣ ପାଇଁ ବସବାସ କରୁଥିବା ପରିବାର ଓ ବିଦ୍ୟାଳୟର ଅଭିଭାବକ ମାନେ ଦାବି କରିଛନ୍ତି। ଏହି ମୌଜାରୁ ଜଳ ନିଷ୍କାସନ ପାଇଁ ନକ୍ସାରେ କୌଣସୀ ପାଣିନାଳ ର ବ୍ୟବସ୍ଥା ନଥିବା ବେଳେ ସରକାରୀ ଜମି ଦେଇ ପାଣି ନିଷ୍କାସନ ହେଉଥିଲା। ଏବେ ଏହି ସରକାରୀ ଜମିକୁ ଅଧିକାଂଶ ନିଜ ନାମରେ କରାଇ ମାଟିପକାଇ ପୋତି ବ୍ୟକ୍ତିଗତ କାମ ପାଇଁ ବ୍ୟବହାର କରିବା ପରେ ସାମାନ୍ୟ ବର୍ଷାରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ପାତ୍ରଙ୍କ ପ୍ରତିକ୍ରିୟା ନିଆଯିବାରେ ନକ୍ସାରେ ନାଳ ନଥିବାରୁ ଏଠାରେ ରହୁଥିବା ପରିବାର ଓ ସ୍କୁଲ ପରିଚାଳନା କମିଟି ଆଲୋଚନା କରି ସହମତିରେ କିଛି କିଛି ଜାଗା ଦେଇ ନାଳର ବ୍ୟବସ୍ଥା କରିବା ଦରକାର ବୋଲି କହିଛନ୍ତି।

# ଲୁଟେରାଙ୍କୁ କାବୁ କରି ପୁଲିସ ଜିମା

ଖଇରା, ୪।୭ (ସମିସ): ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ ବଟେଶ୍ୱର ଗ୍ରାମରେ ଗ୍ୟାସ ଏଜେଣ୍ଟ ପରିଚୟ ଦେଇ ଲୁଟ ଉଦ୍ୟମ ବେଳେ ପ୍ରଥମେ ପରିବାର ଓ ପରେ ଗ୍ରାମବାସୀ ମାଡିବସି ଖଇରା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଶନିବାର ପୁର୍ବାହ୍ନ ପ୍ରାୟ ୧୧ଟା ସମୟରେ ୨ଜଣ ଯୁବକ ଏକ ଗ୍ୟାସ ଟାଙ୍କି ସହ ବାଇକରେ ଆସିଥିଲେ। ଜଣେ ବାଇକ ଉପରେ ବସିରହିଥିବା ବେଳେ ଅନ୍ୟଜଣକ ଟାଙ୍କି ଧରି ସ୍ୱର୍ଗତ ଅଲେଖ ଜେନାଙ୍କ ଘରକୁ ଯାଇ ପୂର୍ବରୁ ବୁକିଂ କରାଯାଇଥିବା ଗ୍ୟାସ ଆସିଥିବା କହିଥିଲେ। ଅଲେଖଙ୍କ ପତ୍ନୀ ବୈଜୟନ୍ତ ଫୋନ କରି କୌଣସି ଗ୍ୟାସ ବୁକିଂ ହୋଇନଥିବା କହିବା ସମୟରେ ସେ ପିନ୍ଧିଥିବା ଗହଣାକୁ ଯୁବକ ଜଣକ ଝାମ୍ପିବାକୁ ଉଦ୍ୟମ କରିଥିଲା। ବୈଜୟନ୍ତୀ ସାହସ ଖଟାଇ ତାଙ୍କୁ ମାଡିବସିଥିଲେ ଏବଂ କିଛି ଦୁରରେ ଥିବା ଝିଅ ପାଟିକରିବା ପରେ ଗାଁ ଲୋକଆସି କାବୁକରି ପୁଲିସକୁ ହସ୍ତାନ୍ତର କରିଥିଲେ। ଗାଡି ଉପରେ ବସିଥିବା ଅନ୍ୟଯୁବକ ଜଣକ ଫେରାର ହୋଇ ଯାଇଥିଲା। ଉକ୍ତ ଯୁବକ ଜଣକ ନିଜଘର ବାଲେଶ୍ୱର କହୁଥିବା ବେଳେ ଖଇରା ପୁଲିସ ଅଟକ ରଖି ପଚରାଉଚୁରା କରୁଛି।

# ଶ୍ରୀ ମଦନମୋହନ ଜୀଉଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର, ୪।୭(ସମିସ): ସହରର ଚୌକ ବଜାର ଅଂଚଳରେ ଶ୍ରୀ ମଦନମୋହନ ଜୀଉଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବର ପଥମ ଦିବସରେ ଅଧିବାସ ଓ ନାରାୟଣ ଭଗବାନଙ୍କ ଷଡୋଶ ଉପଚାର ପୂଜାନୀତି ପରେ ଦ୍ୱିତୀୟ ଦିବସରେ ପ୍ରତିଷ୍ଠା ଯଜ୍ଞ ଓ ଶ୍ରୀ ବିଗ୍ରହଙ୍କ ନ୍ୟାସାଦି କର୍ମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଯଜ୍ଞ ପୂର୍ଣ୍ଣାହୂତି ପରେ ସର୍ବସାଧାରଣଙ୍କ ପାଇଁ ଦର୍ଶନ ଓ ସେବା ପୂଜା ନିମନ୍ତେ ମନ୍ଦିର ଲୋକାର୍ପିତ ହୋଇଛି। ତତ୍ତ୍ୱାବଧାରକ ପଣ୍ଡିତ ନୀଳାମ୍ବର ମହାପାତ୍ରଙ୍କ ନେତୃତ୍ୱରେ ଶ୍ୟାମସୁନ୍ଦର ଶୁକ୍ଳା, ବିମଳ ପ୍ରସାଦ ପଣ୍ଡା, ପ୍ରବୋଧ ଚନ୍ଦ୍ର ଦାଶଶର୍ମା, ଗଣେଶ ଚନ୍ଦ୍ର ପତି, ସଦାଶିବ ପଣ୍ଡା, ମନୋଜ କୁମାର ପଣ୍ଡା ପ୍ରମୁଖଙ୍କ ସହିତ ୧୫ଜଣ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା କର୍ମକାଣ୍ଡ ଅନୁଷ୍ଠିତ ହେଉଛି। ମୁଖ୍ୟ ଯଜମାନ ଭାବେ ଉପବିଷ୍ଟ ହୋଇଛନ୍ତି ପ୍ରତିଷ୍ଠାତା ଦିଲ୍ଲୀପ କୁମାର ଚୌଧୁରୀ ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଚୌଧୁରୀ। ଜମିଦାର ଚୌଧୁରୀ ବଂଶର ଇଷ୍ଟଦେବତା ଶ୍ରୀ ମଦନମୋହନ ଜୀଉ।

# ଦୁଇଦିନିଆ ଜୋନାଲ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ବାଲେଶ୍ୱର, ୪।୭ (ସମିସ): ସେଣ୍ଟ ଭିନସେଂଟ୍ କନ୍ଭେଣ୍ଟ୍ ସିନିୟର ସେକେଣ୍ଡାରୀ ସ୍କୁଲର ଦୁଇ ଦିନିଆ ଜୋନାଲ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ସିଆଇଏସସିଇ ଆନୁକୂଲ୍ୟରେ ଦୁଇ ଦିନିଆ ଜୋନାଲ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ଆରମ୍ଭ ହୋଇଛି। ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, କରଂଜିଆ, ବଡ଼ବିଲ୍, ଯୋଡ଼ା ଏବଂ ବାରିପଦା ଆଦି ୮ଟି କନ୍ଭେଣ୍ଟ୍ ସ୍କୁଲ୍ ର ୪୫୦ ଜଣ ଖେଳାଳୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର କନ୍ଭେଣ୍ଟ୍ ସ୍କୁଲ୍ ଆୟୋଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ପ୍ରଥମ ଦିନ ଖୋ-ଖୋ-ପ୍ରତିଯୋଗିତା ଶେଷ ହୋଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ୫ଟି ଟିମ୍ ଏବଂ ବାଳିକା ବିଭାଗରେ ୫ଟିମ୍ ଅଂଶ ଗ୍ରହଣ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ୮ଟି ଏବଂ ବାଳିକା ବିଭାଗରେ ୮ଟିମ୍ ଏବଂ ୧୯ବର୍ଷରୁ କମ୍ ବାଳକ ବିଭାଗରେ ୩ଟି ଓ ବାଳିକା ବିଭାଗରେ ୩ଟିକୁ ମିଶାଇ ସମୁଦାୟ ୩୨ଟିମ୍ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖୋ-ଖୋ-ପ୍ରତିଯୋଗୀତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଖେଳ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ଦକ୍ଷତା ବୃଦ୍ଧି କରେ ବୋଲି କହିଥିଲେ। ରେଭେରେଣ୍ଡ ଫାଦର୍ ପଲ୍ କୁନମ୍ ପରମ ପଥ୍ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଦ୍ୱାରା କ୍ରୀଡ଼ାବିତ୍ ମାନଙ୍କୁ ସହନଶୀଳତା, ଶୃଙ୍ଖଳା ଓ କାର୍ଯ୍ୟ କରିବା ଲାଗି ପ୍ରେରଣା ଯୋଗାଇ ଥାଏ ବୋଲି କହିଥିଲେ। ସ୍କୁଲ୍‌ର ଅଧକ୍ଷା ସିଷ୍ଟର ରେଭେରାଣ୍ଟ୍ ମେରିନ୍, ଓଡ଼ିଶା ବୋର୍ଡର ମୁଖ୍ୟ ଜୋନାଲ ଇନଚାର୍ଯ ସିଷ୍ଟର ଏଞ୍ଜେଲା ପ୍ରମୁଖ ଯୋଗ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜୋନାଲ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ କ୍ରୀଡ଼ାର ବିକାଶ ହୋଇ ପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍ କ୍ଲବ୍‌ର ସଭାପତି ବିପ୍ଳବ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସ୍କୁଲ୍ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଶେଷରେ ଛାତ୍ରୀ ଏସ୍ ଦୀକ୍ଷା ଧନ୍ୟବାଦ ଦେଇଥିଲେ।

# ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିଲା ସିପିଏମ୍

ବାଲେଶ୍ୱର, ୪।୭ (ସମିସ): ଚଳିତ ମାସ ୧ ତାରିଖ ଠାରୁ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ନିଯୁକ୍ତ ଡାକ୍ତରମାନେ ୧୦ଦଫା ଦାବିରେ ଆନ୍ଦୋଳନ କରୁଛନ୍ତି। ଦାବିଗୁଡିକ ମଧ୍ୟରେ ରହିଛି ଚାକିରୀର ସର୍ତ୍ତାବଳୀ ପୂରଣ, ଆଡହକ ଓ ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କୁ ନିୟମିତ କରିବା, ଖାଲିଥିବା ପଦବୀ ପୂରଣ, କାର୍ଯ୍ୟରତ ଥିବା ସମୟରେ ସେମାନଙ୍କ ସୁରକ୍ଷା,ସମସ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ବୀମାଭୁକ୍ତ ସହ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେତେକ ପ୍ରସ୍ତାବ। ଏହା କୌଣସି ଅଯୁକ୍ତିକର ଦାବି ନୁହେଁ। ସରକାର ଚାହିଁଥିଲେ ସେମାନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିପାରିଥାନ୍ତେ। କିନ୍ତୁ ତାହା ନକରି ସେମାନଙ୍କ ବିରୁଦ୍ଧରେ ଏସମା ଲଗାଇବା, ଦରମା ବନ୍ଦ ଓ ଛଟେଇର ଧମକ ଦେଉଛନ୍ତି, ଯାହା ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ଅନ୍ୟ ପକ୍ଷରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଆମ ଦେଶ ଏକ ଜନମଙ୍ଗଳ ରାଷ୍ଟ୍ର। ସମସ୍ତ ନାଗରିକଙ୍କୁ ଉନ୍ନତମାନର ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ ସରକାରଙ୍କ ଦାୟୀତ୍ୱ। ମାତ୍ର ଡବଲ ଇଞ୍ଜିନ ସରକାର ସରକାରୀ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟୟ ଘଟାଇ କର୍ପୋରେଟ ବେପାରୀଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ତାହାର ଏକ ଉଦାହରଣ। ଏଥିସହିତ ସରକାର ନିଜର ଅପାରଗତାକୁ ଲୁଚାଇବା ପାଇଁ ବିଜ୍ଞାପନରେ ଯେତିକି ଖର୍ଚ୍ଚ କରୁଛନ୍ତି ସେହି ଅର୍ଥରେ ଡାକ୍ତରମାନଙ୍କ ଦାବି ପୂରଣ ହୋଇ ପାରିବ। ସରକାର ତୁରନ୍ତ ଡାକ୍ତର ମାନଙ୍କ ସହିତ ଆଲୋଚନା ସମସ୍ୟାର ସମାଧାନ କରନ୍ତୁ ଓ ସ୍ୱାସ୍ଥ୍ୟସେବାର ଅଚଳାବସ୍ଥା ଦୂର କରିବା ପାଇଁ ସିପିଆଇ(ଏମ) ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଦାବି କରାଯାଇଛି। ଏ ନେଇ ସିପିଆଇ(ଏମ) ତରଫରୁ ନିର୍ମଳ ନାୟକ, ପ୍ରେମ ରଞ୍ଜନ ପାତ୍ର, ପ୍ରଭାକର ବେହେରା ଓ ସିକନ୍ଦର ଖାଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଭେଟିଥିଲେ।

# ଫ୍ଲୋରାଇଡ୍-ଦୂଷିତ ପାନୀୟ ଜଳର ନିରାକରଣ ଉପରେ ଅନ୍ତଃବିଭାଗୀୟ ବ୍ୟାଖ୍ୟାନ

ବାଲେଶ୍ୱର, ୪।୭ (ସମିସ): 'ପାନୀୟ ଜଳରେ ଫ୍ଲୋରାଇଡ୍ ଏବଂ ଫ୍ଲୋରାଇଡ୍-ଦୂଷିତ ଜଳର ବିଶୋଧନ ପାଇଁ ବୈଷୟିକ ଉପାୟ' ଶୀର୍ଷକ ଏକ ଅନ୍ତଃବିଭାଗୀୟ ବ୍ୟାଖ୍ୟାନ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ଭାବେ ଫ୍ଲୋରାଇଡ୍-ପ୍ରଦୂଷଣର ସ୍ୱାସ୍ଥ୍ୟଗତ କୁପ୍ରଭାବ, ସୁରକ୍ଷିତ ପାନୀୟ ଜଳର ଆବଶ୍ୟକତା ଏବଂ ଏହାର ବୈଜ୍ଞାନିକ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଜ୍ଞାନିକ ଉଦ୍ଭାବନ ଓ ସ୍ଥାୟୀ ସମାଧାନ ମାଧ୍ୟମରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟରେ ଅନ୍ତଃବିଭାଗୀୟ ଜ୍ଞାନର ପ୍ରସାର, ଅଧ୍ୟାପକମାନଙ୍କ ବିଷୟଭିତ୍ତିକ ଦକ୍ଷତାର ବିକାଶ ଏବଂ ଗବେଷଣା ଓ ନବସୃଜନକୁ ସୁଦୃଢ଼ କରିବା ଲକ୍ଷ୍ୟରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରିକଳ୍ପନାରେ ଏହି ବ୍ୟାଖ୍ୟାନମାଳାର ଆୟୋଜନ କରାଯାଉଛି। କୁଳପତି ପ୍ରଫେସର ତ୍ରିପାଠୀ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲାଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ୧୭୫ ଜଣ ଅଧ୍ୟାପକ ଓ ଗବେଷକ ଏହି ବ୍ୟାଖ୍ୟାନରେ ଅଂଶଗ୍ରହଣ କରି ବିଷୟବସ୍ତୁ ଉପରେ ଫଳପ୍ରଦ ଆଲୋଚନାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର ରବିନାରାୟଣ ବେହେରା ସଂଯୋଜନା କରିଥିବାବେଳେ ଶେଷରେ ଡ଼କ୍ଟର ବିଶ୍ୱଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରେମୁଣା ଏନ୍‌ଏସି ପକ୍ଷରୁ ମଶା ବିରୋଧୀ ଅଭିଯାନ



ରେମୁଣା, ୪।୭ (ସମିସ): ବର୍ଷା ଦିନରେ ସମସ୍ତ ନାଳ ନର୍ଦ୍ଦମାରେ ମଶା ବଂଶ ବୃଦ୍ଧି ପାଉଥିବା ଓ ଡେଙ୍ଗୁ ରୋଗ ବ୍ୟାପିବାକୁ ରୋକିବା ପାଇଁ ରେମୁଣା ଏନଏସି ପକ୍ଷରୁ ମଶା ବିରୋଧୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ୫ ମାସ ପର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ପ୍ରକାଶ କରିଛନ୍ତି। ଏହି ଅଭିଯାନରେ ପ୍ରତି ୱାର୍ଡରେ ଥିବା ନାଳରେ ମଶା ବଂଶ ଲୋପ ପାଇଁ ୭ ଦିନକୁ ଥରେ ମଶା ତେଲ ପକାଯିବ ଓ ୧୫ ଦିନକୁ ଥରେ ମଶା ଧୂଆଁ ଦିଆଯିବ। ଫଳରେ ମଶାଙ୍କ ବଂଶବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ। ଜୁଲାଇ ପହିଲାରୁ ମଶା ବିରୋଧୀ ଅଭିଯାନର ଶୁଭାରମ୍ଭ ହୋଇଥିବା ବେଳେ ଉକ୍ତ ମଶା ଧୂଆଁ ଗାଡ଼ିକୁ ଅନୁଷ୍ଠାନିକ ଭାବେ ପତାକା ଦେଖାଇ ଏନଏସି ଅଧକ୍ଷା ତନୁଜା ଗିରି, କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, କାଉନସିଲର ପାନମଣି ମୁର୍ମୁ, ଶିବଶଙ୍କର ରାୟ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ।

# ବିଦ୍ୟାଳୟରେ ବନ ମହୋତ୍ସବ



ଜଳେଶ୍ୱର ବ୍ଲକ, ୪।୭ (ସମିସ): ଜୁଲାଇ ୧ ତାରିଖରୁ ସପ୍ତାହେ ଧରି ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ଦିବସ ପାଳିତ ହୋଇଥାଏ। ବରଡ଼ିହା ବନ ବିଭାଗର ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜଳନ୍ଧର ଉଚ୍ଚ ବିଦ୍ୟାଳୟ ପ୍ରସାଦଶୋଳରେ ପ୍ରଧାନ ଶିକ୍ଷକ ଈଶ୍ୱର କୁମାର ମହାନ୍ତି ସହଯୋଗରେ ବିଦ୍ୟାଳୟର ପିଲାମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ଥିଲା। ସେହିପରି ପୁରୁଷୋତ୍ତମ ବିଦ୍ୟା ନିକେତନ ଚନ୍ଦପୁର ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହାର ଓ ପିଲାମାନଙ୍କ ସହିତ ମିଶି ବନ ବିଭାଗ ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ଗଛର ଉପକାର ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବରଡ଼ିହା ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକଙ୍କ ସମେତ ଫରେଷ୍ଟର ସୁଲୋଚନା ବେହେରା, ସ୍କ୍ୱାଡର୍ ଶିବ ମହାନ୍ତି, ଉଜଳ ଦାସ, ଅମରେଶ ଦାସ, ଦନାର୍ଦନ ପାଳ, ହେରେକୃଷ୍ଣ ବେହେରା, ସୁରେଶ ଦାସ ପ୍ରମୁଖ ଅନେକ ପ୍ରକୃତି ପ୍ରମୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ପୂଜା

ଖଇରା, ୪।୭ (ସମିସ): ଖଇରା ବଜାର ସଂଲଗ୍ନ ଆଳଦା ବାଲିସାହି ଛକ ନିକଟରେ ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ପୂଜା ଶୁକ୍ରବାର ଦିନ ଆଧାମ୍ଭିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ରାଧାକୃଷ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ବାର୍ଷିକୋତ୍ସବରେ ସମ୍ପାଦକ ଅଶୋକ କୁମାର ବେହେରା ଓ ମନୋଜ କୁମାରଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା, ପରମାନନ୍ଦ ପଣ୍ଡା, ରମେଶ କୁମାର ପଣ୍ଡା,ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ସାଙ୍ଗକୁ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ୟୁଥ କ୍ଲବ ସଭାପତି ପ୍ରିୟବ୍ରତ ସାହୁ,ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ,ତପନ କୁମାର ପରିଡା, ସୌମ୍ୟ ରଞ୍ଜନ ସାହୁ, ଜଳଧର ସାହୁ, ହରେକୃଷ୍ଣ ସାହୁ, ଉଦୟ ପରିଡା, ବିକାଶ କୁମାର ସାହୁ, ଭାସ୍କର ଚନ୍ଦ୍ର ସାହୁ, ପ୍ରଦୀପ ସେଠୀ, ସୁନିଲ ସେଠୀ ଓ ରବିନ୍ଦ୍ର ଓଝା ପ୍ରମୁଖ ସହଯୋଗ କରିଥିଲେ। ଖଇରା ବଜାରବାସୀ ଏବଂ ବାଲିସାହି ଗ୍ରାମବାସୀ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

# ଅଧାରେ ଅଟକିଛି ଷଢ଼ଭୁଜ ପୋଖରୀ ଉନ୍ନତୀକରଣ

ଜଳେଶ୍ୱର ବ୍ଲକ, ୪।୭ (ସମିସ)



ଜଳେଶ୍ୱର ପୌରପାଳିକ ସ୍ଥିତ ୬ ନମ୍ବର ୱାଡର୍‌ର କଲୋନୀ ମଧ୍ୟରେ ଷଢ଼ଭୂଜ ପୋଖରୀ ଅବସ୍ଥିତ। ଉକ୍ତ ପୋଖରୀ ୨୦୨୫ ମସିହାରେ ମ୍ୟୁନିସିପାଲିଟି ପକ୍ଷରୁ ପୂର୍ଣ୍ଣାଙ୍ଗୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୯ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏଯାବତ ଉକ୍ତ ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ପୋଖରୀ ଆଡ଼ି ବୃଦ୍ଧି ହେବା ନିୟମ ଥିଲେ ମଧ ଅଦ୍ୟାବଧି ହୋଇ ନାହିଁ। ମାଟି ଗଛିତ ଥିଲେ ମଧ କାର୍ଯ୍ୟ ଦାୟିତ୍ୱ ନେଇ ଥିବା ସଂସ୍ଥା ଜାଣିଶୁଣି ବନ୍ଧ ବା ଆଡ଼ି କରୁନାହିଁ। ପାଣି ନିଷ୍କାସନ ନାଳ ହେବା ସହ ଦୁଇ ଫୁଟ ଉପରକୁ ସ୍ଥାନିତ ହେବା ଆବଶ୍ୟକ। କାରଣ ବର୍ଷା ହେଲେ ବିଲ ପାଣି ପୋଖରୀ ମଧ୍ୟରେ ପ୍ରବେଶ କରିବ। ପୋଖରୀ ହୁଡ଼ା ଓ ତା'ର ଗଡାଣୀରେ ଘାସ ଚେକା ପକାଇବା ଦରକାର ଅଛି, ନଚେତ ବର୍ଷ ପାଣିରେ ମାଟି ଧୂଇ ଚଲାପଥ କାଦୁଅ ହେବା ସମ୍ଭାବନା ଅଧିକ (ଲୋକଙ୍କ ସୁବିଧା ପାଇଁ ଗାଧୁଆ ତୁଠ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆ ଯାଇନାହିଁ। ସରକାରୀ ଅମିନଙ୍କ ଦ୍ୱାରା ମାପ ହୋଇ ଚିହ୍ନଟ ପରେ ଦ୍ୱିତୀୟ ଥର ପାଇଁ ଠିକାଦାର କାର୍ଯ୍ୟ ଆରମ୍ଭ ସମୟରେ ଅନଧିକୃତ ଭାବେ କଲୋନା ଲୋକଙ୍କ ଯାତାୟାତ ରାସ୍ତାରୁ ମାଟି ଉଠାଇ ଅନ୍ୟତ୍ର ଗଛିତ କରି ରଖୁଛନ୍ତି। ସର୍ବୋପରି କାର୍ଯ୍ୟ ଆରମ୍ଭ ପୂର୍ବରୁ ଫଳକ ଲଗାଯାଇ ନାହିଁ।ଫଳରେ ଏସ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ ହେଉଛି କି ନାହିଁ ତାହା ଜଣା ପଡୁନାହିଁ। ଏଭଳି କାର୍ଯ୍ୟ ପାଇଁ ଅମର୍ଶୀ କଲୋନୀ ଉନ୍ନୟନ କମିଟି ପକ୍ଷରୁ ସଭାପତି ହିମାଂଶୁ ଶେଖର ଦାସ, ୬ ନମ୍ବର କାଉନସିଲର ଚନ୍ଦନ କୁମାର ଦାସଙ୍କ ସହ କଲୋନୀର ଅଟଳ ଚନ୍ଦ୍ର ଜେନା, ରାମଚନ୍ଦ୍ର ବାରିକ, ହରିଶ ଚନ୍ଦ୍ର ଖଟୁଆ, ଅରୂପମା ବାରିକ, ଅର୍ଜନା ଖଟୁଆ, ପରଶ ମଣି ପରିଡ଼ା, ମଣ୍ଟୁ ଚରଣ ରଣା, ବିକାଶ ଗିରି, ବିପ୍ଳବ ଗିରି, ମନୋଜ ପ୍ରଧାନ, ମମତା ରାଣୀ ପ୍ରଧାନ, ଗୋପାଳକୃଷ୍ଣ ବେହେରା ପ୍ରମୁଖ ବହୁ କଲୋନାବାସୀ ଗତ ଜୁନ ୧୧ ତାରିଖରେ ଉଚ୍ଚ ସ୍ତରୀୟ ତଦନ୍ତ କରି ଉଚିତ ପଦକ୍ଷେପ ନେବା ପାଇଁ ବାଲେଶ୍ୱର ସାଂସଦ, ବାଲେଶ୍ୱର ଜିଲ୍ଲାପାଳ ଏକ ଲିଖିତ ଅଭିଯୋଗ କରିଛନ୍ତି।

### କୁଡୁମୀ ଭବନ ଉଦ୍‌ଘାଟନ ନେଇ ଓଡ଼ିଶା କୁଡୁମୀ ସେନାର ଅସନ୍ତୋଷ

# ୪୮ ଘଣ୍ଟା ମଧ୍ୟରେ କ୍ଷମା ନ ମାଗିଲେ ବନ୍ଦ ଚେତାବନୀ

ସାରସକଣା, ୪।୭ (ସମିସ)



ସାରସକଣା ବ୍ଲକରେ କୁଡୁମୀ ସମାଜ ପାଇଁ ନିର୍ମିତ କୁଡୁମୀ ଭବନର ଉଦ୍‌ଘାଟନକୁ ନେଇ ବିବାଦ ଦେଖାଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା କୁଡୁମୀ ସେନା ପକ୍ଷରୁ ବମ୍ଫେ ଛକସ୍ଥ ଶିବ-ପାର୍ବତୀ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ସାରସକଣା ବିଧାୟକ ଓ ବ୍ଲକ ବିକାଶ ଅଧିକାରୀ (ବିଡିଓ)ଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରାଯାଇଛି। ସମ୍ମିଳନୀରେ ସଂଗଠନ ନେତୃବୃନ୍ଦ କହିଥିଲେ, କୁଡୁମୀ ସମାଜ ପ୍ରକୃତି ପୂଜକ ଓ ଦୀର୍ଘଦିନ ଧରି ନିଜର ମୌଳିକ ଅଧିକାର ପାଇଁ ସଂଘର୍ଷ କରିଆସୁଛି।

ସେମାନଙ୍କ ଅଭିଯୋଗ ଅନୁସାରେ ପୂର୍ବ ସରକାରଙ୍କ ସମୟରେ ସାରସକଣା ବ୍ଲକର ବଡ଼ଚାଟରା ଧାନଘେରୀ ପଡ଼ିଆରେ କୁଡୁମୀ ସମାଜ ପାଇଁ ଏକ ଭବନ ନିର୍ମାଣ ହୋଇଥିଲା। କିନ୍ତୁ ଜୁନ ୩୦ ତାରିଖରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ "ବିକାଶ ଧାରା" କାର୍ଯ୍ୟକ୍ରମରେ ସମାଜର ପାରମ୍ପରିକ ରୀତିନୀତିକୁ ଅବହେଳା କରି ଉକ୍ତ ଭବନର ଉଦ୍‌ଘାଟନ କରାଯାଇଥିଲା। ଓଡ଼ିଶା କୁଡୁମୀ ସେନାର ଅଭିଯୋଗ ହେଉଛି, କୁଡୁମୀ ସମାଜର ନିଜସ୍ୱ ପୂଜା ପଦ୍ଧତି ଅନୁଯାୟୀ ଭବନର ଶୁଭ ଉଦ୍‌ଘାଟନ ହେବା କଥା। ସେହି ପରମ୍ପରାକୁ ଅବହେଳା କରାଯିବା ସମାଜର ସଂସ୍କୃତି ଓ ଭାବାବେଗ ପ୍ରତି ଅସମ୍ମାନ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ଜିଲ୍ଲା ମହିଳା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅଶେଷ କୁମାର ମହାନ୍ତ, ସାରସକଣା ବ୍ଲକ ସଭାପତି ମାନସ ମହାନ୍ତ, ଉପସଭାପତି ହିରାଲାଲ ମହାନ୍ତ, ସତ୍ୟଜିତ ମହାନ୍ତ, ଯୁବ ନେତା କାର୍ତ୍ତିକ ମହାନ୍ତ, ବିଶୋଇ ବ୍ଲକ ମହିଳା ସଭାନେତ୍ରୀ ଆରତୀ ମହାନ୍ତ, ବାସନ୍ତୀ ମହାନ୍ତ, ଘନଶ୍ୟାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ୪୮ ଘଣ୍ଟା ମଧ୍ୟରେ ସାରସକଣା ବିଧାୟକ ଓ ବିଡିଓ ସମାଜ ସମ୍ମୁଖରେ କ୍ଷମା ପ୍ରାର୍ଥନା ନ କଲେ ଆସନ୍ତା ସୋମବାର ସାରସକଣା ବ୍ଲକ ଓ ବମ୍ଫେ ଛକକୁ ସମ୍ପୂର୍ଣ୍ଣ ବନ୍ଦ କରି ପ୍ରତିବାଦ କରାଯିବ ବୋଲି ସୂଚନା ଦିଆଯାଇଛି। ଘଟଣା ସମ୍ପର୍କରେ ସାରସକଣା ବିଧାୟକ କିମ୍ବା ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବୈତରଣୀ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୪।୭ (ସମିସ): ଆନନ୍ଦପୁର ବ୍ଲକ ବୈତରଣୀ ମଣ୍ଡଳର ନୂତନ ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ଧକୋଠାର ଅଜିତ କୁମାର ପୃଷ୍ଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଘସିପୁରା ନିର୍ବାଚନମଣ୍ଡଳୀ କାର୍ଯ୍ୟକର୍ତ୍ତା ସାଂଗଠନିକ ବୈଠକରେ ଅଜିତଙ୍କୁ ଘସିପୁରା ବିଧାନସଭା ନେତା ଡ଼ ଶମ୍ଭୁନାଥ ରାଉତ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ମାନ ସମ୍ବର୍ଦ୍ଧନା ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ସାଂସଦ ଅନନ୍ତ ନାୟକ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ବିଜେପି ନେତା ଡ଼ ଶମ୍ଭୁନାଥ ରାଉତ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ବେହେରା, ମଣ୍ଡଳ ସଭାପତି ମନମୋହନ ପାତ୍ର, ବରିଷ୍ଠ ନେତା ଭଗବାନ ସାହୁ, ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ସାହୁ, ଆନନ୍ଦପୁର ବିଧାୟକ ପାର୍ଥ ଆଲୋକ ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପିଜି ଶେଷ ସେମିଷ୍ଟର ପରୀକ୍ଷାରେ ଏମ୍‌ସିଏଏମ୍‌ର ଉଲ୍ଲେଖନୀୟ ସଫଳତା

ବାରିପଦା, ୪।୭ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ୨୦୨୬ର ସ୍ନାତକୋତ୍ତର (ପିଜି) ଚତୁର୍ଥ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାରିପଦାର ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ଚମତ୍କାର ସଫଳତା ହାସଲ କରିଛନ୍ତି। ଉଦ୍ଭିଦ, ପ୍ରାଣୀ, ରସାୟନ ଓ ପଦାର୍ଥ ବିଜ୍ଞାନ ସହିତ ଶିକ୍ଷା, ଇଂରାଜୀ, ଓଡ଼ିଆ, ରାଜନୀତି ବିଜ୍ଞାନ ଓ ପିଏମଆଇଆର ବିଭାଗର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲେଜର ଗୌରବ ବୃଦ୍ଧି କରିଛନ୍ତି। ଉଦ୍ଭିଦ ବିଜ୍ଞାନରେ ଶାଶ୍ୱତୀ ବେହେରା ବେହେରା ୭୭.୪୪ ପ୍ରତିଶତ, ରାସାୟନ ବିଜ୍ଞାନରେ ଉତ୍ତମ ସୁନ୍ଦର ସ୍ୱାଗତ ୭୪.୧୯ ପ୍ରତିଶତ, ପଦାର୍ଥ ବିଜ୍ଞାନରେ ରୂପେଶ ସାହୁ ୬୮.୪୮ ପ୍ରତିଶତ, ପ୍ରାଣୀ ବିଜ୍ଞାନରେ ପିଙ୍କିଲତା ସାମନ୍ତରାୟ ୮୦.୬୩ ପ୍ରତିଶତ, ଶିକ୍ଷାରେ ମାନସୀ ସାମଲ ୮୦.୪୩ ପ୍ରତିଶତ, ଇଂରାଜୀରେ ପ୍ରିୟମ୍ବଦା ବିନ୍ଧାଣି ୭୫.୮୦ ପ୍ରତିଶତ, ଓଡ଼ିଆରେ ସୀମା ପଟ୍ଟାୟତ ୭୮.୦୩ ପ୍ରତିଶତ, ପିଏମ୍‌ଆଇଆରରେ ପ୍ରଶାନ୍ତ କୁମାର ତିରିଆ ୭୨.୬୫ ପ୍ରତିଶତ, ରାଜନୀତି ବିଜ୍ଞାନରେ ପୁଷ୍ପା ମହାନ୍ତି ୮୦.୦୦ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି, ଏହି ସଫଳତା ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଶିକ୍ଷକଙ୍କ ନିଷ୍ଠାପୂର୍ଣ୍ଣ ମାର୍ଗଦର୍ଶନ ଓ ଅଭିଭାବକଙ୍କ ସହଯୋଗର ପ୍ରତିଫଳନ। ଉପାଧ୍ୟକ୍ଷ ସଙ୍ଗମିତ୍ରା ରାଉତ ମଧ୍ୟ ଏହି ସଫଳତାରେ ଆନନ୍ଦ ବ୍ୟକ୍ତ କରି ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ଉଚ୍ଚଶିକ୍ଷା, ଗବେଷଣା ଓ ବୃତ୍ତିଗତ ଜୀବନରେ ଆହୁରି ସଫଳତା ହାସଲ କରିବାକୁ ଶୁଭେଚ୍ଛା ଜଣାଇଛନ୍ତି। କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଏହି ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବନ ମହୋତ୍ସବ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ତର୍କ ପ୍ରତିଯୋଗିତା



କେନ୍ଦୁଝର, ୪।୭ (ସମିସ): ଶନିବାର କୋର୍ଟ ପରିସରରେ ଆଇନ ସଚେତନତା କ୍ଲବରେ ସାମିଲ ବିଭିନ୍ନ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତା ବନ ମହୋତ୍ସବ ଅବସରରେ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲାଜଜ୍ ଗୋପାଳଚନ୍ଦ୍ର ବେହେରା, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିର୍ମଳା କନଭେଣ୍ଟ ବିଦ୍ୟାଳୟ, ରବିନ୍ଦ୍ର ବିଦ୍ୟା ନିକେତନ, ପିଏମ୍‌ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ, ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟ, ଡିଏଭି ସ୍କୁଲ, ପୁଲିସ ଉଚ୍ଚ ବିଦ୍ୟାଳୟ, ମୋଚିବନ୍ଧ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରା, ଦୁର୍ନୀତି ନିବାରଣ ସ୍ୱତନ୍ତ୍ର ଜଜ୍ ଭଗବାନ ପ୍ରଧାନ, ପରିବାର ଅଦାଲତ ଜଜ୍ ଶ୍ୱେତା ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦିଲ୍ଲୀପ ମିଶ୍ର, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ (ଆଡହକ୍) ବିଜୟ କୁମାର ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା ଅଦାଲତ ବିଚାରପତି ନେହା ଦାଶ, ଉପଖଣ୍ଡୀୟ ବିଚାରପତି ସନ୍ତୋଷ କୁମାର ବାରିକ ଓ ପ୍ରଥମ ଶ୍ରେଣୀ କନିଷ୍ଠ ବିଚାରପତି ପ୍ରଜ୍ଞା ପରମିତା ସ୍ୱାଇଁ ଯୋଗ ଦେଇ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତର୍କ ବିଭାଗ ବରିଷ୍ଠ ବର୍ଗରେ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସ୍ମୃତିରେଖା ରାମ ପ୍ରଥମ ଏବଂ ସଂଚିତା ସାହୁ ଦ୍ୱିତୀୟ, ପୁଲିସ ଉଚ୍ଚ ବିଦ୍ୟାଳୟର ଜ୍ୟୋତିରଞ୍ଜନ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଶ୍ରୀ ସମ୍ପର୍ଣ୍ଣା ବେହେରା ପ୍ରଥମ, ନିର୍ମଳା କନଭେଣ୍ଟ ସ୍କୁଲର ସ୍ୱରୁପ ସାହୁ ଦ୍ୱିତୀୟ, କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତାପ୍ତି ପ୍ରିୟଦର୍ଶିନୀ ପାତ୍ର ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ। ତର୍କ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଘରେ ପଶି ସୁନା ଅଳଙ୍କାର ଚୋରି



ତୁରୁମୁଙ୍ଗା, ୪।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି ଗ୍ରାମର ଭଗବାନ ବେଜ୍‌ଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ତାଙ୍କ ପରିବାର ପୁତୁରା ବାଘଘରରେ ଯୋଗ ଦେବାକୁ ଗତକାଲି କେନ୍ଦୁଝର ଯାଇ ରାତିରେ ଫେରିବା ପରେ ଘରର ଚାବି ଭଙ୍ଗାଯାଇ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଘରେ ପଶି ବାକ୍ସ ଭାଙ୍ଗି ୨ଟି ସୁନା ହାର, ୨ଟି ମୁଦି ୫ଟି ତୁଳସୀ ପଦକ, କାନ ଫିଂ ୨ ହଳ ମଙ୍ଗଳସୂତ୍ର, ରୁପା ପାଉଁଜି ୨ ହଳ ଆଦି ଚୋରି କରିନେଇଥିବା ଜାଣିବାକୁ ପାଇବା ପରେ ଭଗବାନ ବେଜ୍ ଶନିବାର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ୨୪୪/୨୬ରେ ଏକ ମାମଲା ରୁଜୁ କରିବା ସହ ଥାନା ଏସଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

## ଚୋରି ମାମଲାରେ ଆସାମୀକୁ ୬ ମାସ ଜେଲ୍

ମୋରଡା, ୪।୭ (ସମିସ): ମୋରଡା ଜେଏମଏଫସି କୋର୍ଟ ଶନିବାର ଏକ ଚୋରି ମାମଲାର ଶୁଣାଣି କରି ଦୋଷୀଙ୍କୁ ଦଣ୍ଡ ଶୁଣାଇଛନ୍ତି। ମୋରଡା ଥାନା ଅଧୀନ ସାନମୁଣ୍ଡାବଣି ଗ୍ରାମରେ ସଂଗ୍ରାମ ସୋରେନ ତାଙ୍କ ଶଶୁର ଘରେ ଦୀର୍ଘ ୧୭ ବର୍ଷ ହେଲା ରହି ଆସୁଥିଲେ। ୨୦୧୪ ଡିସେମ୍ବର ୭ ତାରିଖ ସନ୍ଧ୍ୟାରେ ଘରେ ତାଙ୍କ ଶାଶୂ ଶଶୁର ନ ଥିବା ସମୟରେ ଜଣେ ବ୍ୟକ୍ତି ଘରେ ଭିତରେ ପଶି ଦୁଇଟି ବାକ୍ସରେ ଥିବା ୧୫୦୦୦ ଟଙ୍କା ଚୋରି କରି ନେଇ ପଳାଉଥିବାବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ମାଡ଼ ମାରିଥିଲେ। ଚୋର ଜଣକ କଉଡିଆ ଗ୍ରାମର ଶମ୍ଭୁନାଥ ବାରିକ ବୋଲି ଜଣାପଡ଼ିଥିଲା ଓ ପୁଲିସକୁ ଖବର ଦେଇଥିଲେ। ବିଚାରପତି ଉକ୍ତ ଘଟଣାର ବିଚାର କରି ଶମ୍ଭୁନାଥଙ୍କୁ ପାଞ୍ଚଶହ ଟଙ୍କା ଜରିମାନା କରିବା ସହିତ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏପିପି ସମ୍ବିତ ଦାସ ମାମଲା ପରିଚାଳନା କରିଥିଲେ।

### ● ବାଇକ୍‌କୁ ଧକ୍କାଦେଲା ହାଇଡ୍ରା

## ବାଇକ୍ ଚୁରମାର, ଅଳ୍ପକେ ବର୍ତ୍ତିଲେ ଦୁଇ ଆରୋହୀ

ରାଇରଙ୍ଗପୁର, ୪।୭ (ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ରାଇରଙ୍ଗପୁର- ଗୋରୁମହିଷାଣୀ ରାସ୍ତାର ୩ କିମି ଦୂର ଦୁବୁଲାବେଡା ରାସ୍ତା କଡ଼ରେ ଏକ ବାଇକ୍ ଛିଡ଼ା ହୋଇଥିବା ଅବସ୍ଥାରେ ଏକ ହାଇଡ୍ରା ଧକ୍କା ଦେବା ଫଳରେ ବାଇକ୍ ଚୁରମାର ହୋଇଥିବା ଅଭିଯୋଗ ହୋଇଛି। ବହଳଦା ବ୍ଲକର ଡଲସରା ଗ୍ରାମର ଆଇଁଠୁ ଟୁଡୁ ଓ ସାଙ୍ଗ ସୁନାରାମ କିସ୍କୁ ତାଙ୍କ ମାମୁଁ ଘର ଗ୍ରାମ ଦେଉରାଡିହିକୁ ଆଜି ସକାଳେ ବାଇକ୍‌ରେ ଯାଉଥିବାବେଳେ ଦୁବୁଲାବେଡା ରାସ୍ତା କଡ଼ରେ ବାଇକ୍ ରଖି ପରିସ୍ରା କରୁଥିଲେ। ହଠାତ୍ ଏକ ଢୋ ଶବ୍ଦ ଶୁଭିଲା। ସେମାନେ ଚମକି ପଡ଼ି ଆଗକୁ ଦୌଡିଲେ। ପଛରୁ ଅନାଇ ଦେଖନ୍ତି ତ ତାଙ୍କ ବାଇକକୁ ଏକ ହାଇଡ୍ରା ଗାଡ଼ି ଧକ୍କା ଦେଇଛି। ହାଇଡ୍ରା ଗାଡ଼ି ରାଇଭର ଗାଡ଼ି ରଖି ଜଙ୍ଗଲ ଭିତରକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲା। ବାଇକ୍‌ଟି ଚୁରମାର ହୋଇଥିଲା। ପରେ ଖବର ପାଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ କରୁଛି।

### ● କରଞ୍ଜିଆ-କେନ୍ଦୁଝର ରାଜପଥରେ ଦୁର୍ଘଟଣା

## ୩ ଗୁରୁତର, ଗୋଟିଏ ଗୋରୁ ମୃତ

କରଞ୍ଜିଆ, ୪।୭ (ସମିସ): କରଞ୍ଜିଆ-କେନ୍ଦୁଝରକୁ ସଂଯୋଗ କରୁଥିବା ୨୨୦ନଂ ଜାତୀୟ ରାଜପଥର ଦେଓନଦୀ ପୋଲ ଉପରେ ଦୁର୍ଘଟଣା ଘଟିଛି। ଗୋରୁ ବୋଝେଇ ଏକ ପିକଅପ ଭ୍ୟାନ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଅଟୋରେ ଯାତ୍ରା କରୁଥିବା ୩ ଜଣ ଗୁରୁତର ଆହତ ହୋଇଥିବାବେଳେ ପିକଅପରେ ଥିବା ୬ଟି ଗୋରୁ ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଅନ୍ୟ ୫ଟି ଗୋରୁ ଆହତ ହୋଇଥିବା ସୂଚନା ମିଳିଛି। ଏହି ଦୁର୍ଘଟଣା ପରେ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ବେଆଇନ ଗୋରୁ ଚାଲାଣକୁ ନେଇ ସାଧାରଣରେ ପୁଣିଥରେ ପ୍ରଶ୍ନ ଉଠିଛି। ଦେଓନଦୀ ପୋଲ ଉପରେ ଏକ ଦ୍ରୁତଗାମୀ ଗୋରୁ ବୋଝେଇ ପିକଅପ ଭ୍ୟାନ୍ ବିପରୀତ ଦିଗରୁ ଆସୁଥିବା ଅଟୋକୁ ସାମ୍ନାସାମ୍ନି ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଅଟୋରେ ଥିବା ୩ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇ ଗାଡ଼ି ଭିତରେ ଫସି ରହିଥିଲେ।

ସେହିପରି ପିକଅପ ଗାଡ଼ିରେ ଥିବା ଗୋରୁମାନେ ମଧ୍ୟ ଧକ୍କାର ପ୍ରଭାବରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ଓ ପୁଲିସ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କରି ଆହତମାନଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଠାକୁରମୁଣ୍ଡା, ୪।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ପଞ୍ଚାୟତ ଅନ୍ତର୍ଗତ ଭଦୁବାହାଳି ଗ୍ରାମରେ ଗତକାଲି ରାତିରେ ଶୋଇଥିବା ଅବସ୍ଥାରେ ସାପ କାମୁଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଭଦୁବାହାଳି ଗ୍ରାମର ମଙ୍ଗଳ ମାରାଣ୍ଡି (୨୫)। ମଙ୍ଗଳ ଗତକାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ ଏହା ଜାଣିବା ପରେ ତାଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଆନନ୍ଦପୁର ଯିବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ବାଲିବନ୍ଧ ସେକ୍ସନ ପକ୍ଷରୁ ବନ ମହୋତ୍ସବ



ନାରଦପୁର, ୪।୭ (ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ପକ୍ଷରୁ ଆଜି ବାଲିବନ୍ଧସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ଆଦିବାସୀ ହୋ ସମାଜ ମହାସଭା ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା, ଫରେଷ୍ଟର ରାଜେନ୍ଦ୍ର କୁମାର ଜେନା, ଝୁମ୍ପୁରା ମଣ୍ଡଳ ସଭାପତି ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ବନମହୋତ୍ସବକୁ ଫରେଷ୍ଟ ଗାର୍ଡ କିରାଣି ମହାରଣା, ରଶ୍ମିତା ଖଣ୍ଡେଇ, ଉମେଶ ଦାସ, ଜ୍ଞାନରଂଜନ କର ପରିଚାଳନା କରିଥିବା ବେଳେ ସ୍କ୍ୱାଡ୍ ପୁକାମ ମୁଣ୍ଡା, ଜାମ୍ବିରା ମୁଣ୍ଡା, ଉମେଶ ନାଏକ, ଯଗେଶ୍ୱର ମୁଣ୍ଡା, ଏନଜିଓ ସ୍ନେହା ପ୍ରମୁଖଙ୍କ ସମେତ ଶିଶୁବଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା

ମୋରଡା, ୪।୭ (ସମିସ): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ଭଞ୍ଜସେନା ପକ୍ଷରୁ ସାରା ଜିଲ୍ଲାରେ ମଶାଲ ଶୋଭାଯାତ୍ରା କରାଯାଉଛି। ଏ ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଚିତ୍ରଡା ଏନଏସି ଅଧୀନରେ ଥିବା ବସଷ୍ଟାଣ୍ଡରୁ ଭଞ୍ଜସେନା ଜିଲ୍ଲା ଅଧ୍ୟକ୍ଷ ସଞ୍ଜୀବ ରାଉତ ଓ ଉପଖଣ୍ଡ ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ବାହାରି ଶୀର୍ଷାପାଳ ଛକ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଲୋକଙ୍କ ସମାଗମରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ମହିଳା, ଯୁବକମାନେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ବ୍ଲକ ସଭାପତି ପରିତୋଷ ବାରିକ, ଲଲିଟେନ୍ଦୁ ଦାସ, ତୋଫାନ ମହାନ୍ତ, ତ୍ରିନାଥ ପାତ୍ର, ତାପସ ବେହେରା, ମଙ୍ଗଳ ଦାସ, ଦୀପୁ ମହାନ୍ତ, ସୁନୀଲ ମହାନ୍ତ, ସଂଜୟ ମହାନ୍ତ, ଆକାଶ ପାତ୍ର, ସତ୍ୟନାରାୟଣ ବେହେରା, ଜନ୍ମେଜୟ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## କପ୍ତିପଦା ବ୍ଲକ୍ ପାଇଁ ସ୍ଥାୟୀ ଯୋଗାଣ ଅଧିକାରୀ ନିଯୁକ୍ତି ଦାବି

କପ୍ତିପଦା, ୪।୭ (ସମିସ): କପ୍ତିପଦା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ୨୬ଟି ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ। ପ୍ରତିଦିନ ଶହ ଶହ ଲୋକ ନିଜର ଅଭିଯୋଗ ନେଇ ଆସୁଥିବାବେଳେ ଯୋଗାଣ ଅଧିକାରୀଙ୍କ ଦେଖାମିଳୁନାହିଁ। ଦୀର୍ଘଦିନ ହେବ ଯୋଗାଣ ଅଧିକାରୀ ପଦବୀ ଫାଙ୍କା ପଡିଥିବାବେଳେ ଗୋପବନ୍ଧୁନଗର ବ୍ଲକରେ କାର୍ଯ୍ୟରତ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ନାୟକ କପ୍ତିପଦା ବ୍ଲକ ଦାୟିତ୍ୱରେ ଦୀର୍ଘ ୬ ମାସ ହେବ ରହିଛନ୍ତି। କିନ୍ତୁ କପ୍ତିପଦା ବ୍ଲକଟି ସବୁଠାରୁ ବଡ଼ ବ୍ଲକ ହୋଇଥିବାବେଳେ ଶ୍ରୀ ନାୟକ ସପ୍ତାହରେ ଗୋଟିଏ କିମ୍ବା ଦୁଇଦିନ ଆସୁଥିବାରୁ ଅନେକ ସମୟରେ ହିତାଧିକାରୀ ତାଙ୍କ ନିକଟକୁ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଇଛି। ବେଳେବେଳେ ହିତାଧିକାରୀଙ୍କ ସହ ଖରାପ ବ୍ୟବହାର କରିବା ସହ କିପରି ମୋଟା ଅଙ୍କରେ ବଟି ମିଳିପାରିବ, ନିଜର ମନମାନୀ ଜାହିର କରନ୍ତି। ଫଳରେ ସାଧାରଣ ଗରିବ ଲୋକଟିଏ ନିଜର ଦୈନନ୍ଦିନ କାମ ବନ୍ଦ କରି ରାସନ କାର୍ଡ ପାଇବା ପାଇଁ ଓ ରାସନ କାର୍ଡରେ କୌଣସି ସମସ୍ୟାକୁ ନେଇ ବ୍ଲକକୁ ଯାଉଥିଲେ ସୁଦ୍ଧା ତାହାର ସୁଫଳ ପାଇପାରୁନାହିଁ। ତେଣୁ ଏହି ୨୬ଟି ପଞ୍ଚାୟତରେ ରାସନ ସାମଗ୍ରୀର ସୁବଣ୍ଟନ ନିମନ୍ତେ ତୁରନ୍ତ ଜଣେ ସ୍ଥାୟୀ ଯୋଗାଣ ଅଧିକାରୀ ନିଯୁକ୍ତ କରିବାକୁ କପ୍ତିପଦାବାସୀ ଦାବି କରିଛନ୍ତି।

## ବାରିପଦାରେ ଓଷ୍ଟା ସାମ୍ବିଧାନିକ ସମ୍ମିଳନୀ

ବାରିପଦା, ୪।୭ (ସମିସ): ବାରୁଣୀ ନିକଟସ୍ଥ ବିଦ୍ୟାବିହାର ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଓଷ୍ଟା ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପସଭାପତି ସୁରଥ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ଲକ ସମ୍ପାଦକ ସଭାର ଆଭିମୁଖ୍ୟ ପ୍ରକାଶ କରି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଲତା, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସନ୍ତୋଷ କାସ୍ତ, ମୁଖ୍ୟବକ୍ତା ଭାବେ ସଂଗଠନ ସମ୍ପାଦକ ପ୍ରଭାସ ନାୟକ ଓଷ୍ଟାର ଇତିହାସ, ସମ୍ବିଧାନ ଓ ବର୍ତ୍ତମାନ ସଂଗଠିତ ହୋଇ ରହିବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ବ୍ଲକ ଓ ମ୍ୟୁନିସିପାଲିଟିର ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇ ସମାଧାନ ପାଇଁ ଏକତ୍ରିତ ହେବା ପାଇଁ ଶପଥ ନେଇଥିଲେ। ପରେ ଆଗାମୀ ତିନି ବର୍ଷ ପାଇଁ ସଭାପତି ଭାବେ ସୁକାନ୍ତ ବେହେରା, ଉପସଭାପତି ଭାବେ ରଜତ ମହାନ୍ତ ଓ ମୋନାଲିସା ମାସନ୍ତ, ସମ୍ପାଦକ ଭାବେ ପ୍ରଦୀପ ଚନ୍ଦ୍ର ମହାନ୍ତ, ଯୁଗ୍ମସମ୍ପାଦକ ଭାବେ ମନୋଜ ପରିଡା ଓ ଚିଲିମା ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜ୍ୟୋତିରଞ୍ଜନ ବାରିକ ଓ ଅନୁପମା ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦିବସ କୁମାର ମହାନ୍ତ, ସତ୍ୟବ୍ରତ ସିଂହ, ଗୋବିନ୍ଦ ମହାନ୍ତ ଓ ସୁକେଶିନୀ ମହାନ୍ତ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଜିଲ୍ଲା ସଭାପତି ସମସ୍ତ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଉପସଭାପତି ରଜତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଓମ୍ବାଡ୍‌ସି ଟିମର ପାଟଣା ରେଞ୍ଜରେ ସମୀକ୍ଷା



ତୁରୁମୁଙ୍ଗା, ୪।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଝାଟିପଡ଼ା ଓ ପଟୁଳିଆ ଜଙ୍ଗଲ ମଧ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓମ୍ବାଡସି ତରଫରୁ ଖୋଳାଯାଇଥିବା ପୁଷ୍କରିଣୀ କାର୍ଯ୍ୟକୁ ଶନିବାର ରାଜ୍ୟ ଓଓମ୍ବାଡସି ଟିମ ବୁଲି ସମୀକ୍ଷା ଓ ପରିଦର୍ଶନ କରିଛନ୍ତି। ଟିମରେ ସଂସ୍ଥାର ପ୍ରୋଜେକ୍ଟ ଡାଇରେକ୍ଟର ଡିଭିଜନନାଲ ଟିମ, ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଓ ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ପ୍ରମୁଖଙ୍କ ସହ ବନରକ୍ଷୀମାନେ ପ୍ରତିନିଧି ଦଳଙ୍କୁ କ୍ଷେତ୍ର ପରିଦର୍ଶନରେ ସହଯୋଗ କରିଥିଲେ। ପରିଦର୍ଶନ ସମୟରେ ଓମ୍ବାଡିସି ଅନୁଦାନରେ ନିର୍ମିତ ଜଳାଶୟ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ଓ ଆଡିବନ୍ଧ ଆଦି ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବେଲଦା, ଯଡିପଦା, ମହିଷାମୁଣ୍ଡି, କୋଡ଼ଖମଣ, ପଦ୍ମପୁର, ମାଛଗଡ଼ ଓ ବଡ଼ବିଲ ଆଦି ସହ ଅନ୍ୟାନ୍ୟ ସ୍ଥାନରେ ପ୍ରତିନିଧିମାନେ କାର୍ଯ୍ୟସ୍ଥଳକୁ ଯାଇ ପରିଦର୍ଶନ କରିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ।

# 'ଫୋର୍ବସ ଇଣ୍ଡିଆ' ତାଲିକାରେ ସ୍ଥାନ ପାଇଲା ଇନଫୋକ୍ରିଏଟିଭ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍

ବାରିପଦା, ୪।୭ (ସମିସ)

ଓଡ଼ିଶାର ବିକାଶମୁଖୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପାଇଁ ଏକ ଉଲ୍ଲେଖନୀୟ ସଫଳତା ସ୍ୱରୂପ ମୟୂରଭଞ୍ଜର ବାରିପଦାରେ ମୁଖ୍ୟ କାର୍ଯ୍ୟାଳୟ ଥିବା 'ଇନଫୋକ୍ରିଏଟିଭ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍'କୁ ପ୍ରସିଦ୍ଧ ବ୍ୟବସାୟିକ ପତ୍ରିକା 'ଫୋର୍ବସ ଇଣ୍ଡିଆ' ଏହାର ଏକ ସ୍ୱତନ୍ତ୍ର ସଂସ୍କରଣ 'ଇଣ୍ଡିଆଜ୍ ମୋଷ୍ଟ ଟ୍ରଷ୍ଟେଡ୍ ଇମର୍ଜିଂ ବ୍ରାଣ୍ଡ୍ସ' (ଭାରତର ସବୁଠାରୁ ଭରସାଯୋଗ୍ୟ ଉଦୀୟମାନ ବ୍ରାଣ୍ଡ) ରେ ସ୍ଥାନ ଦେଇଛି।

ନୂତନତ୍ୱ, ସାଧୁତା ଓ ଗ୍ରାହକଙ୍କ ଆସ୍ଥା ମାଧ୍ୟମରେ ବିଭିନ୍ନ ଶିଳ୍ପ ଜଗତରେ ପରିବର୍ତ୍ତନ ଆଣୁଥିବା ଦୂରଦୃଷ୍ଟି ସମ୍ପନ୍ନ ସଂସ୍ଥାଗୁଡ଼ିକୁ ଏହି ସ୍ୱୀକୃତି ପ୍ରଦାନ କରାଯାଏ। ଫୋର୍ବସ ଇଣ୍ଡିଆର ଏହି ସଂସ୍କରଣରେ ଇନଫୋକ୍ରିଏଟିଭ୍ସକୁ ଦେଶର ଏକ ପ୍ରତିଶ୍ରୁତିବଦ୍ଧ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଭାବେ ଦର୍ଶାଯାଇଛି। ଯାହା ଉଚ୍ଚମାନର ଗୁଣବତ୍ତା ଓ ଗ୍ରାହକ ସନ୍ତୋଷ ବଜାୟ ରଖିବା ସହିତ କ୍ରମାଗତ ଭାବେ ଅଭିନବ ଡିଜିଟାଲ୍ ସମାଧାନ ପ୍ରଦାନ କରିଆସୁଛି। ୨୦୧୧ରେ ପ୍ରତିଷ୍ଠିତ ଓ ୨୦୧୫ରେ ପଞ୍ଜିକୃତ ହୋଇଥିବା ଇନଫୋକ୍ରିଏଟିଭ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ସଫ୍ଟୱେର ବିକାଶ, ୱେବ୍ ଆପ୍ଲିକେସନ୍ ବିକାଶ, ମୋବାଇଲ୍ ଆପ୍ ବିକାଶ, କ୍ଲାଉଡ୍ ସଲ୍ୟୁସନ୍ସ, ଡିଜିଟାଲ୍ ମାର୍କେଟିଂ, ଇ-ଗଭର୍ଣ୍ଣାନ୍ସ ସଲ୍ୟୁସନ୍ସ ଓ ଆଇଟି କନସଲଟିଂ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରି ଏକ ଅଗ୍ରଣୀ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଏହି ପତ୍ରିକାରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥା ପାଇଁ କମ୍ପାନୀ ଦ୍ୱାରା ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିବା ପ୍ରଯୁକ୍ତିବିଦ୍ୟାଭିତ୍ତିକ ପ୍ରକଳ୍ପଗୁଡ଼ିକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି। ଏଥିମଧ୍ୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, ଓରମାସ୍, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ ବାରିପଦା ସାମିଲ ଅଛନ୍ତି।

କମ୍ପାନୀର ବ୍ୟବସାୟିକ ସଫଳତା ବ୍ୟତୀତ, ଜିଲ୍ଲା ପ୍ରଶାସନର ଏକ ପ୍ରମୁଖ କାର୍ଯ୍ୟକ୍ରମ "ଆକାଂକ୍ଷା ଆଇଟି ହବ୍'ରେ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଦକ୍ଷତା ବିକାଶ କ୍ଷେତ୍ରରେ ଇନଫୋକ୍ରିଏଟିଭ୍ସର ଅବଦାନକୁ ଫୋର୍ବସ ଇଣ୍ଡିଆ ପ୍ରଶଂସା କରିଛି। ଏହି ହବ୍ ମାଧ୍ୟମରେ କମ୍ପାନୀ ଭବିଷ୍ୟତର ଆଇଟି ପେସାଦାରଙ୍କୁ ଶିଳ୍ପ ଉପଯୋଗୀ ଆଇଟି ତାଲିମ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓ ନିଯୁକ୍ତି ସହାୟତା ପ୍ରଦାନ କରୁଛି। ଏହି ସମ୍ମାନଜନକ ସ୍ୱୀକୃତି ଉପରେ କମ୍ପାନୀର ନେତୃତ୍ୱ ମଣ୍ଡଳୀ କହିଛନ୍ତି, ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଯୁବ ନବସୃଜନକାରୀଙ୍କୁ ସଶକ୍ତ କରିବା ସହିତ ଡିଜିଟାଲ୍ ରୂପାନ୍ତର ପାଇଁ ପ୍ରଯୁକ୍ତିବିଦ୍ୟାର ସଦୁପଯୋଗ କରିବାକୁ କମ୍ପାନୀ ସଦାସର୍ବଦା ପ୍ରତିବଦ୍ଧ। ଫୋର୍ବସ ଇଣ୍ଡିଆ ଦ୍ୱାରା ମିଳିଥିବା ଏହି ଜାତୀୟ ସ୍ୱୀକୃତି କେବଳ ଇନଫୋକ୍ରିଏଟିଭ୍ସ ସର୍ଭିସେସ୍‌ର ସୁନାମକୁ ବଢ଼ାଇ ନାହିଁ, ବରଂ ମୟୂରଭଞ୍ଜ ଓ ଓଡ଼ିଶା ପାଇଁ ଅପାର ଗର୍ବ ଆଣିଦେଇଛି। ଏହା ପ୍ରଯୁକ୍ତିବିଦ୍ୟା, ନୂତନତ୍ୱ ଓ ଉଦ୍ୟୋଗୀତା ପାଇଁ ଏକ ଉଦୀୟମାନ କେନ୍ଦ୍ର ଭାବେ ଏହି ଜିଲ୍ଲାର ବଢ଼ୁଥିବା ସାମର୍ଥ୍ୟକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଛି। ଏହି ସଫଳତା ସମଗ୍ର ଅଞ୍ଚଳର ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରେରଣା ଉତ୍ସ ସାଜିବ।



## ଜୁଲାଇ ୧୬ରେ 'ଦ ମିଲେଟ୍ ଡାଏରୀ'

'ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ନିର୍ମିତ 'ଦ ମିଲେଟ୍ ଡାଏରୀ': କେବଳ ଏକ ସିନେମା ନୁହେଁ, ବରଂ ଏଥିରୁ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ସ୍ପଷ୍ଟ ବାରି ହେଉଛି । ଆସନ୍ତା ଜୁଲାଇ ୧୬ତାରିଖ ରଥଯାତ୍ରା ଅବସରରେ ଏହି ଚଳଚ୍ଚିତ୍ରଟି ପରଦାକୁ ଆସୁଛି । ଏହି ସିନେମାଟି ଅତୀତର ସେହି ସମୟକୁ ନେଇଯିବ, ଯେଉଁଠି ମାଣ୍ଡିଆ କେବଳ ଏକ ଶସ୍ୟ ନଥିଲା, ଥିଲା ସଭ୍ୟତାର ପରିଚୟ । ସମସାମୟିକ କାଳଚକ୍ରର ଏକ ଶାଶ୍ୱତ ପ୍ରେମର ସୁନ୍ଦର ଝଲକ ଏହି ଚଳଚ୍ଚିତ୍ରକୁ ଅଧିକ ଭାବପୂର୍ଣ୍ଣ କରିଛି । ବୈଦ୍ୟ ଓ ବିଜ୍ଞାନ କଥା ରହିଛି ଯାହା କଳିଙ୍ଗର ପାରମ୍ପରିକ 'କବିରାଜି' ଚିକିତ୍ସା ଏବଂ ପ୍ରତିକୂଳ ପରିସ୍ଥିତିରେ ଜଣେ ବୈଦ୍ୟଙ୍କ ଦୃଢ଼ ଆତ୍ମବିଶ୍ୱାସର କାହାଣୀ ହେଉଛି 'ମିଲେଟ୍ ଡାଏରୀ' । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ୍ ରାଜେଶ ଏବଂ ଶ୍ରୀତମ ଦାସ ଅଭିନୟ କରିଛନ୍ତି । ଅନ୍ୟାନ୍ୟ ପ୍ରମୁଖ କଳାକାରମାନଙ୍କ ମଧ୍ୟରେ କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସାନ୍ଟୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଏବଂ ଶ୍ରେୟା ପ୍ରମୁଖ ଅଛନ୍ତି । ଏହାର ପ୍ରଯୋଜନା ଓ କାହାଣୀରେ ଜେ.ଆର୍.ଏମ୍ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହାନ୍ତ । ସିନେମାଟିର ଚିତ୍ରନାଟ୍ୟ ଓ ସଂଳାପରେ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଅଛନ୍ତି । ସଙ୍ଗୀତରେ ପ୍ରେମ ଆନନ୍ଦ ଅଛନ୍ତି । ଅନ୍ୟପଟେ "ଏହି ଚଳଚ୍ଚିତ୍ର ଦର୍ଶାଏ ଯେ ମାଣ୍ଡିଆ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟିର ଶକ୍ତି । ଶତ୍ରୁ କିମ୍ବା ପ୍ରକୃତିର ପ୍ରକୋପ- ସବୁଥିରୁ ନିଜକୁ ବଞ୍ଚାଇବା ପାଇଁ ଆମ ପୂର୍ବପୁରୁଷ କିଭଳି ଏହି 'ଶ୍ରୀଅନ୍ନ'କୁ ନିଜର ସାହାରା କରିଥିଲେ, ତାହା ଏବେକାର ପିଢ଼ି ପାଇଁ ଏକ ବଡ଼ ଶିକ୍ଷା ।" ■



## ଆସିବ 'ବାହୁବଳୀ-୩'

ଏସ୍‌ଏସ୍ ରାଜମୌଳିଙ୍କ ଫିଲ୍ମ 'ବାହୁବଳୀ' ଏବଂ 'ବାହୁବଳୀ-୨'କୁ ଦର୍ଶକୀୟ ଆଦୃତି ମିଳିଛି । ତେବେ 'ବାହୁବଳୀ ୨' ପରେ ଲୋକେ ଭାବୁଥିଲେ ଏହାର ତୃତୀୟ ଭାଗ ଆସିବ ନାହିଁ । ତେବେ ଏବେ ଏହାର ତୃତୀୟ ଭାଗକୁ ନେଇ ବଡ଼ ଅପଡେଟ୍ ଆସିଛି । ନେଟ୍‌ଫ୍ଲିକ୍ସର ଡକ୍ୟୁମେଣ୍ଟ୍ରି 'ବାହୁବଳୀ: ଦ ଟାର୍ଚବିୟରର' ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ପ୍ରଭାସ, ଅନୁଷ୍କା ସେଟି ଏବଂ ରାଣା ଦଗ୍‌ଗୁବତୀ ନଜର ଆସିଛନ୍ତି । ତିନି କଳାକାର ଏକଥା ଇଙ୍ଗିତ କରିଛନ୍ତି ଯେ, ଏହି ଫ୍ରାଞ୍ଚାଇଜ୍‌ର ଆଉ ଏକ ବଡ଼ ଫିଲ୍ମ ଆସିପାରେ । ରାଣା ଏହି ଭିଡିଓରେ କହିଛନ୍ତି ଯେ, ବାହୁବଳୀ ନିହାତି ଆସିବ । ଏହାପରେ ପ୍ରଭାତ ତିନିଟି ଅଙ୍ଗୁଳି ଦେଖାଇ ହସିଛନ୍ତି । ପୁଣି ଏହାପରେ ଅନୁଷ୍କା ଓ ରାଣା ପ୍ରଭାସଙ୍କ ହାତ ଧରି ହସିଛନ୍ତି । ଏହି ଭିଡିଓଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ଲୋକେ ଅନୁମାନ କରୁଛନ୍ତି ଯେ, ନିର୍ମାତା ଖୁବ୍‌ଶୀଘ୍ର 'ବାହୁବଳୀ-୩' ଆଣିପାରନ୍ତି । ଅବଶ୍ୟ ନିର୍ମାତାଙ୍କ ପକ୍ଷରୁ ଏହାକୁ ନେଇ କିଛି ସ୍ପଷ୍ଟ ସୂଚନା ସାମ୍ନାକୁ ଆସି ନାହିଁ । ■





## ପରଦା ପଛର କାହାଣୀ
## ପ୍ରଥମ ଦୃଶ୍ୟ ସୁଟିଂରେ ଭୟରେ ଥରହର ଅମିଷା

ବଲିଉଡ୍ ଷ୍ଟାର୍ ସନ୍ନି ଦେଓଲ ଓ ଅଭିନେତ୍ରୀ ଅମିଷା ପଟେଲଙ୍କ ଅଭିନୀତ 'ଗଦର: ଏକ୍ ପ୍ରେମ କଥା' ଫିଲ୍ମକୁ ନିକଟରେ ୨୫ ବର୍ଷ ପୂରିଲା । ଏହି ବିଶେଷ ଅବସରରେ ଅଭିନେତ୍ରୀ ଅମିଷା ପଟେଲ ଫିଲ୍ମ ସହ ଜଡ଼ିତ ପୁରୁଣା ଦିନର ସ୍ମୃତିକୁ ସ୍ମରଣ କରିଛନ୍ତି । ତେବେ ଫିଲ୍ମରେ ଅମରୀଶ ପୁରୀଙ୍କ ସାମ୍ନାରେ ପ୍ରଥମ ଦୃଶ୍ୟ ସୁଟିଂରେ କିପରି ଭୟର ଥରିଥିଲେ ତାହା ପ୍ରକାଶ କରିଛନ୍ତି । ଗଦର ସେଟ୍‌ରେ ପହଞ୍ଚିବା ପରେ ତାଙ୍କୁ ଅମରୀଶପୁରୀଙ୍କ ସହ ଭାବପ୍ରବଣ ଦୃଶ୍ୟ ସୁଟିଂ କରିବାର ଥିଲା । ଏହି ଫିଲ୍ମରେ ଅମରୀଶଙ୍କ ସହ ତାଙ୍କର ଏହା ପ୍ରଥମ ଦୃଶ୍ୟ ସୁଟିଂ ଥିଲା । ଫଳରେ ସେ ଭୟରେ ଥରହର ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ଏହା ଫିଲ୍ମରେ କାର୍ଯ୍ୟ କରିବାର ଏକ ଭଲ ଅନୁଭୂତି ପାଲଟିଥିଲା । ଅମରୀଶ ସୁଟିଂ ସେଟ୍‌ରେ ମୋ କାମକୁ ଖୁବ୍ ସହଜ କରିଦେଇଥିଲେ । ଏଥିସହ ସେ ଜଣେ ଏତେ ବଡ଼ ସୁପରଷ୍ଟାର ଏବଂ ମୁଁ ନ୍ୟୁକମର୍ ବୋଲି ଅନୁଭବ ହେବାକୁ ମଧ୍ୟ ଦେଇ ନ ଥିଲେ । 'ଇଣ୍ଡିଆ ଟୁଡେ' ସହ ବାର୍ତ୍ତାଳାପ ପରେ ସେ ଏବେ ବି ଅମରୀଶଙ୍କୁ ବହୁତ ମନେ ପକାନ୍ତି ବୋଲି କହିଛନ୍ତି । ସୁଟିଂ ସମୟରେ ସେ ଅମରୀଶଙ୍କୁ ଭୟ କରୁଥିଲେ ସତ, ହେଲେ ବାସ୍ତବରେ ସେ ଜଣେ ଖୁବ୍ ଭଲ ମଣିଷ ବୋଲି ଅମିଷା କହିଛନ୍ତି । ସେଟ୍‌ରେ ସେ ଖୁବ୍ ମଜାମସ୍ତି କରୁଥିଲେ । ମୋଗାମ୍ବୋ ଏବଂ ଆସରଫ୍ ଅଲି ଭଳି ଭୟଙ୍କର ଚରିତ୍ର ଦେଖି, କେହି କେବେ କଳ୍ପନା କରିନଥିବେ ଯେ ସେ ବାସ୍ତବରେ କେତେ ହସଖୁସ୍ ମିଜାଜ୍‌ର ଥିଲେ । "ଗଦର: ଏକ୍ ପ୍ରେମ କଥା' ପୂର୍ବରୁ ଅମିଷା କେବଳ ଗୋଟିଏ ଫିଲ୍ମ 'କହୋ ନା ପ୍ୟାର ହେ'ରେ ଅଭିନୟ କରିଥିଲେ । ■

## ଚର୍ଚ୍ଚାରେ 'କନ୍ଧମାଳ ହଳଦୀ'

ବର୍ତ୍ତମାନ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ମ୍ୟୁଜିକ୍ ଭିଡିଓକୁ । ୟୁଟ୍ୟୁବ୍ ଜରିଆରେ ପ୍ରତ୍ୟେକ ଦିନ ରିଲିଜ୍ ହେଉଛି ଭିନ୍ନ ଭିନ୍ନ ଭିଡିଓ । ଏହି ଅବସରରେ 'ଓମ୍ ସମ୍ ଏଣ୍ଟରଟେନମେଣ୍ଟ' ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ 'କନ୍ଧମାଳ ହଳଦୀ' । କନ୍ଧମାଳ ହଳଦୀ ସବୁଠି ପ୍ରସିଦ୍ଧ । କନ୍ଧମାଳ ହଳଦୀକୁ ଆଧାର କରି ଏହି ଭିଡ଼ିଓଟି ତିଆରି ହୋଇଛି । ଏହି ଭିଡିଓଟିରେ ଅଭିନୟ କରିଛନ୍ତି ଅଭିନେତା ଜୟଦେବ୍ ରାଉଳ ଓ ଅଭିନେତ୍ରୀ ନେହା ନାଗେଶ୍ୱରୀ । ସେହିପରି ପ୍ରଯୋଜକ ଭାବରେ ଅଛନ୍ତି ରାଜେନ୍ଦ୍ର ମାଥାନ୍ । ଗୀତଟିରେ ଦେବେଶ ପତି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିରଜା ପ୍ରସାଦ ଓ ଗୀତ ଲେଖିଛନ୍ତି ନିର୍ମଳ ନାୟକ । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ସୂର୍ଯ୍ୟନ୍ ରଥ । ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି । ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେବେ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ । ■

## 'ଚୌହାନ'ରେ ଅଜୟ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ଆକ୍ସନ ସିନେମାର ଶୀର୍ଷକ ରିଲିଜ୍ ହୋଇଯାଇଛି । ଏହି ସିନେମାର ନାଁ 'ଚୌହାନ' । ଏହି ସିନେମାରେ ଅଜୟଙ୍କୁ ଏକ ନୂଆ ଓ ଦମ୍‌ଦାର ଅବତାରରେ ଦେଖିବାକୁ ମିଳିବ । ଫିଲ୍ମ ନିର୍ମାତା ଆନନ୍ଦ ଏଲ୍ ରୟଙ୍କ ସହିତ ଏହା ହେଉଛି ଅଜୟଙ୍କ ପ୍ରଥମ ସିନେମା । ସେହିପରି ଫିଲ୍ମଟିକୁ ଜିଓ ଷ୍ଟୁଡିଓ ପ୍ରଯୋଜନା କରୁଛି । ତେବେ ସିନେମାର ପ୍ରଥମ ଲୁକ୍ ଜାରି କରାଯାଇଛି । ତାହା ପୁଣି ଦିବଂଗତ ବୀରୁ ଦେବଗନଙ୍କ ଜୟନ୍ତୀରେ । ଏକ ଉଗ୍ର ପ୍ରଦର୍ଶନୀ ଝଲକରୁ ଭିଡିଓ ପ୍ରାରମ୍ଭ ହୋଇଛି । ସିନେମାର ନିର୍ଦ୍ଦେଶନାରେ ନୀରଜ ଯାଦବ ଅଛନ୍ତି । ଏହାସହ ଏହାର ନିର୍ମାଣରେ ଜ୍ୟୋତି ଦେଶପାଣ୍ଡେ, ଆନନ୍ଦ ଏଲ୍ ରୟ, ହିମାଂଶୁ ଶର୍ମା କରିଛନ୍ତି । ସିନେମାଟି ୨୦୨୭ ମସିହା ଅକ୍ଟୋବର ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

ସାକ୍ଷାତ୍କାର

## "ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ"

**ଦେବସ୍ମିତା ପଣ୍ଡା, ଅଭିନେତ୍ରୀ**

ରିଆଲିଟି ଶୋ'ରୁ ଓଲିଉଡ୍‌କୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା । ମଡର୍ଣ୍ଣ ଲୁକ୍ ହେଉ କି ରୋମାଣ୍ଟିକ୍ ସିନ୍, ଇମୋସନ୍, ସବୁଥିରେ ନିଜ ପ୍ରତିଭାକୁ ଚମତ୍କାର ଭାବେ ପ୍ରଦର୍ଶନ କରିଥାନ୍ତି ଅଭିନେତ୍ରୀ ଦେବସ୍ମିତା ପଣ୍ଡା । ରାଉରକେଲାରେ ତାଙ୍କର ଜନ୍ମ । ୨୦୧୪ ମସିହାରେ ସେ 'ରଜ୍ କୁଇନ୍' ରିଆଲିଟି ଶୋ'ର ବିଜେତା ଥିଲେ । 'ମୁଁ ବି ହିରୋଇନ୍ ହେବି'ର ସେ ବିଜେତା ମଧ୍ୟ ଥିଲେ । 'ରଘୁପତି ରାଘବ ରାଜାରାମ' ତାଙ୍କର ଡେବ୍ୟୁ ସିନେମା । ଏହାପରେ ସେ କିଛି ସିନେମା ଏବଂ ଧାରାବାହିକରେ ଅଭିନୟ କରିଛନ୍ତି । ତନ୍ମଧ୍ୟରୁ 'ତୋ ପାଇଁ ମୁଁ' ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସେ ସକ୍ଷମ ହୋଇ ପାରିଛନ୍ତି । ଅଭିନୟ ଜଗତକୁ ଆସିବା ପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ... ।

**ଅଭିନୟ ଯାତ୍ରା କିପରି ଥିଲା?**

- ବ୍ୟାଙ୍କ୍‌ରେ ଚାକିରି କରିବାକୁ ସ୍ୱପ୍ନ ଦେଖିଥିଲି । କଷ୍ଟିଂ କରିଥିଲି । ସ୍କୁଲ ଓ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ମୋ ସାନ ଭଉଣୀ ୨୦୧୪ ମସିହାରେ ମୋତେ 'ରଜ କୁଇନ୍'ରେ ଅଂଶଗ୍ରହଣ କରିବାକୁ କହିଥିଲା । ଏଥିପାଇଁ ମୋର ପରିବାରର ମୋତେ ସହଯୋଗ କରିଥିଲେ । ଏହି ପ୍ଲାଟଫର୍ମରେ ନିଜର ପ୍ରତିଭା ପ୍ରଦର୍ଶିତ କରି ମୁଁ ବିଜେତା ହୋଇଥିଲି । 'ମୁଁ ବି ହିରୋଇନ୍ ହେବି'ରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲି । ସୌଭାଗ୍ୟବଶତଃ ଏଥିରୁ ମୋତେ 'ରଘୁପତି ରାଘବ ରାଜାରାମ' ସିନେମା କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୁନ୍ନା ଭାଇ, ଦେବାଶିଷ ଭାଇଙ୍କ ସମେତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାର୍ ମୋତେ ବହୁତ ସହଯୋଗ କରିଥିଲେ । ଏହା ପରେ ଅଭିନୟ ଯାତ୍ରା ଆଗକୁ ବଢ଼ିଥିଲା । 'ଭଲପାଏ ତୋତେ ମୁଁ ଶହେରୁ ଶହେ'ରେ ଅତିଥି କଳାକାର ଭାବେ ନଜର ଆସିଥିଲି । ପରେ ଧାରାବାହିକ 'ଟୁପୁର୍ ଟାପର୍', 'ତୋ ପାଇଁ ମୁଁ', 'ବିଜୟିନୀ' ଧାରାବାହିକରେ ଅଭିନୟ କରିଲି । 'ତୋ ପାଇଁ ମୁଁ' ଧାରାବାହିକର 'ଭୂମି' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଛତିଶଗଡ଼ି ହିନ୍ଦୀ ସିନେମା 'ମେରି ମା କର୍ମା'ରେ ମଧ୍ୟ ଅଭିନୟ କରିଛି ।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି କେମିତି ଥିଲା?**

- 'ରଜକୁଇନ୍' ଓ 'ମୁଁ ବି ହିରୋଇନ୍ ହେବି'ର ପ୍ଲାଟ୍‌ଫର୍ମରେ କେମିତି ଅଭିନୟ କରିବାକୁ ହୁଏ, କ୍ୟାମେରାକୁ କେମିତି ସାମ୍ନା କରାଯାଏ, ନୃତ୍ୟ କରିବା ସବୁକିଛି ଜାଣି ଯାଇଥିଲି । ତେଣୁ ଏହି ଅନୁଭୂତି ମୋତେ ଫିଲ୍ମ ସୁଟିଂ କରିବାରେ ସାହସ ଦେଇଥିଲା । ତେଣୁ ପ୍ରଥମ ଦିନରେ ମୋତେ ଏତେ ଭୟ ଲାଗିନଥିଲା ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ନାଚ, ଗୀତ, ଚିତ୍ର ଆଙ୍କିବାକୁ ଭଲ ଲାଗେ ।



**ଅଭିନୟକୁ ଜୀବନ୍ତ କରିବାକୁ କଣ କରନ୍ତି?**

- ମୁଁ ଯେତେବେଳେ ଏହି ଲାଇନ୍‌କୁ ଆସିଥିଲି ସେତେବେଳେ ବହୁତ ପ୍ଲାଟ୍‌ଫର୍ମ ଥିଲା । ତେବେ ସବୁଠି ପ୍ରତିଯୋଗିତା । ତଥାପି ମୁଁ ମୋ ନିଜ ଉପରେ କେତେ ବିଶ୍ୱାସ ରଖି କାମ କରିବି ତାହାକୁ ଗୁରୁତ୍ୱ ଦେଇଥିଲି । ଏହି ଆତ୍ମବିଶ୍ୱାସ ବଳରେ ମୁଁ ଏତେବାଟ ଆସିପାରିଛି । ଏହା ସହିତ ସବୁବେଳେ ମୁଁ ନିର୍ଦ୍ଦେଶକଙ୍କ କଥା ମାନି ମୋର ଚରିତ୍ରକୁ କିପରି ଭଲ କରିବି ତାହାକୁ ଗୁରୁତ୍ୱ ଦିଏ । ଯାହାବି ଚରିତ୍ର ମିଳେ ସେଥିରେ ପ୍ରଥମେ ମୁଁ ନିଜକୁ ପ୍ରବେଶ କରାଏ ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ସୁନାରେ ନିବେଶ କରିଥିଲି ।

**ଦେବସ୍ମିତାଙ୍କ ଆଗାମୀ ଯୋଜନା ?**

- ରିଆଲିଟି ଶୋ'ରେ ନଜର ଆସୁଛି । ଫିଲ୍ମରେ କାମ କରିବାକୁ ଯୋଜନା ଥିବାରୁ ମେଗାଧାରବାହିକରେ କାମ କରୁନି ।

**ଫିଟ୍ ରହିବାକୁ କ'ଣ କରନ୍ତି?**

- କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ତେଣୁ ସୁଟିଂ ସେଟ୍‌ର ବ୍ୟସ୍ତତା ଭିତରେ ମୁଁ ମୋ ନିଜକୁ ସମୟ ଦିଏ । ଫିଟ୍ ରଖିବାକୁ ଘରୋଇ ଖାଦ୍ୟ ଖାଏ ।

**ଡ୍ରିମ୍ ରୋଲ?**

- ମୁଁ ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ । ତେଣୁ ବହୁତ ଇଚ୍ଛା ଅଛି 'ବେଟା' ସିନେମାର ଶ୍ରୀଦେବୀଙ୍କ ପରି ଚରିତ୍ର କରିବାକୁ । ତାଙ୍କ ପରି ଆତ୍ମନିର୍ଭରଶୀଳ ଏବଂ ରାଉଡି ପରି ଚରିତ୍ର କରିବାକୁ ଇଚ୍ଛା ଅଛି ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

- ସମସ୍ତେ ଭାବନ୍ତି ଅଭିନୟ କରିବା ବହୁତ ସହଜ । ହେଲେ ବାସ୍ତବ କଥା ହେଉଛି ବହୁତ କଷ୍ଟ । ଯେପର୍ଯ୍ୟନ୍ତ ତମେ ଅଭିନୟ କ'ଣ ଶିଖିନ କି ବୁଝିନ, ସେ ପର୍ଯ୍ୟନ୍ତ ଜୀବନ୍ତ ଅଭିନୟ କରିପାରବ ନାହିଁ । ଭିକାରି ଚରିତ୍ର ମିଳିଲେ ବି ତା' ଭିତରେ ପଶିବାକୁ ପଡ଼ିବ । ନଚେତ ଏ ଲାଇନ୍‌ରେ ଆଗକୁ ବଢ଼ିବା ସମ୍ଭବ ନୁହେଁ । ■






# କାନାଡାକୁ ହରାଇ କ୍ୱାର୍ଟରରେ ମରୋକ୍କୋ



**ହଷ୍ଟନ,୪।୭(ଏଜେନ୍ସି):** ଯୁଗ୍ମ ଆୟୋଜକ କାନାଡାକୁ ୩-୦ ଗୋଲରେ ହରାଇ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ଫୁଟବଲର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ମରୋକ୍କୋ ପକ୍ଷରୁ ଆଜେଦାଇନ୍ ଓଉନାହି ୨ଟି ଏବଂ ସୌଫିଆନେ ରହିମି ଗୋଟିଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ମରୋକ୍କୋ ଆଜି ରାତିରେ ଅନୁଷ୍ଠିତ ଫ୍ରାନ୍ସ ଓ ପାରାଗୁଏ ମୁକାବିଲାର ବିଜେତାକୁ ଭେଟିବ। ଆଘାତ ସମସ୍ୟା ଓ ଫାଉଲ ଖେଳରେ ଛନ୍ଦିହୋଇପଡ଼ିଥିବା ଏହି ମ୍ୟାଚ୍‌ରେ ରେଫରି ମାଇକେଲ ଅଲିଭର ପ୍ରତ୍ୟେକ ଦଳର ୪ଜଣ ଲେଖାଏଁ ୮ଜଣ ଖେଳାଳିଙ୍କୁ ୟେଲୋକାର୍ଡ ଦେଖାଇଥିଲେ। ମରୋକ୍କୋର ଷ୍ଟ୍ରାଇକର ଇସ୍ମାଏଲ ସାଇବାରିଙ୍କ ମାଂସପେସୀ ଟାଣି ହୋଇଯିବାରୁ ସେ ଏହି ମ୍ୟାଚ୍‌ରେ ମାତ୍ର ୧୦ ମିନିଟ୍ ଖେଳିଥିଲେ। ଏହି ମ୍ୟାଚ ଆରମ୍ଭରୁ କାନାଡା ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ୬୭ ଭାଗ ବଲ ମରୋକ୍କୋ ନିୟନ୍ତ୍ରଣରେ ରହିଥିଲା। ହାଇଡ୍ରେସନ ବ୍ରେକ୍ ପରେ ବଲ ନିୟନ୍ତ୍ରଣକୁ ନେଇ ମରୋକ୍କୋ ଅଧିନାୟକ ଅର୍ଚାଫ୍ ହାକିମି ଓ କାନାଡା ରିଚି ଲାରେୟାଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା। ଏହାକୁ ନେଇ ଉଭୟ ଦଳ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଖେଳ ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ମରୋକ୍କୋ ଦଳ ଅଧିକ ଯୋଜନାବଦ୍ଧ ଭାବେ ଖେଳିଥିଲା। ବିଶେଷ କରି ଅଧିନାୟକ ହାକିମି ସୁଯୋଗ ସୃଷ୍ଟି କରିଥିଲେ। ତାଙ୍କ ଦ୍ୱାରା ପାସ୍ ପାଇ ଓଉନାହିଁ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଖେଳ ବେଶ ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ଶେଷ ହେବାକୁ ଯାଉଥିଲାବେଳେ ଇଞ୍ଜୁରୀ ଟାଇମ୍ ବା ୯୮ତମ ମିନିଟ୍‌ରେ ରହିମି ଆଉ ଏକ ଗୋଲ ଦେଇ ମରୋକ୍କୋର ବିଜୟ ସୁନିଶ୍ଚିତ କରିଥିଲେ।

## ହଲାଣ୍ଡ ଓ ନରୱେକୁ ଡରୁଛି ବ୍ରାଜିଲ୍

**ନ୍ୟୁୟର୍କ,୪।୭(ଏଜେନ୍ସି):** ବ୍ରାଜିଲ ଓ ନରୱେ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୫ଥରର ଚାମ୍ପିଅନ ବ୍ରାଜିଲ ଫେବରାଇଟ ବୋଲି ସମସ୍ତେ ଆଶା କରୁଛନ୍ତି। କିନ୍ତୁ ବ୍ରାଜିଲ୍‌ର ହେଡ୍ କୋଚ୍ କାର୍ଲୋ ଆନ୍‌ସେଲୋଟିଙ୍କ ମତ ଭିନ୍ନ। ତାଙ୍କ ମତରେ ନରୱେ ଏକ ଶକ୍ତିଶାଳୀ ଦଳ। ଏହି ଦଳରେ ଏର୍ଲିଙ୍ଗ ହଲାଣ୍ଡଙ୍କ ପରି ସୁପରଷ୍ଟାର ଖେଳାଳି ରହିଛନ୍ତି। ବ୍ରାଜିଲର ରେକର୍ଡ ମଧ୍ୟ ଭଲ ନୁହେଁ। ଉଭୟଙ୍କ ମଧ୍ୟରେ ୪ଥର ମୁକାବିଲା ହୋଇଥିଲେ ନରୱେ ବିପକ୍ଷରେ ଦକ୍ଷିଣ ଆମେରିକାର ଏହି ଶକ୍ତିଶାଳୀ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିନାହିଁ। ୪ଟି ମୁକାବିଲାରୁ ୨ଟି ମ୍ୟାଚ୍ ଡ୍ର ରହିଥିଲାବେଳେ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଶେଷଥର ଦଳ ୧୯୯୮ ବିଶ୍ୱକପ୍‌ରେ ହାରିଥିଲା। ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ମଧ୍ୟ ଭଲ ଖେଳି ନାହିଁ। ଯଦିଓ ଦଳ ତାହାର ଶେଷ ୪ଟି ମ୍ୟାଚ୍‌ରେ ୩ଟି ବିଜୟ ହାସଲ କରିଛି ତଥାପି ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍ ଜିତିବାକୁ ୯୫ ମିନିଟ୍ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ଗାବ୍ରିଏଲ ମାର୍ଟିନେଲୀଙ୍କ ଗୋଲ ବଳରେ ବ୍ରାଜିଲ ଏହି ମ୍ୟାଚ୍ ଜିତିଥିଲା। ଯେଉଁ କଳାତ୍ମକ ଖେଳ ଲାଗି ବ୍ରାଜିଲର ଖ୍ୟାତି ରହିଛି ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଦଳର ସୁପରଷ୍ଟାର ନେମାର ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏପରି ସ୍ଥଳେ ଭିନିସିଅସ ଜୁନିଅରଙ୍କ ଖେଳ ଉପରେ ବ୍ରାଜିଲ ନିର୍ଭର କରୁଛି। ଅନ୍ୟ ପକ୍ଷରେ ନରୱେ ହେଡ୍ କୋଚ୍ ଷ୍ଟେଲ ସୋଲବାକେନ୍ ମଧ୍ୟ ବ୍ରାଜିଲକୁ ସମ୍ମାନ ଦିଅନ୍ତି। ତାଙ୍କ ମତରେ ଆମ ବିପକ୍ଷରେ ବ୍ରାଜିଲ ସହଜରେ ବିଜୟୀ ହୋଇପାରିବ ନାହିଁ। ଷ୍ଟେଲ୍‌ଙ୍କ ମତରେ ବ୍ରାଜିଲ ଏବେ ଫର୍ମକୁ ଫେରିଆସିଲାଣି। ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ଖେଳରେ ଉନ୍ନତି ହୋଇଛି। ପ୍ରତ୍ୟେକ ପୋଜିସନରେ ସେମାନଙ୍କର ଶ୍ରେଷ୍ଠ ଖେଳାଳିମାନେ ରହିଛନ୍ତି।

## ସବୁ ରେକର୍ଡ ଭାଙ୍ଗିଲା ଆତ୍ମଘାତୀ ଗୋଲ୍

**ଡଲାସ,୪।୭(ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଦୁଇଟି ନୂଆ ରେକର୍ଡ ହୋଇଛି। ପ୍ରଥମଟି ହେଉଛି ଆତ୍ମଘାତୀ ଗୋଲ ଏବଂ ଦ୍ୱିତୀୟଟି ହେଉଛି ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲ। ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଇଜିପ୍ଟ ବନାମ ଅଷ୍ଟ୍ରେଲିଆ ରାଉଣ୍ଡ-୩୨ ମୁକାବିଲାରେ ବିଜୟୀ ଦଳର ଡିଫେଣ୍ଡର ମହମ୍ମଦ୍ ହାନି ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ହେଉଛି ୧୩ତମ ଆତ୍ମଘାତୀ ଗୋଲ ଓ ଏହା ଫଳରେ ୨୦୧୮ ରୁଷିଆରେ ହୋଇଥିବା ୧୨ଟି ଗୋଲର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ଏତିକିରେ ଏହି ରେକର୍ଡ ବନ୍ଦ ହୋଇ ନ ଥିଲା। ଶନିବାର ସକାଳେ ଆର୍ଜେଣ୍ଟିନା ଓ ଦୁଃସାହସୀ କେପ୍ ଭର୍ଡ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆଉ ଏକ ଗୋଲ ଏହି ତାଲିକାରେ ଯୋଡି ହୋଇଯାଇଛି। କେପ୍ ଭର୍ଡର ଡିନେ ବୋର୍ଜେସ୍ ଏହି ବିଶ୍ୱକପ୍‌ର ୧୪ତମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି। ଅବଶ୍ୟ ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ଫଳରେ ଆତ୍ମଘାତୀ ଗୋଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସ୍ୱାଭାବିକ୍। ସେହିପରି ରାଉଣ୍ଡ-୩୨ ମ୍ୟାଚ୍ ଶେଷରେ ୪୬ଟି ଗୋଲ ବଦଳ ଖେଳାଳିଙ୍କ ଦ୍ୱାରା ସ୍କୋର ହୋଇଛି। ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଗୋଟିଏ ସଂସ୍କରଣରେ ସର୍ବାଧିକ ୩୦ଟି ଗୋଲ ହୋଇଥିଲା।

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଇଜିପ୍ଟର ମହମ୍ମଦ ହାନି ଚଳିତ ବିଶ୍ୱକପ୍‌ରେ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଫଳରେ ୧୯୬୬ରେ ବେଲଜିୟମର ଡିଫେଣ୍ଡର ଇଭାନ ଭୁଟସୋଭଙ୍କ ପରେ ଗୋଟିଏ ଟୁର୍ଣ୍ଣାମେଂଟରେ ୨ଟି ଆତ୍ମଘାତୀ ଗୋଲ କରିବାରେ ଦ୍ୱିତୀୟ ଖେଳାଳି।




| ଫିଫା ବିଶ୍ୱକପ୍ |
| --- |
| ରାଉଣ୍ଡ ଅଫ୍ ୧୬ ମୁକାବିଲା |
| ରବିବାର ରାତି |
| ବ୍ରାଜିଲ-ନରୱେ |
| ନ୍ୟୁୟର୍କ, ରାତି ୧.୩୦ |
| ସୋମବାର ସକାଳ |
| ଇଂଲଣ୍ଡ-ମେକ୍ସିକୋ |
| ମେକ୍ସିକୋ ସିଟି, ସକାଳ ୫ଟା |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଘାନାକୁ ବିଦାକଲା କଲମ୍ବିଆ

**କାନ୍‌ସାସ୍ ସିଟି,୪।୭(ଏଜେନ୍ସି):** ଜନ୍ ଆରିଆସ୍‌ଙ୍କ ଏକମାତ୍ର ଗୋଲ ବଳରେ ଘାନାକୁ ୧-୦ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। କଲମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟରେ ପ୍ରଥମ ନକ୍‌ଆଉଟ ବିଜୟ ହାସଲ କରିଛି। ଜୁଲାଇ ୬ ତାରିଖ ମଙ୍ଗଳବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଶେଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ କଲମ୍ବିଆ ସହ ଏର୍ଲିଙ୍ଗ ହଲାଣ୍ଡଙ୍କ ସ୍ୱିଜରଲାଣ୍ଡର ମୁକାବିଲା ହେବ। ଏଠାରେ ଖେଳାଯାଇଥିବା ମୁକାବିଲା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଖେଳର ୧୪ତମ ମିନିଟ୍‌ରେ ଆରିଆସ୍ ଗୋଲ ସ୍କୋର କରିବା ପରେ ଘାନା ଏହି ଗୋଲ ଶୁଝାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ୬୨ ଭାଗ ବଲ୍ ନିୟନ୍ତ୍ରଣରେ ରଖିଥିବା କଲମ୍ବିଆ ଉପରେ ଘାନା ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। କଲମ୍ବିଆ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଏତେ ଉନ୍ନତ ସମନ୍ୱୟ ଥିଲା ଯେ ଘାନାର ଫରୱାର୍ଡ ଖେଳାଳି ପୋଷ୍ଟ ଏରିଆରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନଥିଲେ। ଫଳରେ କଲମ୍ବିଆ ସହଜ ବିଜୟ ହାସଲ କରି ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ହାସଲ କରିଥିଲା।



## ଅଷ୍ଟ୍ରେଲିଆ ସୁଟ୍‌ଆଉଟ; ନକ୍‌ଆଉଟରେ ଇଜିପ୍ଟର ପ୍ରଥମ ବିଜୟ

**ଡଲାସ,୪।୭(ଏଜେନ୍ସି)**

ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଜିପ୍ଟ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଇଜିପ୍ଟ ପ୍ରଥମଥର ଲାଗି ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଛି। ଜୁଲାଇ ୭ ତାରିଖ ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲରେ ଇଜିପ୍ଟ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ରାଉଣ୍ଡ ଅଫ୍ ୩୨ର ଶେଷ ମୁକାବିଲାରେ କେପ୍ ଭର୍ଡକୁ ଅତିରିକ୍ତ ସମୟରେ ୩-୨ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି।

ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇଜିପ୍ଟ ସହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଜୋରଦାର ମୁକାବିଲା କରିଥିଲା। ଖେଳର ୧୩ତମ ମିନିଟ୍‌ରେ କରିମ୍ ହାଫିଜ୍‌ଙ୍କଠାରୁ ପାଶ୍ ପାଇ ଏମାମ ଆଶୋର ଇଜିପ୍ଟ ଲାଗି ପ୍ରଥମ ଗୋଲ ଦେଇଥିଲେ। ଫିଫା ବିଶ୍ୱକପ୍ ନକ୍‌ଆଉଟରେ ଏହା ଥିଲା ଇଜିପ୍ଟର ପ୍ରଥମ ଗୋଲ। ଏହା ପରେ ଖେଳର ୫୫ତମ ମିନିଟ୍‌ରେ ମହମ୍ମଦ୍ ହାନିଙ୍କ ଆତ୍ମଘାତୀ ଗୋଲ ବଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ଖେଳର ମିମାଂସା ହୋଇ ନ ପାରିବାରୁ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଜିପ୍ଟ ପ୍ରଥମ ୪ଟି ସଟ୍‌କୁ ଗୋଲରେ ପରିଣତ କରିଥିଲା। ଅଷ୍ଟ୍ରେଲିଆ ୪ଟି ମଧ୍ୟରୁ ଗୋଟିଏ ସଟ୍ ପୋଷ୍ଟ ବାହାରେ ମାରି ମିସ୍ କରିଥିଲା। ଅନ୍ୟ ଏକ ସଟ୍ ପୋଷ୍ଟ ବାର୍‌ରେ ବାଜି ଫେରିଆସିଥିଲା। ଫଳରେ ଏସିଆ ମହାଦେଶର ଏହି ଶେଷ ଦଳ ରାଉଣ୍ଡ-୩୨ ମୁକାବିଲାକୁ ୨-୪ରେ ହାରିଯାଇଥିଲା।



## କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତିଗଲା ଆର୍ଜେଣ୍ଟିନା



**ମିଆମି,୪।୭(ଏଜେନ୍ସି):** ଉତ୍ସାହୀ ଓ ଦୁଃସାହସ ଖେଳ ପ୍ରଦର୍ଶନ କରୁଥିବା କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତି ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ କେପ୍ ଭର୍ଡର ସ୍ମରଣୀୟ ଅଭିଯାନ ଶେଷ ହୋଇଛି। ଅନ୍ୟପକ୍ଷରେ ଇଜିପ୍ଟ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲା କରିବାକୁ ଆର୍ଜେଣ୍ଟିନା ସୁଯୋଗ ପାଇଛି। ଏହି ମୁକାବିଲାରେ ସୁପରଷ୍ଟାର ଲିଓନେଲ ମେସି ଖେଳର ୨୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୯ତମ ମିନିଟ୍‌ରେ କେପ୍ ଭର୍ଡର ଡେରଏ ଡୁଆର୍ଟେ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଖେଳର ୯୨ତମ ମିନିଟ୍‌ରେ ଆର୍ଜେଣ୍ଟିନାର ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ୧୦୩ତମ ମିନିଟ୍‌ରେ କେପ୍ ଭର୍ଡର ସିଡ୍‌ନୀ ଲୋପେଜ୍ କାର୍ବାଲ ଗୋଲ ସ୍କୋର କରିବା ପରେ ଖେଳ ୨-୨ ଗୋଲରେ ସମାନସ୍ତରରେ ଚାଲିଥିଲା। ୧୧୧ତମ ମିନିଟ୍‌ରେ ଏକ ଦୁର୍ଭାଗ୍ୟଜନକ ଗୋଲ କେପ୍ ଭର୍ଡକୁ ବିଶ୍ୱକପ୍‌ରୁ ବିଦା କରିଥିଲା। ଦଳର ପୋଷ୍ଟ ପାଖକୁ ମରାଯାଇଥିବା ପାସ୍‌କୁ ଆର୍ଜେଣ୍ଟିନାର କ୍ରିଷ୍ଟିଆନୋ ରୋମେରୋ ହେଡ୍ କରିଥିଲେ। ଏହା ପରେ ବଲଟି ଡିଫେଣ୍ଡର ଡିନେ ବୋର୍ଜେସଙ୍କ କାନ୍ଧରେ ବାଜି କେପ୍ ଭର୍ଡର ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏଥିରୁ ଆଉ ମୁକୁଳି ନପାରି ମ୍ୟାଚ୍‌କୁ କେପ୍ ଭର୍ଡ ହାତଛଡ଼ା କରିଥିଲା।

## ରେକର୍ଡ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଲଣ୍ଡନ, ୪।୭ (ଏଜେନ୍ସି):** ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଟାଇଟଲ୍ ପାଇଁ ରବିବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସାମ୍ନାସାମ୍ନି ହେବେ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରାତି ୮ଟାରେ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ସେହିଭଳି ଆୟୋଜକ ଇଂଲଣ୍ଡ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪୦ ରନରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ସୋଫି ମୋନିଲେକ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଠାରେ ଇଂଲଣ୍ଡକୁ ହରାଇ ରେକର୍ଡ ୭ମଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଘରୋଇ ଇଂଲଣ୍ଡ ୧୭ ବର୍ଷ ପରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟରେ ରହିଛି। ୨୦୦୯ରେ ଏହି ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସଂସ୍କରଣର ଫାଇନାଲରେ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା। ଯଦି ଇଂଲଣ୍ଡ ରବିବାର ବିଜୟୀ ହୁଏ ତେବେ ବିଶ୍ୱର ଦ୍ୱିତୀୟ ଦଳ ଭାବେ ଏକାଧିକଥର ଟି-୨୦ ବିଶ୍ୱକପ ଜିତିବାର ସୌଭାଗ୍ୟ ଲାଭ କରିବ। ତେଣୁ ଇଂଲଣ୍ଡ ୧୭ ବର୍ଷ ପରେ ପୁଣିଥରେ ଲର୍ଡ୍ସରେ ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି।

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି**

### ୱିମ୍ବଲଡନ ଟେନିସରେ ବିପର୍ଯ୍ୟୟ

## ହାରିଲେ ରିବାକିନା, ସ୍ୱିଆଟେକ

**ଲଣ୍ଡନ,୪।୭(ଏଜେନ୍ସି):** ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ଏକାଧିକ ସିଡେଡ ଖେଳାଳି ପରାଜିତ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ଏକକରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା (ବନାମ ଏଲିସେ ମେର୍ଟେନ୍ସ), ତୃତୀୟ ସିଡ୍ ଇଗା ସ୍ୱିଆଟେକ୍ (ବନାମ ଆଲେକ୍‌ଜାଣ୍ଡ୍ରା ଏଲା) ଓ ଷଷ୍ଠ ସିଡ୍ ଆମାଣ୍ଡା ଆନିସିମୋଭା (ବନାମ ମାଡିସନ୍ କିଜ୍‌ଙ୍କଠାରୁ) ପରାଜିତ ହୋଇଛନ୍ତି। କିନ୍ତୁ ୯ମ ସିଡ୍ ଲିଣ୍ଡା ନୋସ୍କୋଭା, ୧୩ଶ ସିଡ୍ ଜସ୍ମିନ୍ ପାଓଲିନ୍ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗ ଏକକରେ ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡ ଜ୍ୱେରେଭ୍, ୫ମ ସିଡ୍ ଆଲେକ୍ସ ଡି ମିନାଉର, ୯ମ ସିଡ୍ ଫାବିଓ କୋବୋଲି (ବନାମ କାରେନ ଖାଚାନୋଭ ୩-୨ରେ) ଓ ୧୩ଶ ସିଡ୍ ଜିରି ଲେହେକା ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

■ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ

## ଓଡ଼ିଶାକୁ ୨୦ ପଦକ; ମହିଳା ପ୍ରଥମ



**ଭୁବନେଶ୍ୱର, ୪।୭ (ସମିସ):** ଛତିଶଗଡ଼ର ରାୟପୁରଠାରେ ୧୧ତମ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିନିଗଲ୍ଫ ଦଳ ମୋଟ ୨୦ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଲାଭ କରିଛି। ଏହି ସଫଳତା ଲାଗି ଓଡ଼ିଶା ମିନିଗଲ୍ଫ ସଂଘ ପକ୍ଷରୁ ସମସ୍ତ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ଭାରତ ପାଇଁ ସର୍ବକନିଷ୍ଠ ପଦାର୍ପଣକାରୀ ହେଲେ ସୂର୍ଯ୍ୟବଂଶୀ**

# ବିଷ ଭରିଦେଲେ ବିଷ୍ଣୋଇ

**ମାଞ୍ଚେଷ୍ଟର,୪।୭(ଏଜେନ୍ସି):** ଏଠାରେ ଆଜି ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଭାରତକୁ ବିଷ ଭରିଦେଇଛନ୍ତି ଅନାମଧେୟ ଲେଗ୍ ସ୍ପିନର ରବି ବିଷ୍ଣୋଇ। ଭାରତୀୟ ଦର୍ଶକଙ୍କ ଭରପୁର ଉପସ୍ଥିତିରେ ଘରୋଇ ଇଂଲଣ୍ଡ ଆଗରେ ଏହି ମ୍ୟାଚ୍ ଜିତିବାକୁ ଭାରତ ୧୯୧ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇଂଲଣ୍ଡ ଇନିଂସର ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଦୁଇ ଓପନରଙ୍କୁ ଆଉଟ କରି ବଡ଼ ସଫଳତା ମଧ୍ୟ ଦେଇଥିଲେ। ତାଙ୍କ ବ୍ୟତୀତ ଅନ୍ୟ ବୋଲରଙ୍କ ଦିଶାହୀନ ବୋଲିଂ ସତ୍ତ୍ୱେ ୧୬ ଓଭର ଖେଳ ଶେଷ ବେଳକୁ ଇଂଲଣ୍ଡ ୫ ୱିକେଟ ହରାଇ ୧୪୨ ରନ୍ କରିଥିଲା। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ଶେଷ ୪ ଓଭର ବା ୨୪ଟି ବଲ୍‌ରେ ୪୯ ରନ୍ ଆବଶ୍ୟକ ହେଉଥିଲା। ୧୭ତମ ଓଭର ବୋଲିଂ କରିବାକୁ ଆସିଥିବା ରବି ବିଷ୍ଣୋଇ ନିଜର ଚମତ୍କାର ବୋଲିଂ ବଳରେ ଦାନ କରିଥିଲେ ୨୯ ରନ୍। ଏହି ଓଭରରେ ବେଥେଲ ୩ଟି ଛକା, ଗୋଟିଏ ଚୌକା ଓ ୨ଟି ୨ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ବିଷ୍ଣୋଇ ଆହୁରି ଦୟା ଦେଖାଇ ୨ଟି ନୋବଲ୍‌ରୁ ୩ ରନ୍ ଦେଇଥିଲେ। ବିଷ୍ଣୋଇଙ୍କ ଏହି ବିଶୃଙ୍ଖଳିତ ଓ ଲଜ୍ଜାଜନକ ବୋଲିଂ ଫଳରେ ଇଂଲଣ୍ଡ ଗୋଟିଏ ଓଭର ଓ ୪ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୪୬ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୬ ରନ୍ କରିଥିବା ଜ୍ୟାକବ ବେଥେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଇଂଲଣ୍ଡ ୧ରନ୍‌ରେ ୨ଟି ଓ ୫୧ ରନ୍‌ରେ ୩ଟି ୱିକେଟ ହରାଇଥିଲାବେଳେ ହ୍ୟାରୀ ବ୍ରୁକ୍‌ଙ୍କ ୧୫ବଲ୍‌ରୁ ଏବଂ ଟମ୍ ବାଣ୍ଟନଙ୍କ ୩୨ ବଲ୍‌ରୁ ୩୯ ରନ୍ ଲେଖାଏଁ ସଂଗ୍ରହ ବେଶ୍ ଉପଯୋଗୀ ହୋଇଥିଲା। ପୂର୍ବରୁ ୧୫ ବର୍ଷ ୯୯ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ଏଠାରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୧୦ ବଲ୍‌ରେ ୧୪ ରନ୍ କରି ଭାରତକୁ ନିରାଶ କରିଥିଲେ। ଦଳର ଜଣେ ହେଲେ ଖେଳାଳି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ନ ଥିଲେ। ଇଶାନ କିଶାନ ୪୯ ଓ ଅଭିଷେକ ଶର୍ମା ୪୩ ରନ୍ କରିଥିଲେ ମଧ୍ୟ ଆବଶ୍ୟକ ବେଳେ ନିଜ ୱିକେଟ ଫିଙ୍ଗିଦେଇଥିଲେ।

### ସଚିନଙ୍କ ୩୭ ବର୍ଷର ରେକର୍ଡ ଭାଙ୍ଗିଲା



ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଛନ୍ତି। ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳି ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପି ଏକାଧିକ ରେକର୍ଡ ଭଙ୍ଗ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ଭାରତ ପାଇଁ ସର୍ବକନିଷ୍ଠ କ୍ରିକେଟର୍ ହୋଇଛନ୍ତି। ଶନିବାର ପଦାର୍ପଣ କରିବା ସମୟରେ ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୯ ଦିନ ହୋଇଥିଲା। ଏହିକ୍ରମରେ ସୂର୍ଯ୍ୟବଂଶୀ ୩୭ ବର୍ଷ ତଳର ସଚିନ ତେନ୍ଦୁଲକରଙ୍କ ନାମରେ ରହିଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। ୧୯୮୯ ସଚିନ ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାବେଳକୁ ତାଙ୍କୁ ୧୬ ବର୍ଷ ୨୦୫ ଦିନ ବୟସ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ: ୧୯୦/୭, ୨୦ ଓଭର** (ଇଶାନ-୪୯, ଅଭିଷେକ-୪୩, ଆୟର-୩୭, ତିଲକ-୨୪, ସାମ କରାନ-୩/୩୩)।
**ଇଂଲଣ୍ଡ: ୧୯୧/୬, ୧୯ ଓଭର** (ବେଥେଲ ଅପରାଜିତ ୭୫, ବ୍ରୁକ୍-୩୯, ବାଣ୍ଟନ-୩୯, ଅର୍ଶଦୀପ-୩/୪୦)।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS